(ପୃଷ୍ଠା-୧୬+୪)

ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୪/୨୦୨୧ (୧୬+୪=୨୦ ପୃଷ୍ଠା) | Sambalpur, Friday, December 24/2021 | ★★

୧୮ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁ ଅଧିକ

## ରାଜ୍ୟରେ ପ୍ରତି ୧୦୦ ଦୁର୍ଘଟଣାରେ ୪୮ ଜଣଙ୍କ ଜୀବନ ଯାଉଛି

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ବେପରୁଆ ଗାଡ଼ିଚାଳନା ବହୁ ମୂଲ୍ୟବାନ୍ ଜୀବନକୁ ଉଜାଡ଼ି ଦେଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ରାଜ୍ୟରେ ଦୁର୍ଘଟଣା ହାର ହ୍ରାସରେ ବ୍ରେକ୍ ଲାଗି ପାରୁ ନାହିଁ। ଯାହାକି ଚିନ୍ତାର କାରଣ ହୋଇଛି। ରାଜ୍ୟରେ ଶଟ୍‌ଡାଉନ ଏବଂ ଲକ୍‌ଡାଉନ ଯୋଗୁ ୨୦୨୦ରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ସାମାନ୍ୟ ହ୍ରାସ ପାଇଥିଲା। ହେଲେ ୨୦୨୧ରେ ଦୁର୍ଘଟଣାଜନିତ ମୃତ୍ୟୁ ପୁଣି ଉପରମୁହାଁ ହୋଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୧୯ରେ ୧୧ ହଜାର ୬୪ ସଡ଼କ ଦୁର୍ଘଟଣାରେ ୫,୩୩୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦ରେ ୯,୮୧୭ ଦୁର୍ଘଟଣାରେ ୪,୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଲାଗୁ ହେବା କାରଣରୁ ୨୦୨୦ରେ ୨୦୧୯ ଅପେକ୍ଷା ଦୁର୍ଘଟଣାଜନିତ ମୃତ୍ୟୁ ହାର ପ୍ରାୟ ୧୧.୧୬% ହ୍ରାସ ପାଇଥିଲା। ତେବେ ଲକ୍‌ଡାଉନ ହଟିବା ପରେ ୨୦୨୧ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଘଟଣା ହାର ୧୫.୯୮ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୦ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ୩,୧୯୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୧ରେ ସମାନ ସମୟରେ ୩,୭୦୮ ଜଣଙ୍କ ମୃତ୍ୟୁ ଘଟିଛି। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜାତୀୟ ହାର ତୁଳନାରେ ରାଜ୍ୟରେ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରତି ୧୦୦ ଦୁର୍ଘଟଣାରେ ୪୮ ଜଣଙ୍କ ମୃତ୍ୟୁ ହେଉଥିବାବେଳେ ଜାତୀୟସ୍ତରରେ ମୃତ୍ୟୁ ସଂଖ୍ୟା ୩୬ ବୋଲି ବୈଠକରେ ସୂଚନା ଦିଆଯାଇଛି। ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ୨୦୧୫ରୁ ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ୧୦ ପ୍ରତିଶତ ହ୍ରାସ କରିବାକୁ ପଦକ୍ଷେପ ନେବା ଲାଗି କମିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା। ହେଲେ କମିବା ପରିବର୍ତ୍ତେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୦ ନଭେମ୍ବର ୯ ତାରିଖରେ କମିଟି ସଡ଼କ ଦୁର୍ଘଟଣାକୁ ନେଇ ରାଜ୍ୟ ସରକାର ନେଇଥିବା ପଦକ୍ଷେପର ସମୀକ୍ଷା କରିଥିଲା। ସମୀକ୍ଷାରୁ ଜଣାପଡିଥିଲା ଯେ ୨୦୧୪ରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୩,୯୩୧ ଥିବାବେଳେ ତାହା ୨୦୨୦ରେ ୪,୭୩୮ରେ ପହଞ୍ଚିଛି। ହେଲ୍‌ମେଟ ନ ପିନ୍ଧିବାରୁ ରାଜ୍ୟରେ ୪୧% ମୃତ୍ୟୁ ହେଉଛି। କେବଳ କିଛି ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିବା ଛଡ଼ା ଏ ଦିଗରେ ରାଜ୍ୟ ସରକାର ସେଭଳି କିଛି କଡ଼ା ପଦକ୍ଷେପ ନେଇନାହାନ୍ତି। ଦ୍ରୁତ ବେଗରେ ଗାଡ଼ି ଚାଳନା ଯୋଗୁ ୬୯ ପ୍ରତିଶତ ଏବଂ ୨୦ ପ୍ରତିଶତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ଘଟୁଛି। ରାଜ୍ୟରେ ଥିବା ବ୍ଲାକ୍‌ସ୍ପଟଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ୨୦୨୧ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ସମୟରେ ୨୦୧୯ ତୁଳନାରେ ଗଜପତି, ଜଗତ୍‌ସିଂହପୁର, ବୌଦ୍ଧ, ଝାରସୁଗୁଡ଼ା, ରାୟଗଡ଼ା, ମାଲକାନଗିରି ଏବଂ ନୂଆପଡ଼ା ଜିଲାରେ ୩୦ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ପାଇଥିବାରୁ କମିଟି ଚିନ୍ତାପ୍ରକଟ କରିଛି। ବିଶ୍ୱ ବ୍ୟାଙ୍କ ସର୍ଭେ ୨୦୨୦ ଅନୁଯାୟୀ ଭାରତରେ ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଦୁର୍ଘଟଣା ଯୋଗୁ ୫୦ ପ୍ରତିଶତ ମହିଳା ଘର ଚଳାଇବା ନେଇ ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ଭୋଗିବାକୁ ପଡୁଛି।

ସଡ଼କ ସୁରକ୍ଷା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ଓଡ଼ିଶାରେ ୨୦୨୦ରେ ମୋଟ୍ ୪,୭୩୮ଜଣ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ପ୍ରାୟ ୫,୦୦୦ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ମୁଖ୍ୟତଃ ମୋଟର ସାଇକେଲ ଚାଳକଙ୍କ ସଂଖ୍ୟା ସମୁଦାୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୫୩ ପ୍ରତିଶତ ଏବଂ ଦୁର୍ଘଟଣାରେ ୮୦ ପ୍ରତିଶତ ମୃତ୍ୟୁ ହେଲମେଟ୍ ପିନ୍ଧି ନ ଥିବାରୁ ହେଉଛି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପରିବହନ ବିଭାଗ ତରଫରୁ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ପ୍ରସ୍ତୁତ କରାଯାଇଛି। ଏମାନଙ୍କୁ ଫାଷ୍ଟ ରେସ୍ପଣ୍ଡର ଟ୍ରେନିଂ ଦିଆଯାଇଛି। ଗାଡ଼ିଚାଳକଙ୍କ ପାଇଁ ରିଫ୍ରେସ୍ ଟ୍ରେନିଂ କରାଯାଉଛି। ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ସେଭ୍ ଲାଇଫ୍ ଫାଉଣ୍ଡେଶନ ଦ୍ୱାରା ସର୍ଭେ କରାଯାଇ ତ୍ରୁଟି ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ଆଇନ ସଚିବ, ପୋଲିସ ବିଭାଗର ଅତିରିକ୍ତ ଡିଜି, ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସଡ଼କ ସୁରକ୍ଷା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଜାତୀୟ ହାର ତୁଳନାରେ ବେଶୀ**



ଗୁରୁବାର ଲୋକସେବା ଭବନରେ ବସିଥିବା ବୈଠକରେ ଉପସ୍ଥିତ ପରିବହନ ମନ୍ତ୍ରୀ ଏବଂ ଅନ୍ୟମାନେ।




# ଆଜି କ୍ୟାବିନେଟ୍

## ୧୦ରୁ ଅଧିକ ପ୍ରସ୍ତାବକୁ ମିଳିପାରେ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ମୋଟ୍ ୧୦ରୁ ଅଧିକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିବା ସମ୍ଭାବନା ରହିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ ନେଇପାରନ୍ତି। ମିଳିଥିବା ସୂଚନାନୁସାରେ ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଭର୍ଚୁଆଲ ମୋଡ୍‌ରେ ଏହା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଆଦି ବିଭିନ୍ନ ବିଭାଗର ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା ହେବ। ତେବେ ସମସ୍ତ ଅନୁଦାନପ୍ରାପ୍ତ କଲେଜରେ କର୍ମଚାରୀଙ୍କୁ ଦରମାଭୁକ୍ତ କରାଯିବା ସମ୍ଭାବନା ରହିଛି। କଲେଜ ଲେକଚରମାନଙ୍କ ୭ମ ବେତନ ହାରରେ ଦରମା ଲାଗୁ ହେବା ସମ୍ପର୍କିତ ପ୍ରସ୍ତାବକୁ ମୋହର ବାଜିପାରେ। ଏହାସହ ଭେଟେରିନାରି କ୍ୟାଡର ପୁନର୍ଗଠନକୁ ମଧ ମଞ୍ଜୁରୀ ମିଳିପାରେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଦୁଇଦିନ ତଳେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବାସ ମରାମତି ପାଇଁ ୩ ହଜାର ଓ ୫ ହଜାର ଟଙ୍କା ଲେଖାଏ ସହାୟତା ହିତାଧିକାରୀଙ୍କୁ ପ୍ରଦାନ କରାଯିବା ସମ୍ପର୍କିତ ନିଷ୍ପତ୍ତି ହୋଇଥିଲା। ପୁଣି ଥରେ ସରକାର କ୍ୟାବିନେଟ୍ ବୈଠକ ଡାକିଥିବାରୁ ଆଉ କିଛି ବିଶେଷ ନିଷ୍ପତ୍ତି ନେବା ମଧ ସମ୍ଭାବନା ରହିଛି।

# ଖୁବ୍‌ଶୀଘ୍ର ୧୧,୪୦୩ ଶିକ୍ଷକଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ):** ରାଜ୍ୟର ସରକାରୀ ହାଇସ୍କୁଲଗୁଡ଼ିକରେ ଖୁବ୍‌ଶୀଘ୍ର ୧୧ ହଜାର ୪୦୩ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଥିଲାଗି ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ ୬,୧୩୧ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଏକକାଳୀନ ନିଯୁକ୍ତି ଦିଆଯାଇଥିଲା। ସୂଚନାଯୋଗ୍ୟ, ଶିକ୍ଷକ ପଦବୀ ପୂରଣ ଲାଗି ନିଯୁକ୍ତି ନିୟମାବଳିରେ ସଂଶୋଧନ କରାଯାଇଛି। ବର୍ଦ୍ଧିତ ଛାତ୍ରୀଛାତ୍ର ସଂଖ୍ୟା ଦୃଷ୍ଟିରୁ ଅଧିକ ୩୪୬୨ ଶିକ୍ଷକ ପଦବୀ ମଞ୍ଜୁର କରାଯାଇଛି। ଖାଲିପଦବୀ ଏବଂ ନୂତନ ମଞ୍ଜୁରୀପ୍ରାପ୍ତ ପଦବୀକୁ ମିଶାଇ ମୋଟ୍ ୧୧ ହଜାର ୪୦୩ ଶିକ୍ଷକ ନିଯୁକ୍ତି ଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପ୍ରିଲ୍ ସୁଦ୍ଧା ଏହା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

**ଆଜିର ସମ୍ପାଦକୀୟ**

**ଚିଲି ନିର୍ବାଚନ ଦୃଶ୍ୟପଟ**

# ଜେଲ ଗଲେ ଟିଉଶନ ସାର୍

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**



**୨ ଛାତ୍ରୀଙ୍କୁ ଅପହରଣ ମାମଲା**

ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରୁ ଦୁଇ ଛାତ୍ରୀଙ୍କୁ ଅପହରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଟିଉଶନ ସାର୍ ଗୋପାଳକୃଷ୍ଣ ବାଡ଼ତିଆ ଗୁରୁବାର ଜେଲ ଯାଇଛନ୍ତି। ପୋଲିସ ଛାତ୍ରୀଦ୍ୱୟଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ସିଆର୍‌ପିସି ୧୬୪ରେ ବୟାନ ରେକର୍ଡ କରିଥିଲା। ଅଭିଯୁକ୍ତ ଟିଉଶନ ସାର୍ ବଡ଼ ଭଉଣୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ପରୋକ୍ଷରେ ସାନ ଭଉଣୀଙ୍କୁ ଅସଦାଚରଣ କରୁଥିଲେ ବୋଲି ସେମାନେ କହିଥିଲେ। ଏହି ବୟାନ ଆଧାରରେ ପୋଲିସ ଅପହରଣ, ବଳାତ୍କାର ସହ ଆଇପିସିର ବିଭିନ୍ନ ଦଫା ଓ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୪୩୫/୨୧) ରୁଜୁ କରି ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଟିଉଶନ୍ ସାର୍ ଛାତ୍ରୀଦ୍ୱୟଙ୍କୁ ସଫଳ କ୍ୟାରିୟରର ସ୍ୱପ୍ନ ଦେଖାଇବା ସହ ବଡ଼ ଭଉଣୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଘରୁ ନେଇଯାଇଥିବା ପୋଲିସ କହିଛି। ଏଥିସହ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିବା ଜୋନ୍-୪ ଏସିପି ରଜତ୍ ରାଏ କହିଛନ୍ତି।

ସୂଚନା ଅନୁଯାୟୀ, ଛାତ୍ରୀଦ୍ୱୟଙ୍କୁ ଅଭିଯୁକ୍ତ ଟିଉଶନ ସାର୍ ଗୋପାଳକୃଷ୍ଣ ରବିବାର ମଧ୍ୟାହ୍ନରେ ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରୁ କୁଆଡ଼େ ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିଉଶନ ସାରଙ୍କ ମୋବାଇଲ୍‌କୁ ଟ୍ରାପ୍ କରିବାରୁ ସେ ସମ୍ବଲପୁର ଜିଲା ଅଇଁଠାପଲ୍ଲୀ ଥାନା ଅନ୍ତର୍ଗତ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। କମିଶନରେଟ ପୋଲିସର ସୂଚନାକ୍ରମେ ଅଇଁଠାପାଲୀ ପୋଲିସ ବିଳମ୍ବିତ ରାତିରେ ଅନୁଗୁଳିଆପଡ଼ା ସୁବନ କଲୋନୀର ଏକ ଭଡ଼ାଘରେ ଚଢ଼ାଉ କରି ଛାତ୍ରୀଦ୍ୱୟଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ ଧରିଥିଲା। ବୁଧବାର ବଡ଼ଗଡ଼ ଥାନାର ଏକ ଟିମ୍ ପହଞ୍ଚି ସେମାନଙ୍କୁ ଭୁବନେଶ୍ୱର ଆଣିଥିଲା।

# ୨୨ ଜିଲାରେ ହେବ ୫୫ ବସ୍ଷ୍ଟାଣ୍ଡ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

**ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**

ରାଜ୍ୟରେ ଗ୍ରାମାଞ୍ଚଳ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଗୁରୁବାର ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୨ ଜିଲାର ୫୫ଟି ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ଜିଲା ମୁଖ୍ୟାଳୟରୁ ଯାତାୟାତ ଦୂରତ୍ୱ, ଆର୍ଥିକ କାର୍ଯ୍ୟକଳାପ, ପର୍ଯ୍ୟଟକମାନଙ୍କ ଆଗମନକୁ ଏବଂ ଅନ୍ୟାନ୍ୟ ଦିଗଗୁଡିକୁ ଦୃଷ୍ଟିରେ ରଖି ବସ୍‌ଷ୍ଟାଣ୍ଡଗୁଡିକ ବ୍ଲକସ୍ତରରେ ନିର୍ମାଣ ହେବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳରେ ଯୋଗାଯୋଗକୁ ସୁଗମ କରିବା ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଏହି ନୂତନ ପଦକ୍ଷେପ ଗ୍ରାମାଞ୍ଚଳର ଲୋକମାନଙ୍କୁ ଉନ୍ନତ ଯୋଗାଯୋଗ ଭିତ୍ତିଭୂମି ସହ ଯୋଡ଼ିବା ଓ ଯୋଗାଯୋଗ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ। ଏହି ପଦକ୍ଷେପ ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇ କହିଛନ୍ତି, ଓଏସ୍‌ଆର୍‌ଟିସି ସମଗ୍ର ରାଜ୍ୟରେ ପହଞ୍ଚିବା ଏବଂ ଭିତ୍ତିଭୂମି ବିକାଶ ତଥା ପ୍ରଭାବଶାଳୀ ଯୋଗାଯୋଗ ନେଟୱର୍କର ଏକୀକରଣ ମାଧ୍ୟମରେ ଲୋକଙ୍କୁ ସଂଯୋଗ କରିବାରେ ନୂତନ ପଦକ୍ଷେପ ନେଉଛି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ଯୋଗାଯୋଗ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ଦିଗରେ ପରିବହନ ବିଭାଗ କାମ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। ଓଏସ୍‌ଆର୍‌ଟିସି ସିଏମ୍‌ଡି ଧନ୍ୟବାଦ ଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଜିଲାପାଳ ଏବଂ ପରିବହନ ଅଧିକାରୀ ଉପସ୍ଥିତ ଥିଲେ।



“ କ୍ରୀଡ଼ା ବିଜୟର ଇତିବୃତ୍ତ ଥିଲା ୨୦୨୧। କ୍ରୀଡ଼ା ଆଗରେ ମହାମାରୀ ହାର ମାନିଥିଲା। କରୋନାର ପ୍ରକୋପ ଶୀର୍ଷରେ ଥିବା ବେଳେ ସଫଳତାର ସହ ଆୟୋଜିତ ହୋଇଥିଲା ଟୋକିଓ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଭଳି ମେଗା ଇଭେଣ୍ଟ। ଅତି ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିଲା ୟୁରୋକପ୍ ଫୁଟବଲ, କୋପା ଆମେରିକା, ଟି୨୦ ବିଶ୍ୱକପ୍, ଜୁନିୟର ହକି ବିଶ୍ୱକପ୍ ସହ ପ୍ରାୟ ଅନ୍ୟ ସବୁ ବାର୍ଷିକ କ୍ରୀଡ଼ା ଇଭେଣ୍ଟ। ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଐତିହାସିକ ଥିଲା। ଜାଭେଲିନ୍‌ରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତି ନୀରଜ ଚୋପ୍ରା ସାରା ଦେଶର ହୀରୋ ପାଲଟିଯାଇଥିଲେ। ଦିବ୍ୟାଙ୍ଗ ଆଥ୍‌ଲେଟମାନେ ଆଶାଠାରୁ ଅଧିକ ପଦକ ଜିତିଥିଲେ। ଭାରତୀୟ ହକିର ହୃତଗୌରବ ଫେରିଥିଲା। ୪ ଦଶନ୍ଧି ପରେ ପୁରୁଷ ଦଳ ବ୍ରୋଞ୍ଜ ଜିତିଥିବା ବେଳେ ମହିଳା ଦଳ ପ୍ରଥମଥର ସେମିଫାଇନାଲରେ ପ୍ରବେଶ କରିଥିଲା। ରେସଲର ସୁଶୀଲ କୁମାର ହତ୍ୟା ଅଭିଯୋଗରେ ଗିରଫ ହେବା ଘଟଣା ହଇଚଇ ସୃଷ୍ଟି କରିଥିଲା। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ନେତୃତ୍ୱ ଭାଗ ବଣ୍ଟା ନେଇ ବିବାଦ ଓ ବିସିସିଆଇର ଡ୍ୟାମେଜ କଣ୍ଟ୍ରୋଲ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା... ”



# ମେଗା ଇଭେଣ୍ଟର ବର୍ଷ



### ଓମ୍ୟାନ ଅଫ୍ ଦି ଇୟର ଅଞ୍ଜୁ ବବି

କିମ୍ବଦନ୍ତୀ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଦିଆଯାଉଥିବା ‘ଓମ୍ୟାନ ଅଫ୍ ଦି ଇୟର’ ପୁରସ୍କାର ହାସଲ କରିଥିଲେ। ୱିଜଡେନ କ୍ରିକେଟର୍ସ ଅଲମାନ ଦ୍ୱାରା ଭାରତୀୟ ଅଧିନାୟକ ବିରାଟ କୋହଲି ଦଶନ୍ଧିର ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଥିଲେ। ନୀରଜ ଚୋପ୍ରାଙ୍କ ସମେତ ୧୨ଜଣଙ୍କୁ ଧ୍ୟାନଚାନ୍ଦ ଖେଳରତ୍ନ ଓ ୩୫ ଜଣଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ରେକର୍ଡ ସପ୍ତମଥର ପାଇଁ ଲିଓନେଲ ମେସି ଜିତିଲେ ବାଲନ ଡି’ଅର ପୁରସ୍କାର।



### ଦୁଃଖ ଦେଲେ ଫ୍ଲାଇଂ ଶିଖ୍

କିମ୍ବଦନ୍ତୀ ଆଥଲେଟ୍ ଜିଭ ମିଲଖା ସିଂ କୋଭିଡ୍ ସମ୍ପର୍କିତ ସମସ୍ୟା ଯୋଗୁ ୯୨ ବର୍ଷ ବୟସରେ ପରଲୋକଗମନ କରଥିଲେ। ହକି କିମ୍ବଦନ୍ତୀ ବଲବୀର ସିଂ ଜୁନିୟର, ରବିନ୍ଦର ପାଲ ସିଂ, ଏମ.କେ. କୌଶିକ ମୃତ୍ୟୁବରଣ କରିଥିଲେ। ବକ୍ସିଂ ସୁପରଷ୍ଟାର ଡିଙ୍କୋ ସିଂ ୪୨ ବର୍ଷରେ ପରଲୋକଗମନ କରିଛନ୍ତି। ୧୯୮୩ ବିଶ୍ୱକପ୍ ହିରୋ ଯଶପାଲ ଶର୍ମା ହୃଦ୍‌ଘାତ୍‌ରେ ମୃତ୍ୟୁବରଣ କରିଥିଲେ। ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟାଙ୍କ ପିତାଙ୍କ ଦେହାନ୍ତ ହାଇଥିଲା।

## ନ୍ୟାଶନାଲ ହିରୋ ନୀରଜ

ଟୋକିଓ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଐତିହାସିକ ଥିଲା। ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ ୭ ପଦକ ହାସଲ କରି ତାଲିକାର ୪୮ତମ ସ୍ଥାନରେ ରହିଥିଲା। ସେହିପରି ଆମେରିକା ୩୯ ସ୍ୱର୍ଣ୍ଣ ସହ ୧୧୩ ପଦକ ହାସଲ କରି ଶୀର୍ଷରେ ରହିଥିଲା। ଚାଇନା ୩୮ ସ୍ୱର୍ଣ୍ଣ ସହ ୮୮ ଓ ଆୟୋଜକ ଜାପାନ ୨୭ ସ୍ୱର୍ଣ୍ଣ ସହ ମୋଟ ୫୮ ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲା। ନୀରଜ ଚୋପ୍ରା ଜାଭେଲିନ୍ ଥ୍ରୋ’ରେ ସ୍ୱର୍ଣ୍ଣ ପଦକ ହାସଲ କରି ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତକୁ ଇତିହାସର ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ପ୍ରଦାନ କରି ଗର୍ବ ଓ ଗୌରବ ଆଣିବା ସହ ଜତୀୟ ହିରୋ ବନିଯାଇଥିଲେ। ପୁଣି ହକିରେ ୪୧ ବର୍ଷ ପରେ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ମହିଳା ଦଳ ଇତିହାସରେ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ ସ୍ଥାନରେ ରହିଥିଲା।






### ଶ୍ରୀକାନ୍ତଙ୍କୁ ଐତିହାସିକ ରୌପ୍ୟ

ବିଶ୍ୱ ଚାମ୍ପିୟନଶିପ୍‌ରେ କିଡାମ୍ବୀ ଶ୍ରୀକାନ୍ତ ରୌପ୍ୟ ଓ ଲକ୍ଷ୍ୟ ସେନ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। କୋଲକାତାକୁ ପରାସ୍ତ କରି ଚେନ୍ନାଇ ଚତୁର୍ଥଥର ପାଇଁ ଆଇପିଏଲ୍ ଟାଇଟଲ ଜିତିଥିଲା। ଅଷ୍ଟ୍ରେଲିଆରେ ଭାରତ ଟେଷ୍ଟ ସିରିଜକୁ ୨-୧ରେ ଜିତିଥିଲା। ମୁସ୍ତାକ ଅଲି ଟ୍ରଫିରେ କର୍ନାଟକକୁ ହରାଇ ତାମିଲନାଡୁ ଚାମ୍ପିୟନ ହୋଇଥିଲା। କୋପା ଆମେରିକାରେ ଆର୍ଜେଣ୍ଟିନା ଚାମ୍ପିୟନ ହେବା ସହ ଲିଓନେଲ ମେସି ପ୍ରଥମ ଅନ୍ତର୍ଜାତୀୟ ଟ୍ରଫି ହାସଲ କରଥିଲେ। ୟୁରୋକପ୍‌ରେ ଇଂଲଣ୍ଡକୁ ହରାଇ ଇଟାଲି ଚାମ୍ପିୟନ। ଟାଡେଜ ପୋଗାକାର ଟୁର ଡି ଫ୍ରାନ୍ସ ଚାମ୍ପିୟନ।





### ପାରାଆଥଲେଟ୍‌ଙ୍କ ଚମକ

ପାରାଲିମ୍ପିକ୍ସରେ ମଧ୍ୟ ଭାରତୀୟ ପ୍ରତିଯୋଗୀମାନେ ପଦକ ବର୍ଷା କରିଥିଲେ। ଭାରତ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ୍ ପଦକ ସହ ମୋଟ ୧୯ ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ମହିଳା ଶୁଟର ଅବନି ଲେଖରା ଉଭୟ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ, ପୁରୁଷ ଶୁଟର ସିଙ୍ଗରାଜ ଆଧାନା ରୌପ୍ୟ ଓ ବ୍ରୋଞ୍ଜ ଜିତି ଦ୍ୱୈତ ସଫଳତା ଅର୍ଜନ କରିଥିଲେ।

### ହକି ଷ୍ଟିକ୍ ଛାଡ଼ିଲେ ରୂପିନ୍ଦର, ସୁନୀଲ

୩୦ ବର୍ଷୀୟ ଅଭିଜ୍ଞ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ ସିଂ ହକିରୁ ଅବସର ଘୋଷଣା କରିଥିଲେ। ସେହିପରି ୧୪ ବର୍ଷ କ୍ୟାରିୟର ଅନ୍ତ ଘଟାଇ ଅଭିଜ୍ଞ ଷ୍ଟ୍ରାଇକର ଏସ୍.ଭି. ସୁନୀଲ ମଧ୍ୟ ହକିରୁ ଅବସର ନେଇଥିଲେ। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନଙ୍କ ଅବସର ଘୋଷଣା। ଶ୍ରୀଲଙ୍କା ଦ୍ରୁତ ବୋଲର ଲାସିଥ ମାଲିଙ୍ଗା ମଧ୍ୟ ଅବସର ନେଲେ। ଭାରତୀୟ ଅଲରାଉଣ୍ଡର ୟୁସୁଫ୍ ପଠାନ କ୍ରିକେଟ୍‌ର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୫ ବର୍ଷୀୟ ଚେକ ଗଣରାଜ୍ୟ ଟେନିସ ଖେଳାଳି ବାର୍ବୋରା ଷ୍ଟ୍ରିକୋଭା ଟେନିସରୁ ଅବସର ଘୋଷଣା କରିଛନ୍ତି।



### ଟି୨୦ , ଡବ୍ଲ୍ୟୁଟିସି ବିପର୍ଯ୍ୟୟ

ଟି୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ଓ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ଭାରତ ଶୋଚନୀୟ ପରାଜୟ ବରଣ କରି ବିଶ୍ୱକପ୍‌ରୁ ବାଦ୍ ପଡିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ପ୍ରଥମ ସଂସ୍କରଣରେ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରି ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା ଦୃଷ୍ଟିହୀନ ତ୍ରିରାଷ୍ଟ୍ରୀୟ ସିରିଜରେ ପାକିସ୍ତାନଠୁ ହାରି ଭାରତ ରନର୍ସଅପ୍। ଡେଭିସ୍ କପ୍‌ରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାସ୍ତ। ମହିଳା ଦିନିକିଆ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆଠାରୁ ଭାରତ ପରାସ୍ତ। ଇଂଲଣ୍ଡଠାରୁ ୨-୧ରେ ଭାରତୀୟ କ୍ରିକେଟ ମହିଳା ଦଳ ଟି୨୦ ସିରିଜ ହାରିଥିଲା।

### କୋହଲିଙ୍କ କୀର୍ତ୍ତିମାନ

୨୩୦୦୦ ଅନ୍ତର୍ଜାତୀୟ ରନ ସଂଗ୍ରହ କରି ବିରାଟ କୋହଲି ନୂଆ ରେକର୍ଡ ସୃଷ୍ଟି କରିଥିଲେ। ରୋହିତ ଶର୍ମାଙ୍କୁ ସୀମିତ ଓଭର ନେତୃତ୍ୱ ଦିଆଯିବା ପରେ ଚର୍ଚ୍ଚା ଓ ବିବାଦ ସୃଷ୍ଟି ହୋଇଥିଲା। ସୁନୀଲ ଛେତ୍ରୀ ୭୪ଟି ଗୋଲ ସ୍କୋର କରିବା ସହ ଲିଓନେଲ ମେସିଙ୍କୁ ପଛରେ ପକାଇଥିଲେ। ଭାରତ ବିପକ୍ଷରେ ଏଜାଜ ପଟେଲ ପ୍ରଥମ ଇନିଂସରେ ସବୁ ୧୦ଟି ନେଇ ରେକର୍ଡ କରିଥିଲେ। ମିଥାଲି ରାଜ କ୍ରିକେଟର ୩ଟି ଫର୍ମାଟ୍‌ରେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ମିଥାଲି ରାଜ ୧୧ ହଜାର ରନ ପୂରଣ କରଥିଲେ। ୧୮୧ତମ ମ୍ୟାଚ୍ ଖେଳି କ୍ରିଷ୍ଟିଆନୋ ରୋନାଲ୍ଡୋ ରେକର୍ଡ କରିଥିଲେ।







## ନୂଆ ବିଶ୍ୱ ଚାମ୍ପିୟନ ଭର୍ଷ୍ଟାପେନ୍

ଡଚ୍ ଫର୍ମୁଲା-୧ ଡ୍ରାଇଭର ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନଶିପ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ସେସନ ଶେଷର ଅନୁଷ୍ଠିତ ଆବୁଧାବି ଗ୍ରାଁପ୍ରିରେ ସେ ମର୍ସିଡିଜର ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ଟାଇଟଲ ହାସଲ କରିବା ସହ ସେ ୨୦୨୧ ପାଇଁ ଏହି ସଫଳତା ପାଇଥିଲେ। ସେ ମୋଟ ୧୦ଟି ବିଜୟ ହାସଲ କରିବା ସହ ୧୮ଥର ପୋଡିୟମ ଫିନିଶ କରି ୩୯୫.୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଥିଲେ। ଅନ୍ୟପଟେ ହାମିଲଟନ ୮ ବିଜୟ ଓ ୧୭ ପୋଡିୟମ ଫିନିଶ ସହ ୩୮୭.୫ ପଏଣ୍ଟ ହାସଲ କରିବା ସହ ଦ୍ୱିତୀୟ ସ୍ଥାନରେ ରହଥିଲେ। ଏଥିସହ ରେକର୍ଡ ଅଷ୍ଟମଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ହାସଲ କରି ମାଇକେଲ ସୁମାକରଙ୍କୁ ପଛରେ ପକାଇବା ଲକ୍ଷ୍ୟରେ ଥିବା ହାମିଲଟନଙ୍କ ଆଶା ଧୂଳିସାତ୍ ହୋଇଥିଲା।

## ସଞ୍ଜୀନାଙ୍କ ହାତ ଧରିଲେ ବୁମ୍‌ରା

ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଟିଭି ଉପସ୍ଥାପିକା ସଞ୍ଜନା ଗଣେଶନଙ୍କୁ ବିବାହ କରଥିଲେ। ଭାରତୀୟ ଅଭିଜ୍ଞ ଓପନର ଶିଖର ଧାୱନ ଓ ସ୍ତ୍ରୀ ଆୟେସା ଅଲଗା ହେବା ସହ ଓ ପରସ୍ପରକୁ ଛାଡପତ୍ର ଦେଇଥିଲେ। ସାହିଦ ଆଫ୍ରିଦିଙ୍କ ଝିଅକୁ ବାହାହେବେ ପାକିସ୍ତାନ ଯୁବ ଦ୍ରୁତବୋଲର ଶାହିନ ଶାହା ଆଫ୍ରିଦି। ୨୦୧୮ରୁ ଡେଟିଂ କରିଆସୁଥିବା ଟେନିସ ଜଗତର ଦୁଇ ମହାନ୍ ଖେଳାଳି ଫ୍ରାନ୍ସର ଗାଏଲ ମନଫିଲ୍ସ ଓ ୟୁକ୍ରେନ ମହିଳା ଟେନିସ ତାରକା ଏଲିନା ଭିଟୋଲିନାଙ୍କ ନିର୍ବନ୍ଧ। ଜଣାଶୁଣା ମହିଳା ବ୍ୟାଡମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ବିବାହ କରିଛନ୍ତି। କନ୍ୟା ସନ୍ତାନର ଜନକ ହେଲେ ଉମେଶ ଯାଦବ ଓ ସ୍ତ୍ରୀ ତାନ୍ୟା ୱାଧ୍ୱା।



# ଦ୍ୱିତୀୟ ଦିନରେ 'ପ୍ରଳୟ'ର ପରୀକ୍ଷଣ

**ବାଲେଶ୍ୱର ଅଫିସ,୨୩।୧୨**



'ପ୍ରଳୟ' କ୍ଷେପଣାସ୍ତ୍ର

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ କ୍ରମାଗତ ଦ୍ୱିତୀୟ ଦିନରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତ୍କ୍ଷେପଣ ଯୋଗ୍ୟ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ପ୍ରଳୟ' ର ପରୀକ୍ଷଣ କରାଯାଇଛି। ଗୁରୁବାର ପୂର୍ବାହ୍ନ ୯ଟା ୩୦ରେ ଏକ ମୋବାଇଲ ଲଞ୍ଚରରୁ ଏହାକୁ ଉତ୍କ୍ଷେପଣ କରାଯାଇଥିଲା। ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରର ଗତିପଥ ତଦାରଖ ଲାଗି ଟ୍ରାକିଂ ଯନ୍ତ୍ରାଂଶ ବ୍ୟବହାର ବେଳେ ମିଶନ୍‌ର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି। ବୁଧବାର(୨୨ତାରିଖ) ଉକ୍ତ ସ୍ଥାନରେ ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଥିଲା।

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ କ୍ଷେପଣାସ୍ତ୍ରର ଲମ୍ବ ୧୦ ମିଟର, ଓଜନ ୫ ଟନ୍। ଏହା ୫୦୦-୧୦୦୦ କି.ଗ୍ରା. ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହା ୩୫୦-୫୦୦ କି.ମି. ମଧ୍ୟରେ ଲକ୍ଷ୍ୟଭେଦ କରିପାରିବ। ଏହାର ସଫଳତା ନେଇ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ସହଯୋଗୀ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ବିଭାଗର ସଚିବ ଡ. ଜି. ସତୀଶ ରେଡ୍ଡି ସମ୍ପୃକ୍ତ ଟିମ୍‌କୁ ପ୍ରଶଂସା କରିବା ସହ 'ପ୍ରଳୟ'ର ସଫଳ ପରୀକ୍ଷଣ ଦେଶର ପ୍ରତିରକ୍ଷା ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି କହିଛନ୍ତି।

### ତପସ୍ୱିନୀ-ସୁମିତ ବିବାଦ

# ପୁଣି ୧୫ ଦିନ ଛୁଟିରେ ଡାକ୍ତର ସୁମିତ

**ବ୍ରହ୍ମପୁର ଅଫିସ/ଆସିକା(ଡି.ଏନ୍.ଏ.)୨୩।୧୨**

ତପସ୍ୱିନୀ ଦାଶ ଓ ଡା.ସୁମିତ ସାହୁ ବିବାଦ ଦିନକୁ ଦିନ ଭିନ୍ନ ମୋଡ ନେଉଛି। ସୁମିତ ଗୁରୁବାରଠାରୁ ଆହୁରି ୧୫ଦିନ ପାଇଁ ଛୁଟି ଅବଧି ବୃଦ୍ଧି କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟାରୁ ସେ ୧୫ଦିନ ଛୁଟି ଆବେଦନ କରିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ତପସ୍ୱିନୀ ବ୍ରହ୍ମନଗରସ୍ଥିତ ଶାଶୁ ଘର ବାରଣ୍ଡାରେ ଧାରଣା ଜାରି ରଖିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୧୦ତାରିଖରେ ଡା.ସୁମିତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଦିନର ଛୁଟି ଆବେଦନ କରି ଯାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ଦିନ ଛୁଟି ନେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮ଦିନ ରହିଥିଲେ। ବୁଧବାର ଛୁଟି ଅବଧି ସରିବା ପରେ ଗୁରୁବାର ଠାରୁ ପୁଣିଥରେ ୧୫ଦିନ ଛୁଟି ପାଇଁ ଆବେଦନ କରିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରିବ ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପାଠ୍ୟୋତ୍ତର ଗତିବିଧିମୂଳକ ପ୍ରତିଯୋଗିତା ଆୟୋଜିତ କରାଯିବ। ଏ ଦିଗରେ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ୨୦୨୧-୨୨ ଶିକ୍ଷାବର୍ଷରୁ ନିୟମିତ ବାର୍ଷିକ ଭିତ୍ତିରେ ବିଭିନ୍ନ ପାଠ୍ୟୋତ୍ତର ଗତିବିଧିମୂଳକ ବିଷୟର ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାମାନ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟର ଉଚ୍ଚଶିକ୍ଷାକୁ ଏକ ଉଚ୍ଚତର ସୋପାନରେ ପହଞ୍ଚାଇ ରାଜ୍ୟର ବିକାଶରେ ଭାଗୀଦାର ହେବା ଲାଗି ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାର ଲୋଗୋ ଗୁରୁବାର ଭୁବନେଶ୍ୱର ଶୁକବିହାରସ୍ଥିତ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦନ ବ୍ୟୁରୋ ବୋର୍ଡ ରୁମ୍‌ରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି।










**ଆଜିର ମନ୍ତବ୍ୟ**

"ଅଯୋଧ୍ୟା ଜମି ଦୁର୍ନୀତି ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ଉଚିତ। ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ।
—ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା


## ଜନ୍ମଦିନର ଶୁଭେଚ୍ଛା



ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ରାନୀ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କାଳିନ୍ଦୀ ସାମଲ ଏନ୍‌ଏସ୍‌ଆଇସିର ସ୍ୱାଧୀନ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ): ଭାରତ ସରକାରଙ୍କ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏନ୍‌ଏସ୍‌ଆଇସି)ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଭାଜପା ରାଜ୍ୟ ସମ୍ପାଦକ ତଥା ଅନୁଗୋଳ ଜିଲାର ବରିଷ୍ଠ ନେତା କାଳିନ୍ଦୀ ଚରଣ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ତାଙ୍କ କାର୍ଯ୍ୟକାଳ ୩ବର୍ଷ ରହିବ ବୋଲି ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ଡେପୁଟି ସଚିବ ଏସ.କେ. ବର୍ମା ଏକ ପତ୍ର ମାଧ୍ୟମରେ ସାମଲଙ୍କୁ ଅବଗତ କରାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳେ ଚାଷ
ବନ୍ଧ ତଳେ ବାସା**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡି ନଷ୍ଟ ହୋଇଯିବାର ସମ୍ଭାବନା ରହିଥାଏ। ସେହିପରି ନଈ ବନ୍ଧ ତଳେ ଘର କରିଥିଲେ ବଢି ହୋଇ ବନ୍ଧ ଭାଙ୍ଗିଗଲେ ଘରଦ୍ୱାର ଭାସି ଯିବା ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଜେଲ ସଂସ୍କାର ପାଇଁ କମିଟି ଗଠନ କର: ହାଇକୋର୍ଟ

### ଜେଲରେ ସଂଖ୍ୟାଧିକ କଏଦୀଙ୍କ ଭିଡ଼ ମାମଲା

କଟକ ଅଫିସ,୨୩।୧୨

ଜେଲରେ ସଂଖ୍ୟାଧିକ କଏଦୀଙ୍କ ଭିଡ଼ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଜେଲ ସଂସ୍କାର ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କର। ସେଥିରେ ରାଜ୍ୟ ଗୃହ ସଚିବ, ଆଇନ ସଚିବ, ଡିଜିପି, ଜେଲ ଡିଜି, ସ୍ୱାସ୍ଥ୍ୟ ଓ ମହିଳା, ଶିଶୁ ବିକାଶ ବିଭାଗର ପ୍ରତିନିଧି, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ରହିବେ। ଏହି କମିଟିର ପ୍ରଥମ ବୈଠକ ଆସନ୍ତା ୧୦ ତାରିଖରେ ବସିବ। ପରେ ପ୍ରତି ୧୫ ଦିନରେ ଥରେ ବୈଠକ କରାଯିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କ ମିଳିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ଆଗତ ଏହି ମାମଲାର ଶୁଣାଣିବେଳେ ଆମିକସକ୍ୟୁରୀ ଗୌତମ ମିଶ୍ର, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଓ ଅତିରିକ୍ତ ସରକାରୀ ଓକିଲ ଏମ୍. ଏସ୍. ସାହୁ ଉପସ୍ଥିତ ଥିଲେ। ମାର୍ଚ୍ଚ ୮ରେ ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟର ବିଭିନ୍ନ ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ଏନେଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଜେଲ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଥିଲା, ରାଜ୍ୟର ସମସ୍ତ ଜେଲରେ କଏଦୀ ରହିବାର କ୍ଷମତା ୧୯, ୮୫୫ ଥିବାବେଳେ ରହୁଛନ୍ତି ୨୧, ୭୬୭ ଜଣ କଏଦୀ। ଜେଲ ଡିଜିଙ୍କୁ ଆସନ୍ତା ଶୁଣାଣି ସୁଦ୍ଧା ଜେଲରେ ଭିଡ଼ କମାଇବା ନିମନ୍ତେ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ଏକ ସତ୍ୟପାଠ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜେଲ ଡିଜି ଗତ ଡିସେମ୍ବର ୧୭ରେ ଏ ସମ୍ପର୍କିତ ଏକ ସତ୍ୟପାଠ ଦାଖଲ କରିଥିଲେ।

# classifieds Everyday

0674-2580101, 2549302





## SALE

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

Plot for sale available Basuaghai Sai Vihar, BBSR. Contact: 9937469703. D-64000

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner- 9090963952.** D-71746

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

**Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759.** D-71758

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

## PURCHASE

Sparingly used tyre mounted sandvik two stage crushing plant consisting of following is available for sale at Joda, Dist.- Keonjhar, Sandvik Jaw crusher JM 806, Sandvik cone crusher H 2800EC, Sandvik banana sizing screen, Sandvik greezly feeder MV 35080, Three Axle chassis including structural work, chute and hoppers, product conveyors. 15MM X 500MM of 15meters Length, complete with electrical work, controls and switch gears. Please contact: Prasant Biswal, M: 9437919867. D-22627





**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757





Single double rooms at Sisupalgad, Tankapani, Bhubaneswar. Mobile: 9437764734, 9556856822. D-70762





Full body massage in homely atmosphere all therapy. Contact: 8114881641. D-60893

Refreshing your mind, body with tha best therapy at Lotus SPA. 8018891951. D-71832

Newly Open Saikrupa Panchakarma Spa positively health benefits with Expert. 8984068077. D-22620

@999 refreshing your mind, body with the best therapy - 7873794731. D-71921

Newly open full body massage ladies and gents. 8327740003, 8455985899. D-71831

One hour any therapy by expert therapist @800 only. 9078484455. D-71458





Wanted to let out a running hostel in Unit-3 Kharvel Nagar in an excellent location. If any party is interested in taking the responsibility and good in finance, please contact at 9642506154 /9642506222. D-22635

## AFFIDAVIT

By virtue of an affidavit sworn before the Notary Public, Bhubaneswar Vide No. 52AA 209220, dated 08.12.2021, I Niharika Pattanayak, wife of Kumar Goutam Das, Plot No 3, Kedar Gouri Complex, Gouri Vihar, Bhubaneswar-2, do hereby change my surname from "Pattanayak" to "Das". Henceforth, I shall be known as Niharika Das instead of Niharika Pattanayak for all purposes. D-22634

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
(୧୯୫୮ ମସିହା ସର୍ଭେ ଓ ବନ୍ଦୋବସ୍ତ ଆଇନର ଧାରା ୨୨ (୨) ଅନୁସରେ ଅପିଲ ଶୁଣାଣି ତାରିଖ ନୋଟିସ)

ମୋକଦ୍ଦମା ନମ୍ବର ଓ ତାରିଖ- ୬୪/୧୮
ମୌଜା- ସାମପୁର, ଥାନା- ଚନ୍ଦକା, ଥାନା ନଂ.- ୪୯
ବାଦୀଙ୍କ ନାମ ଓ ଠିକଣା: କୁମୁଦଚନ୍ଦ୍ର ପଣ୍ଡା, ପି: ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସା-ତଳରାମପଲ୍ଲୀ, ପୋ- ବାରସର, ଥା- କୋଦଳା, ଜି- ଗଞ୍ଜାମ
ପ୍ରତିବାଦୀଙ୍କ ନାମ ଓ ଠିକଣା: ସଂଘମିତ୍ରା ଦାସ, ସ୍ୱା- ଭବନେଶ୍ୱର ଦାସ, ସା- ମହାନଦୀ ବିହାର, ପ୍ଲଟ୍- ୧୩୨୨, ଥା- ଚାଉଳିଆଗଞ୍ଜ, ଜି- କଟକ

ଉପରୋକ୍ତ ମୋକଦ୍ଦମା ହେବା ନିମନ୍ତେ ତା ୨୧।୦୧।୨୨ରିଖ ଧାର୍ଯ୍ୟ ହୋଇଅଛି। ଏଣୁ ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ନିର୍ଦ୍ଧାରିତ ତାରିଖରେ ଆପଣ ନିଜେ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଏଜେଣ୍ଟ ଅତିରିକ୍ତ ଉପଜିଲ୍ଲାପାଳ, ଭୁବନେଶ୍ୱର ମୁକାମରେ ଦିବା ଘ୧୧ ମିନିଟ୍ ସମୟରେ ଉପସ୍ଥିତ ହୋଇ ଆବଶ୍ୟକୀୟ କାଗଜପତ୍ର ଅବଗତ କରିବେ। ଧାର୍ଯ୍ୟ ତାରିଖ ଓ ସମୟରେ ଉପସ୍ଥିତ ନ ହେଲେ ମୋକଦ୍ଦମା ଆଇନ ଅନୁଯାୟୀ ଫଏସଲା ବିଚାର କରାଯାଇ ହୁକୁମ ଦିଆଯିବ।
ହା:ଖା: ୧୪୭୧, ହା:ପ୍ଲ: ୧୬୨୮, ୧୬୨୯, ଏରିଆ- ୪୮୬ ହେକ୍ଟର
ସ୍ୱା./- ଅତିରିକ୍ତ ଉପଜିଲ୍ଲାପାଳ, ଭୁବନେଶ୍ୱର
ଧ-୬୦୯୬୯

ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
(୧୯୫୮ ମସିହା ସର୍ଭେ ଓ ବନ୍ଦୋବସ୍ତ ଆଇନର ଧାରା ୨୨ (୨) ଅନୁସାରେ ଅପିଲ ଶୁଣାଣି ତାରିଖ ନୋଟିସ)

ମୋକଦ୍ଦମା ନମ୍ବର ଓ ତାରିଖ- ୬୩/୧୮
ମୌଜା- ସାମପୁର, ଥାନା- ଚନ୍ଦକା, ଥାନା ନଂ.- ୪୯
ବାଦୀଙ୍କ ନାମ ଓ ଠିକଣା- ଅଜୟ କୁମାର ପାଟଶାଣି ପି- କସ୍ତୁରି ପାଟଶାଣି, ସା/ପୋ- ପାତ୍ରପଡ଼ା, ଥା- ଖଣ୍ଡଗିରି ଭୁବନେଶ୍ୱର, ଜି- ଖୋର୍ଦ୍ଧା।
ପ୍ରତିବାଦୀଙ୍କ ନାମ ଓ ଠିକଣା- ସୂର୍ଯ୍ୟମଣି ବେହେରା, ପି- କେଳୁଚରଣ ବେହେରା, ସା- ଟାଙ୍ଗୀ, ଜି- ପୁରୀ

ଉପରୋକ୍ତ ମୋକଦ୍ଦମା ହେବା ନିମନ୍ତେ ତା ୨୧।୦୧।୨୨ରିଖ ଧାର୍ଯ୍ୟ ହୋଇଅଛି। ଏଣୁ ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ନିର୍ଦ୍ଧାରିତ ତାରିଖରେ ଆପଣ ନିଜେ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଏଜେଣ୍ଟ ଅତିରିକ୍ତ ଉପଜିଲ୍ଲାପାଳ, ଭୁବନେଶ୍ୱର ମୁକାମରେ ଦିବା ଘ୧୧ ମିନିଟ୍ ସମୟରେ ଉପସ୍ଥିତ ହୋଇ ଆବଶ୍ୟକୀୟ କାଗଜପତ୍ର ଅବଗତ କରିବେ। ଧାର୍ଯ୍ୟ ତାରିଖ ଓ ସମୟରେ ଉପସ୍ଥିତ ନ ହେଲେ ମୋକଦ୍ଦମା ଆଇନ ଅନୁଯାୟୀ ଫଏସଲା ବିଚାର କରାଯାଇ ହୁକୁମ ଦିଆଯିବ।
ହାଲ୍ ଖାତା- ୧୭୪୫, ହାଲ୍‌ପ୍ଲଟ୍- ୯୫, ଏରିଆ- ୩୪୪ ହେକ୍ଟର
ସ୍ୱା./- ଅତିରିକ୍ତ ଉପଜିଲ୍ଲାପାଳ, ଭୁବନେଶ୍ୱର
ଧ-୬୦୯୬୮

ପୁରୀ ମୁକାମ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତ, ଏଫ୍.ଏ.ଓ. ନ ୬/୧୯୯୮ମ୍ବର (ମିସ୍ କେସ୍ ନଂ.- ୧୮୭/୧୯୯୬ରୁ ଉଦ୍ଭବ)
ଅଶୋକ କୁମାର ମହାନ୍ତି ଓଗେର
....ଆପିଲାଣ୍ଟ
ବନାମ
ବୀଣାପାଣି ମହାପାତ୍ର ଓଗେର
....ରେସ୍ପୋଡେଣ୍ଟ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ୍-୨୦ ମତେ ନୋଟିସ୍
୨. (ଏ) ପ୍ରଭାତୀ ଦିବ୍ୟା, ସ୍ୱାମୀ- ୰ଧନେଶ୍ୱର ମହାପାତ୍ର, ୨. (ବି) ଅଶୋକ ମହାପାତ୍ର, ପିତା- ୰ ଧନେଶ୍ୱର ମହାପାତ୍ର, ଉଭୟଙ୍କ ସାକିନ: ପୁମାନ ଗେଟ୍, ପ୍ଲଟ୍ ୧୦୧୯ମ୍ବର, ଓଲ୍ଡ ଟାଉନ୍, ଭୁବନେଶ୍ୱର, ୨. (ସି) ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ପିତା- ୰ଧନେଶ୍ୱର ମହାପାତ୍ର, ସାକିନ- ତଳତେଲେଙ୍ଗା ବଜାର, ପୋଷ୍ଟ- ତେଲେଙ୍ଗା ବଜାର, ଜିଲ୍ଲା- କଟକ, ୨. (ଡି) ପ୍ରତିମା ରଥ, ପିତା- ୰ଧନେଶ୍ୱର ମହାପାତ୍ର, ସାନିକ/ପୋଷ୍ଟ- ତେଇଶିପୁର, ଜିଲ୍ଲା- ପୁରୀ, ୨. (ଇ) ଅନିମା ମହାପାତ୍ର ପିତା- ୰ଧନେଶ୍ୱର ମହାପାତ୍ର, ପ୍ଲଟ୍ ନ୫୩୮ମ୍ବର, ମହତାବ ରୋଡ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨. (ଏଫ୍) ଲିଲିମା ଶର୍ମା, ପିତା- ୰ଧନେଶ୍ୱର ମହାପାତ୍ର, ଆଡ୍‌ଭୋକେଟ୍, ଦେଓଗଡ଼ କୋର୍ଟ, ସମ୍ବଲପୁର ଆପଣମାନଙ୍କ ନିକଟକୁ ବାରମ୍ବାର ନୋଟିସ୍ ଯିବା ସତ୍ତ୍ୱେ ଗ୍ରହଣ କରୁ ନ ଥିବାରେ ଉକ୍ତ ବିଜ୍ଞାପନ ଦ୍ୱାରା ଉପରୋକ୍ତ ରେସ୍ପୋଡେଣ୍ଟମାନଙ୍କୁ ଜଣାଇ ଦିଆଯାଉଛି କି ଉକ୍ତ ଅପିଲ ମୋକଦ୍ଦମାର ଶୁଣାଣି ଆସନ୍ତା ତା ୨୫।୦୧।୨୨ରିଖ ଧାର୍ଯ୍ୟ ଅଛି। ତୁମ୍ଭେ ବ୍ୟକ୍ତିଗତ ଭାବେ କିମ୍ବା ଆଡ୍‌ଭୋକେଟ୍‌ଙ୍କ ଜରିଆରେ ଉକ୍ତ ଦିନ ଦିବା ୧୦.୩୦ ମିନିଟ୍ ସମୟେ କୋର୍ଟରେ ହାଜର ହୋଇ ବିହୀତ ତଦବିର କରିବେ, ନଚେତ୍ ଆଇନ ଅନୁଯାୟୀ ଉକ୍ତ କେସ୍ କୋର୍ଟ ଫଏସଲା କରିବେ।
ଅଦ୍ୟ ଆମ୍ଭର ସ୍ୱାକ୍ଷର ଓ ଅଦାଲତଙ୍କ ମୋହର କ୍ରମେ ଦିଆଗଲା।
ସ୍ୱା./- ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ପୁରୀ, ୧୫।୧୨।୨୦୨୧
ଧ-୨୨୬୩୨

U/O 5, Rule 20 of C.P.C
In the Court of the Judge, Family Court, Angul.
C.P. No.- 09/2020
Sushree Sabujima ...... Petitioner
Versus
Dillip Kumar Nahak ...Opposite Party

To,
Dillip Kumar Nahak, Son of Late Ramesh Chandra Nahak, Village- I.T.I Road, Hatatota, P.O.- Hatatota, S.D. Talcher, Dist.- Angul

Whereas the above named petitioner has instituted a petition against you U/Sec 13 (1) of Hindu Marriage Act. 1955 for dissolution of marriage.

You are hereby summoned to appear before the Family Court to answer the petitioner's claim on the said 10th day of Feb 2022. at 10.30 O' clock and

Take notice that on the day before mentioned after hearing parties who appear directions will be given by the judge as to the date of hearing before a counsellor of the Family Court and other matters concerning the petition and

Take further notice that if you fail to appear before the Judge on day the petition may be ordered to be set down on board on the same day or any subsequent day as "Undefended" and you will be liable to have a decree of order passed against you.

Witness Family Court Judge at Angul aforesaid this 22nd day of December 2021.

You are hereby informed that free legal services from the state legal services authorities, High Court Legal Services, Committee, District Legal Services authorities and Taluka Legal Services Committees as per eligibility criteria are available to you and in case you are eligible and desire to avail of the free legal services, you may contact any of the above legal services authorities/ committees".

Sd./- Judge, Family Court, Angul
D-22639

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସହ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ପରଶ୍ରୀକାତର ପଡ଼ୋଶୀଙ୍କ ଦ୍ୱାରା ସଭାସମିତିରେ ସମାଲୋଚିତ ହୋଇପାରନ୍ତି। ପରିବାରର ବରାଦ ଅନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** ସକାଳୁ ସକାଳୁ କୌଣସି ଘଟଣାକୁ କେନ୍ଦ୍ର କରି ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ।ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସଙ୍ଗକୁ ପରିବାରରେ ଶାନ୍ତି ମଧ ଫେରି ଆସିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧରେ ଆସିବେ। ଆଜି ଦିନ ମଧ୍ୟରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ ପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ଚଳାଇ ନେବେ। ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ** ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ସିଂହ** ଆଲୋଚନାର ଶେଷଭାଗରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଅଫିସରେ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ। ପରିବାରର ଆବଶ୍ୟକତା ଅନୁଯାୟୀ ଧାରକରଜ କରି କାମ ଚଳାଇ ନେବେ। ବୟସ୍କବ୍ୟକ୍ତିଙ୍କ ପରାମର୍ଶରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ବନ୍ଧୁମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମୟିକ ସମସ୍ୟା ଦେଖାଦେବାରୁ ହାତକୁ ନେଇଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ପ୍ରଶାସନିକ ସ୍ତରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷଟି ଆଜି ଅପରାହ୍ନେ ହଠାତ୍ ପାଇଯିବେ।

**ତୁଳା** ଦୀର୍ଘ ଦିନ ହେଲା ମନରେ ଭାବୁଥିବା କଥାଟି ଆଜିର ଅପରାହ୍ନରେ ବାସ୍ତବରେ ପରିଣତ ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା** ଅଧିକାଂଶ ସମୟରେ ଟେନ୍ସନ ମଧ୍ୟରେ ଚଳିଲେ ମଧ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଗୃହସୀମା କିମ୍ବା ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ। ପଡ଼ୋଶୀମାନେ ସାଧାରଣ କଥାକୁ କେନ୍ଦ୍ର କରି କଳହ କରିପାରନ୍ତି ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ମକର** ଭଲରୂପେ ନ ଜାଣି ଲୋକମାନଙ୍କୁ ଅଯଥା ସନ୍ଦେହ କଲେ କ୍ଷତିରେ ପଡିବେ। ଆଜିର କର୍ମକ୍ଷେତ୍ରରେ ସହମତିରେ କାମକଲେ ସମସ୍ୟାର ସମାଧାନ ହେବ। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ମାନସିକ ସ୍ଥିତି ପ୍ରାୟତଃ ଭଲ ରହିଲେ ମଧ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ସକାଳୁ ଶାନ୍ତି ବ୍ୟାହତ ହୋଇପାରେ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଓ ଆଲୋଚନା ଜାଣି ମଧ ନୀରବତା ଅବଲମ୍ବନ କରିବାକୁ ଶ୍ରେୟ ମନେ କରିବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ଆଶା କରିଥିବା କୌଣସି ଶୁଭ ଖବର ପାଇ ଖୁସି ହେବେ।

ଗଣତନ୍ତ୍ରର ସୁଫଳ ହେଲା– ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା– ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। –ଶ୍ରୀଅରବିନ୍ଦ



# ଚିଲି ନିର୍ବାଚନ ଦୃଶ୍ୟପଟ



ଜର୍ଜ ଜି.କାଷ୍ଟାନେଡା

ଲାଟିନ୍ ଆମେରିକାରେ ଚିଲି ଦୀର୍ଘ ବର୍ଷ ଧରି ଏକ ନୂଆ ଧାରାକୁ ସୂଚାଇବା ସହ ତାହାର ନେତୃତ୍ୱ ନେଇ ଆସିଛି। ଏଣୁ ଚିଲି ଭୋଟରମାନେ ଏବେ ଜଣେ ୩୫ ବର୍ଷୀୟ ପୂର୍ବତନ ଛାତ୍ରନେତା ଲେଫ୍ଟ ୱିଙ୍ଗ୍ ବା ବାମ ପନ୍ଥୀର ଗାବ୍ରିଏଲ୍ ବୋରିକ୍‌ଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଛନ୍ତି। ନିର୍ବାଚନକୁ ଲକ୍ଷ୍ୟ କରି ଅନ୍ୟ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକ ଚିଲି ଓ ସେମାନଙ୍କ ପାଇଁ ଏହାର ଯଥାର୍ଥତା କ'ଣ ରହିଛି, ତାହା ଜାଣିବାକୁ ଚାହିଁଛନ୍ତି। ପ୍ରଥମତଃ ନିର୍ବାଚନ ଫଳାଫଳକୁ ଅତି ନିକଟରୁ ବିଚାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୋରିକ୍ ପାଖାପାଖି ୫୬% ଭୋଟ ପାଇ ୧୦ ପଏଣ୍ଟ ବ୍ୟବଧାନରୁ ଅଧିକରେ ଜିତିଛନ୍ତି। ୧୯୮୯ରେ ଚିଲିରେ ଗଣତନ୍ତ୍ର ଗଠନ ହେବା ପରଠାରୁ ଅଧିକାଂଶ ରାଷ୍ଟ୍ରପତି ନିର୍ବାଚନରେ କେବଳ ୪ କିମ୍ବା ୫ ପଏଣ୍ଟ ଆଗରେ ରହି ରାଷ୍ଟ୍ରପତି ଜିତିଛନ୍ତି। କିନ୍ତୁ ଏଥର ବୋରିକ୍ ସବୁଠୁ ଅଧିକ ବ୍ୟବଧାନରେ ବିଜୟ ହାସଲ କରି ଇତିହାସ ରଚିଛନ୍ତି।

ଦକ୍ଷିଣପନ୍ଥୀ ପ୍ରାର୍ଥୀ ଜୋସ୍ ଆଣ୍ଟୋନିଓ କାଷ୍ଟ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଜିତିଥିଲେ ବି ପରେ ପଛରେ ପଡ଼ିଯାଇଥିଲେ ଓ ମୋଟରେ ୪୪% ଭୋଟ ପାଇଥିଲେ। ୧୯୭୩ରୁ ଚିଲିର ଏକଚ୍ଛତ୍ରବାଦୀ ଶାସକ ଅଗଷ୍ଟୋ ପିନୋଚେଟ ଆଉ ୮ ବର୍ଷ ତାଙ୍କ ଶାସନ ବଢ଼ାଇ ପାରିବେ କି ନାହିଁ,ଏଭଳି ପ୍ରଶ୍ନକୁ ନେଇ ୧୯୮୮ରେ ଯେଭଳି ଜନମତ ସଂଗ୍ରହ କରାଯାଇଥିଲା ଏଥର ନିର୍ବାଚନର ଫଳାଫଳ କାଷ୍ଟଙ୍କ କ୍ଷେତ୍ରରେ ସେଭଳି ହୋଇଛି। ସେତେବେଳେ ପିନୋଚେଟ ସମର୍ଥକମାନେ ହାରିଥିଲେ, କିନ୍ତୁ ଦେଶର ଚରମ ଦକ୍ଷିଣପନ୍ଥୀ ଦଳ ଏବେ ବଞ୍ଚି ରହିଛି ଓ ଭଲରେ ଅଛି । ତାଙ୍କ ପରେ ନିର୍ବାଚନଗୁଡ଼ିକରେ ସବୁବେଳେ ଧ୍ରୁବୀକରଣ ହେଉଛି। କିନ୍ତୁ ଚିଲିବାସୀଙ୍କ ମଧ୍ୟରେ ବିଭାଜନ ତୀବ୍ର, ଏପରିକି ସ୍ପଷ୍ଟ ଓ ସ୍ଥାୟୀ ଜଣାପଡୁଛି। ଚିଲିବାସୀ ଏବଂ ଲାଟିନ୍ ଆମେରିକୀୟ ବାମପନ୍ଥୀଙ୍କ ପାଇଁ ଏହି ନିର୍ବାଚନର ତାତ୍ପର୍ଯ୍ୟ ରହିଛି, ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ 'ବ୍ରୋଡ ଫ୍ରଣ୍ଟ' କୁହାଯାଉଥିବା କମ୍ୟୁନିଷ୍ଟ ପାର୍ଟିରେ ସାମିଲ ବିଭିନ୍ନ ଗ୍ରୁପ ଏବଂ ବିଭିନ୍ନ ପରିବେଶ, ନାରୀ ଅଧିକାର ପାଇଁ ସଂଗ୍ରାମରତ ଓ ଏଲଜିବିଟିକ୍ୟୁ ଗ୍ରୁପ୍‌ଙ୍କ ସହ ବୋରିକ୍ ମେଣ୍ଟ କରିଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ବୋରିକ୍ ଏହି ମେଣ୍ଟକୁ ଆହୁରି ବଢ଼ାଇଥିଲେ। ଏଥିରେ ସୋସାଲିଷ୍ଟ, ସେଣ୍ଟର ଲେଫ୍ଟ ପାର୍ଟି ଫର୍ ଡେମୋକ୍ରସି, ଦି ଖ୍ରୀଷ୍ଟିଆନା ଡେମୋକ୍ରାଟସ୍ ଏବଂ ଅନ୍ୟ କେତେକ ମଧ୍ୟମ ରାଜନୈତିକ ଦୃଷ୍ଟିକୋଣ ସମ୍ପନ୍ନ ସଂଗଠନଗୁଡ଼ିକୁ ସାମିଲ କରିଥିଲେ। ଏଥିପାଇଁ ଦୁଇଟି ମେଣ୍ଟ ମଧ୍ୟରୁ କିଏ ଶାସନ କରିବ ଓ କେଉଁ ପ୍ଲାଟଫର୍ମରେ ବୋରିକ୍‌ଙ୍କ ସରକାର ତିଷ୍ଠି ରହିବ ବୋଲି ଚିଲିର ରାଜନୈତିକ ବିଶେଷଜ୍ଞ ପାଟ୍ରିସିଓ ନେଭିଆ ପ୍ରଶ୍ନ କରିଥିଲେ।

ଏହା ଉପରେ ଯେକୌଣସି ଆକଳନ କରିବାକୁ ହେଲେ ଆମକୁ ୨୦୧୯ର ଘଟଣାକୁ ଯିବାକୁ ହେବ। ସେତେବେଳେ ଚିଲିବାସୀ କମ୍ ମଜୁରି, ଗୃହ ଅଭାବ, ପେନ୍‌ସନ ସିଷ୍ଟମର ଘରୋଇକରଣ, ବ୍ୟୟବହୁଳ ଓ ଜଟିଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ପରିବେଶଗତ ଅଧଃପତନ ଏବଂ ମହିଳା ଓ ଆଦିବାସୀ ଅଧିକାର ଉଲ୍ଲଂଘନ ଆଦି ଅନେକ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ଏହାର ବହୁ ପୂର୍ବରୁ ଅସମାନତା କମ୍ କରିବା ଲାଗି ଆନ୍ଦୋଳନ ମଧ୍ୟ ଚାଲିଥିଲା। ଦାରିଦ୍ର୍ୟରେ ଉଲ୍ଲେଖନୀୟ ହ୍ରାସ ଓ ଅଲୌକିକ ଭାବେ ଦେଶର ଅର୍ଥନୀତିରେ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ତାହା ନିଷ୍ପକ୍ଷ ବା ନ୍ୟାୟସଙ୍ଗତ ଭାବେ ଶେୟାର କରାଯାଇ ନ ଥିଲା ବୋଲି ଚିଲିର ଅଧିକାଂଶ ଲୋକ ମନେକରିଥିଲେ। ଚିଲିରେ ଅସମାନତା ପୂର୍ବ ୨୦ ବର୍ଷରେ ହ୍ରାସ ପାଇଥିଲା ବୋଲି ଅସମାନତାର ମାପାଙ୍କ 'ଗିନି' ଦର୍ଶାଇଛି । ୨୦୦୦ରେ ଏହା ୦.୫୫ ଥିଲାବେଳେ ୨୦୧୯ରେ ୦.୫୧ରେ ପହଞ୍ଚିଥିଲା।

ପ୍ରତ୍ୟେକ ଘଟଣାରେ,ବୋରିକ୍‌ଙ୍କ ମୂଳ ପ୍ଲାଟ୍‌ଫର୍ମ ପ୍ରତିବାଦକାରୀଙ୍କ ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକର ସମାଧାନ କରିଥିଲା। ବୋରିକ୍ ସମସ୍ତଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟବୀମା ଯୋଗାଇବା, ପେନ୍‌ସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା,ସର୍ବନିମ୍ନ ମଜୁରି ବୃଦ୍ଧି କରିବା ଏବଂ କାର୍ଯ୍ୟ ସପ୍ତାହ କମାଇବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ବଡ଼ ବଡ଼ କମ୍ପାନୀ ଏବଂ ଧନୀ ବ୍ୟକ୍ତିମାନଙ୍କଠାରୁ ଅଧିକ ଟିକସ ଆଦାୟ କରି ସାମାଜିକ ବିକାଶ କ୍ଷେତ୍ରକୁ ଅଧିକ ପୁଞ୍ଜି ଯୋଗାଇବା ସହ ଜିଡିପିର ୮% ଏଥିରେ ଲଗାଇବେ ବୋଲି ଘୋଷଣା କରିଥିଲେ। ଏକ ବୈପ୍ଳବିକ କାର୍ଯ୍ୟକ୍ରମ ନ ଥିଲେ ମଧ୍ୟ ଏହା ଥିଲା ସମ୍ପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ।

ବୋରିକ୍ ଦ୍ୱିତୀୟ ପର୍ଯ୍ୟାୟରେ ଚିଲିର ଆଶ୍ଚର୍ଯ୍ୟଜନକ ଭାବେ ଅଭିବୃଦ୍ଧି ଘଟାଇଥିବା ରାଜନୈତିକ ମେଣ୍ଟକୁ ବିଭିନ୍ନ ପ୍ରସଙ୍ଗରେ ଦାୟୀ କରିବା ଠାରୁ ଆରମ୍ଭ କରି ଏହାର ପୂର୍ବତନ ରାଷ୍ଟ୍ରପତି ରିକାର୍ଡୋ ଲାଗୋସ ଏବଂ ମିଶେଲ ବ୍ୟାଚେଲେଟଙ୍କୁ ସମାଲୋଚନା କରିବାବେଳେ ତାଙ୍କ ଦୃଷ୍ଟିକୋଣ କୋହଳ କରିଥିଲେ। ତଥାପି ତାଙ୍କର ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଟଫର୍ମ ଗଠନମୂଳକ କାର୍ଯ୍ୟକ୍ରମ ଉପରେ ଆଧାରିତ ଥିଲା । ଏଥିରେ ତାଙ୍କର ନିଜସ୍ୱ ପ୍ରତିଶ୍ରୁତିର ଛାପଥିଲା ଓ ଉଗ୍ର ସୁଧାରବାଦର ସ୍ଥାନ କମ୍ ଥିଲା। ଯାହାହେଉ ଶେଷରେ ବୋରିକ୍‌ଙ୍କ ବିଜୟ ଘଟିଲା। ଏହା କେବଳ ଉଦାରବାଦୀ, ପାରମ୍ପରିକ, ପୁରୁଣା ସଂଗଠନଗୁଡ଼ିକ ଦ୍ୱାରା ହୋଇ ନାହିଁ,ବରଂ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଚାହୁଁଥିବା ତାଙ୍କର ଯୁବ ସମର୍ଥକଙ୍କ ଦ୍ୱାରା ସମ୍ଭବ ହେଲା। ଏଥିରୁ ବୁଝାପଡୁଛି, ସମ୍ଭବତଃ ସହସ୍ରାବ୍ଦୀ ରାଷ୍ଟ୍ରପତିଙ୍କ ଉଚ୍ଚସ୍ତରର ବିଚାରାଧାର ବା ଭାବନା ପାଇଁ ଏକ ଲଢ଼େଇ ବା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆଗକୁ ବୋରିକ୍ ଯେଉଁ ଚାପର ସମ୍ମୁଖୀନ ହେବାର ଆଶଙ୍କା କରାଯାଉଛି ତାହା ଏକ ବଡ଼ ଘଟଣାକୁ ପ୍ରକାଶ କରୁଛି , ଯାହା ମୁଁ ୨୦ ବର୍ଷ ପୂର୍ବେ ନିରୀକ୍ଷଣ କରିଥିଲି। ଶତାବ୍ଦୀର ପରିବର୍ତ୍ତିତ ଧାରାରେ ଲାଟିନ୍ ଆମେରିକାରେ ଦୁଇଟି ନିର୍ଦ୍ଦିଷ୍ଟ ପଲିଟିକାଲ ଲେଫ୍ଟ ବା ରାଜନୈତିକ ବାମପନ୍ଥୀ ଗ୍ରୁପ୍ ରହିଆସିଛନ୍ତି। ଗୋଟିଏ ଉଦାରବାଦୀ,ଗଣତାନ୍ତ୍ରିକ,ବୈଶ୍ୱିକ, ଆଧୁନିକ ବାମପନ୍ଥୀ ଏବଂ ଆଉ ଏକ ଆନାକ୍ରୋନିଷ୍ଟିକ, ଷ୍ଟାଟିଷ୍ଟ, ନ୍ୟାଶନାଲିଷ୍ଟ ଏବଂ ଅଥୋରିଟାରିଆନ ଲେଫ୍ଟ। ଚିଲି ଓ ଉରୁଗୁଆ ସରକାର ବିଗତ ୨୦ ବର୍ଷ ଧରି ଅଧିକ ଉଦାରବାଦୀ ଗ୍ରୁପ୍‌ର ଦୃଷ୍ଟାନ୍ତ ପ୍ରତିପାଦିତ କରି ଆସିଛନ୍ତି। ବ୍ରାଜିଲରେ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡି ସିଲ୍‌ଭାଙ୍କ ଦୁଇ ପାଳିରେ ବି ଏହି ଗ୍ରୁପ୍ ସରକାରକୁ ଦୃଷ୍ଟାନ୍ତ ଭାବେ ନିଆଯାଏ। ବଲିଭିଆର ରାଷ୍ଟ୍ରପତି ଏଭୋ ମୋରାଲେଙ୍କ ପ୍ରଥମ ପାଳି ସରକାର ଏବଂ ଏଲ୍‌ସାଲଭାଡର୍‌ରେ ଫାରାବୁଣ୍ଡୋ ମାର୍ଟିଙ୍କ ନ୍ୟାଶ୍‌ନାଲ ଲିବରେଶନ ଫ୍ରଣ୍ଟ ଶାସନରେ ବି ଏହା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଉଗ୍ର ସୁଧାରବାଦର ଦୃଷ୍ଟାନ୍ତ ଭେନେଜୁଏଲାର ରାଷ୍ଟ୍ରପତି ହ୍ୟୁଗୋ ଚାଭେଜ ଏବଂ ତାଙ୍କ ପରେ ନିକୋଲାସ ମାଦୁରୋ ; ଇକ୍ୱେଡର୍‌ର ରାଫେଲ କୋରିଏ, ନିକାରାଗୁଏର ରାଷ୍ଟ୍ରପତି ଡାନିଏଲ୍ ଓରଟେଗା, କ୍ୟୁବାରେ କାଷ୍ଟ୍ରୋଙ୍କ ଶାସନରେ ପ୍ରକାଶ ପାଇଥିଲା। ଏବେ କାରାକାସ, ହାଭାନା, ମେକ୍ସିକୋ ସିଟି ଏବଂ ବୁଏନ୍ସ ଆୟାର୍ସର ଉଗ୍ର ସୁଧାରବାଦୀ ସମର୍ଥକମାନେ ଏବେ ଚିଲି ନିର୍ବାଚନ ଫଳାଫଳକୁ ନେଇ ଉତ୍ସବ ପାଳନ କରିଛନ୍ତି। ସମ୍ଭବତଃ ବୋରିକ୍ ସେମାନଙ୍କ ମଧ୍ୟରୁ ଜଣେ ବୋଲି ସେମାନେ ଜଣାଇ ଦେବାକୁ ଚାହୁଁଛନ୍ତି। କିନ୍ତୁ ଶେଷରେ ସେମାନେ ନିରାଶ ହେବା ହିଁ ସାର ହେବ।

ଚିଲି ନିର୍ବାଚନର ଠିକ୍ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ଓରଟେଗାଙ୍କ ପୁନଃ ନିର୍ବାଚନ ଲୋକଦେଖାଣିଆ ଭାବେ କରାଗଲା। ଆଞ୍ଚଳିକ ନିର୍ବାଚନରେ ମାଦୁରୋଙ୍କ ବିପୁଳ ବିଜୟ ଏବଂ ଏକ ସ୍ଥିରୀକୃତ ପ୍ରତିବାଦକୁ କ୍ୟୁବା ସରକାରଙ୍କ ଦମନ ଉପରେ ବୋରିକ୍ ମେଣ୍ଟର ସଦସ୍ୟମାନଙ୍କୁ ପ୍ରତିକ୍ରିୟା ଦେବାକୁ ବାଧ୍ୟ କରିଥିଲା। ଶେଷରେ କମ୍ୟୁନିଷ୍ଟ ପାର୍ଟି ସହ ଅନ୍ୟମାନେ ଓରଟେଗା ଓ ମଦୁରୋଙ୍କୁ ସ୍ୱାଗତ କରିବାକୁ ଏବଂ ହାଭାନାରେ କାଷ୍ଟ୍ରୋ ଶାସନକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲା ବେଳେ ବୋରିକ୍ କିମ୍ବା ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ମେଣ୍ଟ ସେମାନଙ୍କ ସହ ଯୋଗ ଦେଇ ନ ଥିଲେ।

ଦ୍ୱିତୀୟ ପର୍ଯ୍ୟାୟର ଫଳାଫଳ ଏବଂ ମେଣ୍ଟ ନିୟନ୍ତ୍ରଣ ସଂଯୋଜନା ଚିଲି ନିର୍ବାଚନରେ ଇତିହାସ ରଚିଛି। ହେଲେ ଏକ ଲୋକପ୍ରିୟ ଲାଟିନ ଆମରିକାନ୍ ଲେଫ୍ଟ ୱିଙ୍ଗ୍ ସରକାର ଭଳି ବୋରିକ୍ ଶାସନ ଦେଇ ନ ପରିବା ପଛରେ ଯୁକ୍ତିଯୁକ୍ତ କାରଣ ରହିଛି ବୋଲି କୁହାଯାଇପାରେ। ଏହା ବଦଳରେ ସେ ୧୯୭୦ରେ ଫ୍ରାନ୍ସରେ ଗଣତନ୍ତ୍ର ଫେରିବା ପରେ ପ୍ରଥମ ସୋସାଲିଷ୍ଟ ପ୍ରଧାନମନ୍ତ୍ରୀ ଫିଲିପ ଗୋଞ୍ଜାଲେଜଙ୍କ ଭଳି ୟୁରୋପିଆନ ସୋସିଆଲ ଡେମୋକ୍ରାଟ ଢଙ୍ଗରେ ସରକାର ଚଳାଇବାର ଅଧିକ ସମ୍ଭାବନା ରହିଛି। ଚିଲି ଓ ଲାଟିନ ଆମେରିକା ସ୍ୱାର୍ଥ ଦୃଷ୍ଟିରୁ ଏହା ଜଣେ ଆଶା କରିବା ସ୍ୱାଭାବିକ।

**ପୂର୍ବତନ ବୈଦେଶିକ ମନ୍ତ୍ରୀ,ମେକ୍ସିକୋ; ପ୍ରଫେସର, ନ୍ୟୁୟର୍କ ୟୁନିଭର୍ସିଟି**

## ଶୀତୁଆ କୁହୁଡ଼ି



ଡା.କାନ୍ତୀ ନାୟକ

ଶୀତ ଓ କୁହୁଡ଼ିର ଚାଦର ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଏକ ପ୍ରକାର ଅସ୍ତବ୍ୟସ୍ତ କରିଦେଉଛି। ବେଳେ ବେଳେ କୁହୁଡ଼ିର ମାତ୍ରା ବଢ଼ି ଯାଉଥିବାବେଳେ ପରିବେଶରୁ ତାପ ମଧ୍ୟ କମିଯାଉଛି। ସେହିପରି ମଝିରେ ମଝିରେ ଅଦିନିଆ ଅସରା ବା ଦିଅସରା ବର୍ଷା ଯଦି ହୋଇଗଲା ତାହାହେଲେ ସୁଖଟା ଦୁଃଖରେ ପରିଣତ ହୋଇଯାଏ। କାଲୁଆ ଜାଡ ଦେହର ସବୁ ଅଙ୍ଗପ୍ରତ୍ୟଙ୍ଗକୁ ଏକ ପ୍ରକାର ଥଣ୍ଡା ଥଣ୍ଡା କରିଦେଉଥିବା ବେଳେ ଅସମୟର ବର୍ଷା ମଧ୍ୟ ସବୁକିଛିକୁ ବିଗାଡ଼ି ଦିଏ। ଭଳିକି ଭଳି ସୌଖୀନ ଶୀତବସ୍ତ୍ର ପିନ୍ଧି ଆଟ୍ରାକ୍ଟିଭ ଲୁକ୍ ପାଇବା ସାଙ୍ଗକୁ ସାଙ୍ଗସାଥୀଙ୍କ ସହ ପିକ୍‌ନିକ ଏବଂ ବୁଲାବୁଲିର ମଜା ନେବା ଲାଗି ଯୁବପିଢ଼ି ଚାହିଁ ରହିଥାନ୍ତି ଶୀତ ଦିନକୁ। ଆଉ ଏମିତିରେ ଶୀତ ଆରମ୍ଭରୁ ହଠାତ୍ ଲଘୁଚାପ ଜନିତ ବର୍ଷା ନା କେବଳ ବାହାରକୁ ବାହାରିବା ମୁସ୍କିଲ କରି ସେମାନଙ୍କ ଏସବୁ ପ୍ଲାନରେ ବାଧକ ସାଜୁଛି ବରଂ ଶୀତ ସାଙ୍ଗକୁ ବର୍ଷାପାଣି ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବି ସୃଷ୍ଟି କରୁଛି। ଯାହାକୁ ଏଡ଼ାଇବା ଲାଗି ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ସାଧାରଣତଃ ଶୀତ ଆସିଲେ ପାଣିପାଗ ବଦଳିବା ଯୋଗୁ ଅଧିକାଂଶଙ୍କ ଠାରେ ଶରୀର ଶୁଷ୍କ ହୋଇଯିବା, ଶିରା ପ୍ରଶିରା ସଂକୁଚିତ ହୋଇଯିବା ସହ ରୋଗ ପ୍ରତିରୋଧକ ଶକ୍ତି କମିବା ଫଳରେ ଥଣ୍ଡା, ଜ୍ୱର ଭଳି ରୋଗ ଦେଖାଦେଇଥାଏ। ଆଉ ଏମିତିରେ ଅଦିନିଆ ବର୍ଷା ନିଆଁରେ ଘିଅ ଢାଳିବା ସଦୃଶ କାର୍ଯ୍ୟ କରିଥାଏ। ଅର୍ଥାତ୍ ଏଥିପାଇଁ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇଥାଏ। ତେଣୁ ଏହାକୁ ଏଡ଼େଇବା ଲାଗି ସର୍ବପ୍ରଥମେ ଯଥାସମ୍ଭବ ବର୍ଷାପାଣି ସଂସ୍ପର୍ଶରେ ଆସିବାଠାରୁ ନିଜକୁ ବଞ୍ଚାନ୍ତୁ। ବାହାରକୁ ବାହାରିବା ସମୟରେ ଉଭୟ ବର୍ଷାପାଣି ଏବଂ ଶୀତରୁ ରକ୍ଷା ପାଇବା ଲାଗି ମୁଣ୍ଡ ଏବଂ ଦେହକୁ ଭଲ ଭାବେ ଘୋଡ଼ାଇ ରଖନ୍ତୁ। ଶୀତ ଦିନେ ଅନେକଙ୍କଠାରେ ଜଳୀୟଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ଼, ହାତ, ଓଠ ଆଦି ଫାଟିବା, କୁଣ୍ଡାଇ ହେବା ଭଳି ସମସ୍ୟା ଦେଖାଯାଏ। ହେଲେ ଏହି ଦିନେ ବର୍ଷାରେ ଏହି ସମସ୍ୟା ଅଧିକ ବଢ଼ିଯାଏ। ଏହାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳ ଅଧିକ ଶୁଷ୍କ ଥିବାରୁ ଧୂଳିକଣା ଆକାରରେ ଥିବା କାର୍ବନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ସଲଫର ମ୍ୟାଗ୍ନେସିୟମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ ଯାହାକି ବର୍ଷା ଆକାରରେ ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇ ହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ୍ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ତେଣୁ ବର୍ଷା ପାଣି ଏବଂ ଶୀତୁଆର ଥଣ୍ଡା ପବନ ସଂସ୍ପର୍ଶରେ ନ ଆସିବା ଲାଗି ଚେଷ୍ଟା କରନ୍ତୁ। ତା'ଛଡ଼ା ଏଭଳି ହଠାତ୍ ପାଣିପାଗ ପରିବର୍ତ୍ତନ ଯୋଗୁଁ ବର୍ଷାରେ ଭାରି ପୋଷାକ, ଫୁଲ୍ ଜୋତା ସାଙ୍ଗକୁ ଶୀତବସ୍ତ୍ର ବ୍ୟବହାର କରିବା କଷ୍ଟ ହେଉଥିବାରୁ ଥଣ୍ଡା ପବନ ବାଜି ଥଣ୍ଡା, ଜ୍ୱର, କାଶ ଆଦି ସମସ୍ୟା ବଢ଼ିଥାଏ। ଏଣେ ପାଣି ଲାଗି ପୋଷାକ ସହଜରେ ନ ଶୁଖିବା କାରଣରୁ ଚର୍ମ ରୋଗ ବିଶେଷ କରି ଫଙ୍ଗାଲ ଇନ୍‌ଫେକ୍ସନ ଦେଖାଦେଇଥାଏ। ତେଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବା ଲାଗି ଏସବୁ ବ୍ୟବହାର କରିବା ସହିତ ପ୍ରତିଦିନ ରାତିରେ ଉଷୁମ ଶୋରିଷ ତେଲ ପାଦରେ ମସାଜ କରନ୍ତୁ। ଆଙ୍ଗୁଠି ଫାଙ୍କଗୁଡ଼ିକରେ ଭେସଲିନ୍ ଲଗାନ୍ତୁ। ଗାଧୋଇବା ବେଳେ ତେଲ କିମ୍ବା ବଡ଼ି ଲୋଶନ ଲଗାନ୍ତୁ।

ଏମିତିରେ ଶୀତଦିନେ ଅଧିକାଂଶ ଯୁବତୀ ଯୁବକଙ୍କ ଲାଗି କେଶ ଶୁଷ୍କ ହେବା, ରୁପି ହେବା ଏକ ବଡ଼ ସମସ୍ୟା ପାଲଟେ। ଆଉ ଏ ସମୟରେ ଅଦିନିଆ ବର୍ଷା ହେବା ଯୋଗୁଁ ମୁଣ୍ଡରେ ପାଣି ପଡ଼ିବା ଦ୍ୱାରା ରୁପି ସହ ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍ସନ ହୋଇ କେଶ ଝଡ଼ିବା ଆଶଙ୍କା ବୃଦ୍ଧି ପାଇଥାଏ। ଯାହାକୁ ଦୂର କରିବା ଲାଗି କେଶ ଓଦା ହେବାକୁ ଦିଅନ୍ତୁ ନାହିଁ ଏବଂ ଯଦି ଓଦା ହୋଇଯାଏ ତେବେ ସଙ୍ଗେ ସଙ୍ଗେ ପୋଛି ଦିଅନ୍ତୁ। ଏହା ବ୍ୟତୀତ କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମସାଜ କରନ୍ତୁ। ଭିଟାମିନ୍ ବି, ଏ, ସି, ଇ ସହିତ ଜିଙ୍କ, ପୋଟାସିୟମ ଏବଂ ଆଇରନ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷ କରି କଦଳୀ, ସେଓ, ଅମୃତଭଣ୍ଡା ଆଦି ଫଳ ଖାଆନ୍ତୁ। ବଜାରରେ ମିଳୁଥିବା ଫାଷ୍ଟଫୁଡ ଜାତୀୟ ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ରଙ୍ଗୁଭିଡିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଯଦି କାଶ ହୁଏ ତେବେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ, ମହୁ ଖାଆନ୍ତୁ। ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ। ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କୁହାଯାଏ ସୁଖ ଓ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି ତେଣୁ ଭଗବାନଙ୍କ ସୃଷ୍ଟିରେ ଛଅଟି ଋତୁ ନିଜ ନିଜ ଯୁଗର କର୍ତ୍ତବ୍ୟକୁ ପାଳନ କରିଥାନ୍ତି। ତେଣୁ ବର୍ତ୍ତମାନର କରୋନା ପରିସ୍ଥିତିକୁ ଦେଖି ସବୁ ଦୃଷ୍ଟିରୁ ନିଜ ପାଇଁ ନିଜେ ସ୍ୱାସ୍ଥ୍ୟ ସତର୍କ ରହିଲେ ଶୀତ ଦିନଟି ଆପଣଙ୍କ ପାଇଁ ଆନନ୍ଦ ଓ ଖୁସିର ଋତୁ ହେବ।

**ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡିଏ, କଟକ**

## ଏଇ ଭାରତରେ

ଆମ ଦେଶରେ ପ୍ରତିଦିନ ଖାଇବାକୁ ୧୯୦ ମିଲିୟନ ଲୋକଙ୍କ ପାଖରେ ଖାଦ୍ୟ ନାହିଁ। ଅନେକେ ବେଳାଏ ଖାଇଲେ ବେଳାଏ ଉପବାସ ରହୁଛନ୍ତି। ହେଲେ ଗୁଜରାଟର ଲଭ୍‌ଜୀଭାଇ ପଟେଲ ଏଭଳି କିଛି ଲୋକଙ୍କୁ ଖାଦ୍ୟ ଦେବା ଲାଗି ପ୍ରୟାସ ଆରମ୍ଭ କରିଥିଲେ ଆଜକୁ ୩୫ ବର୍ଷ ପୂର୍ବେ। ସେବେଠାରୁ ଦୀର୍ଘବର୍ଷ ଧରି ଗଙ୍ଗାରାମ ହସ୍ପିଟାଲ ବାହାରେ ଗରିବ ପରିବାରଗୁଡ଼ିକୁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ଯେଉଁମାନଙ୍କ ପାଇଁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର। ଲଭ୍‌ଜୀଭାଇ ଏଭଳି କାର୍ଯ୍ୟ ଜାରି ରଖିବା ଲାଗି ୧୯୯୪ରେ ସେ ଗଙ୍ଗାରାମ ଚାରିଟେବଲ ଟ୍ରଷ୍ଟ ଗଠନ କରିଥିଲେ। ନିଜ ସଞ୍ଚିତ ଅର୍ଥରୁ ୨୫ ଲକ୍ଷ ଟଙ୍କା ସେ ଟ୍ରଷ୍ଟକୁ ଦେଇଥିଲେ। ଲଭ୍‌ଜୀଭାଇଙ୍କ ଦେହାନ୍ତ ପରେ ଏବେ ତାଙ୍କ ପୁତୁରା ଚନ୍ଦ୍ରେଶଭାଇ ଏହି ସେବା ଜାରି ରଖିଛନ୍ତି। ଦିନକୁ ୧,୫୦୦ ଅସହାୟଙ୍କୁ ଖାଦ୍ୟ ଦିଆଯାଉଛି। ଚନ୍ଦ୍ରେଶଭାଇ ଲୋକଙ୍କୁ ଖାଦ୍ୟ ଦେବା ସହ ଘରେ ଏକୁଟିଆ ରହୁଥିବା ଓ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବାହାରକୁ ଆସି ପାରୁ ନ ଥିବା ପ୍ରାୟ ୨୦୦ ବୟସ୍କଙ୍କ ଘରେ ଖାଦ୍ୟ ପହଞ୍ଚାଉଛନ୍ତି। ଦିନକୁ ଏ ବାବଦରେ ୨୫, ୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଲଭ୍‌ଜୀଭାଇ ପ୍ରଥମେ ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍‌ରେ ଗରିବଙ୍କ ପାଇଁ ନେଉଥିଲେ। ଏମିତି ୧୫ ବର୍ଷ କାଳ କାହାର ସାହାଯ୍ୟ ନ ନେଇ ସେ ଓ ତାଙ୍କ ସ୍ତ୍ରୀ ଅସହାୟଙ୍କୁ ଖାଦ୍ୟ ଯୋଗାଇବା ପରେ ଭୋକିଲାଙ୍କ ସଂଖ୍ୟା ବଢ଼ିବାରୁ ଟ୍ରଷ୍ଟ ଗଠନ କରିବାକୁ ପଡ଼ିଥିଲା, ଯାହା ଏବେ ଚନ୍ଦ୍ରେଶଭାଇଙ୍କ ନେତୃତ୍ୱରେ ଅସହାୟଙ୍କ ପାଇଁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଇ ଆସୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଡିସେମ୍ବର ୧୯୯୬

- ପେରୁର ରାଜଧାନୀ ଲିମାରେ ବାମପନ୍ଥୀ ଗେରିଲାମାନେ ମୁଣ୍ଡଜାମିନ ରଖିଥିବା ୨୨୫ ଲୋକଙ୍କୁ ମୁକ୍ତ କରି ଦେଇଛନ୍ତି।
- ସିନ୍ଧ ପ୍ରଦେଶରେ କଡ଼ା ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁର୍ତ୍ତାଜା ଭୁଟ୍ଟୋଙ୍କ ବିଧବା ପତ୍ନୀ ଘିନ୍‌ଭା ଭୁଟ୍ଟୋ ଓ ନୱାଜ ଶରିଫଙ୍କ ମଧ୍ୟରେ ନିର୍ବାଚନୀ ବୁଝାମଣା।
- ଗୃହନିର୍ମାଣ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟର ଇଚ୍ଛାଧୀନ କୋଟାରେ ସରକାରୀ ଘର ପାଇ ରହିଥିବା ୨୦୦୦ ସରକାରୀ କର୍ମଚାରୀଙ୍କୁ ୯୦ ଦିନ ଭିତରେ ଘର ଛାଡ଼ିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | | | | |
| 6 | | | 4 | | | 8 | | |
| | 3 | 8 | 6 | | 7 | 2 | | 9 |
| | | | | | | 4 | | 6 |
| | | 9 | | | 5 | | 3 | |
| | 4 | | | 7 | | 5 | | |
| | | 2 | 7 | | | 6 | | |
| | | | | | | | | |
| | | | 8 | 1 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 3 | 6 | 9 | 1 | 5 | 7 |
| 6 | 5 | 3 | 1 | 2 | 7 | 4 | 9 | 8 |
| 1 | 7 | 9 | 4 | 5 | 8 | 2 | 6 | 3 |
| 3 | 8 | 1 | 9 | 7 | 2 | 6 | 4 | 5 |
| 5 | 6 | 7 | 8 | 1 | 4 | 9 | 3 | 2 |
| 4 | 9 | 2 | 6 | 3 | 5 | 8 | 7 | 1 |
| 7 | 1 | 5 | 2 | 4 | 6 | 3 | 8 | 9 |
| 9 | 3 | 6 | 7 | 8 | 1 | 5 | 2 | 4 |
| 8 | 2 | 4 | 5 | 9 | 3 | 7 | 1 | 6 |

ଗତକାଲିର ଉତ୍ତର

## ବିଦ୍ୟାଳୟର ରୂପାନ୍ତରଣ ଓ ଗୁଣାନ୍ତରଣ



ଇପ୍ସିତା ମହାନ୍ତି

ଗୋଟିଏ ଦେଶ ତା'ର ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ଗଢ଼ିବ, ଭବିଷ୍ୟତରେ ସେହିଭଳି ନାଗରିକ ସୃଷ୍ଟି ହେବେ। ପ୍ରତିଟି ଶିକ୍ଷାନୁଷ୍ଠାନ ଗୋଟିଏ ଗୋଟିଏ ମଣିଷ ଗଢ଼ା କାରଖାନା। ନାଗରିକ ଅନୁଶାସିତ ହେବା, ଅହିଂସା ପଥରେ ଚାଲିବା, ପୁଣି ନିଜ ଦାବି ପୂରଣ ପାଇଁ ସତ୍ୟାଗ୍ରହକୁ ଆପଣାଇବା, ଏସବୁ କଥା ଛାତ୍ର ଜୀବନରୁ ନିର୍ଣ୍ଣୟ ହୋଇଥାଏ। ଏହାର ମୂଳଦୁଆ ବିଦ୍ୟାଳୟରେ ପଡେ। ପିଲାମାନେ ବିଦ୍ୟାଳୟକୁ ଯିବା ଆମ ସାମାଜିକ ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ପୂର୍ବରୁ ପିଲାମାନେ ବିଦ୍ୟାଳୟକୁ ଗଲାବେଳେ ବେଶ୍ ଖୁସି ଜଣା ପଡୁଥିଲେ। ଆଜି ପିଲାଙ୍କଠାରେ ସେହି ଖୁସି ଆଉ ଦେଖିବାକୁ ମିଳୁନି। ମନେହେଉଛି, ସତେଯେମିତି ଜୋର୍ ଜବରଦସ୍ତ ଏମାନେ ବିଦ୍ୟାଳୟକୁ ଯାଉଛନ୍ତି। ବିଦ୍ୟାଳୟକୁ ଯିବା ସେମାନଙ୍କ ପାଇଁ ଯେପରି ଏକ ବୋଝ ହୋଇଯାଇଛି। ଏସବୁ ଦୃଷ୍ଟିରୁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଆମ ସମାଜ ପାଇଁ ଏକ ବିରାଟ ଆହ୍ୱାନ।

ଡିସେମ୍ବର ୨୦୧୯ରେ ଘଟିଯାଇଥିବା ଏକ ଘଟଣାର ଉଦ୍‌ବେଗତା ହିଁ ଏ ବିଷୟରେ ଆଲୋଚନା ପାଇଁ ବାଧ୍ୟ କରିଛି। ସେତେବେଳେ ଉତ୍ତର ପ୍ରଦେଶ ନୋଏଡା ଅଞ୍ଚଳର ପିଲାଦ୍ୱୟ ନିଜ ବିଦ୍ୟାଳୟକୁ ଛୁଟି ଘୋଷଣା ପାଇଁ ଏକ ଅଭିନବ ଉପାୟ ପାଞ୍ଚିଥିଲେ। ନିଜ ଜିଲ୍ଲା ଗୌତମବୁଦ୍ଧ ନଗରର ଜିଲାପାଳଙ୍କ ଦ୍ୱାରା ପୂର୍ବରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ନକଲ କରି ଏ ଦୁହେଁ ଏକ ମିଥ୍ୟା ବିଜ୍ଞପ୍ତି ତିଆରି କରି ତାହାକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିଦେଲେ। ପ୍ରକୃତରେ ଅତ୍ୟଧିକ ଥଣ୍ଡା ହେତୁ ୨୦୧୯ ଡିସେମ୍ବର ୧୯ ଓ ୨୦ରେ ଜିଲାର ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିବା ପାଇଁ ଜିଲାପାଳ ବିଜ୍ଞପ୍ତି ଜାରି କରିଥିଲେ। ସେହି ବିଜ୍ଞପ୍ତିର ତାରିଖକୁ ବଦଳାଇ ୨୩ ଓ ୨୪ କରିଦେଇ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ (ପ୍ରଘଟ) କରିଦେଲେ। ଏକଥା ଜାଣିବା ପରେ ନିଜ କାର୍ଯ୍ୟାଳୟରୁ ଏପରି କୌଣସି ବିଜ୍ଞପ୍ତି ଜାରି ହୋଇ ନ ଥିବା କଥା, ସ୍ୱୟଂ ଜିଲାପାଳ ଟୁଇଟ୍ ମାଧ୍ୟମରେ ପ୍ରକାଶ କରିଥିଲେ। ସୂଚାଇ ଥିଲେ ଯେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବିଜ୍ଞପ୍ତିଟି ମିଥ୍ୟା ଏବଂ ୨୩ ଓ ୨୪ ତାରିଖରେ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇନାହିଁ। ଜିଲାପାଳଙ୍କ ଘୋଷଣା ପୂର୍ବରୁ ଅଧିକାଂଶ ଅଭିଭାବକ ବିଦ୍ୟାଳୟ ବନ୍ଦ ଥିବା ଜାଣି ନିଜ ପିଲାଙ୍କୁ ବିଦ୍ୟାଳୟକୁ ପଠାଇ ନ ଥିଲେ। କାରଣ ଠିକ୍ ଅବା ମିଥ୍ୟା ବିଜ୍ଞପ୍ତିକୁ ଜାଣିବା ଅଭିଭାବକଙ୍କ ପକ୍ଷେ ସମ୍ଭବ ନଥିଲା।

ଏଠାରେ ଯେଉଁ ଦୁଇ ପିଲାଙ୍କ ବିଷୟରେ କୁହାଯାଉଛି ସେମାନେ ଥିଲେ ନୋଏଡା ଅଞ୍ଚଳର ସେକ୍ଟର ୨୦ରେ ଥିବା ଏକ ଇଣ୍ଟର୍ କଲେଜର ଛାତ୍ର। ପିଲାଦ୍ୱୟଙ୍କୁ ପୋଲିସ୍ ଠାବ କଲାପରେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପୋଲିସ ସେମାନଙ୍କୁ ଏହାର କାରଣ ପଚାରି ବୁଝିଥିଲେ। ପ୍ରକୃତରେ ଅତ୍ୟଧିକ ଶୀତ ପାଇଁ ତଥା ବିଦ୍ୟାଳୟର କ୍ଲାନ୍ତିକର ପରିବେଶଠାରୁ ଦୂରେଇ ରହି ଭୋଜିଭାତରେ ସମୟ କାଟିବାକୁ ଇଚ୍ଛା ପ୍ରକାଶ କରି ପିଲା ଦୁହେଁ ଏଭଳି କାର୍ଯ୍ୟ କରିଥିବା କହିଥିଲେ। ପିଲାଦ୍ୱୟଙ୍କ ନାମରେ ଏଫ୍‌ଆଇଆର୍ ଦାଏର କରାଯିବା ସହ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ପରେ ସେମାନଙ୍କୁ ଜାମିନ୍ ମିଳିଥିଲା। ଏହି ଘଟଣା କେବଳ ନୋଏଡାର ପ୍ରଶାସନ ପାଇଁ ନୁହେଁ ବରଂ ଆମ ସରକାର, ସର୍ବୋପରି ଆମ ବ୍ୟବସ୍ଥା ପ୍ରତି ସତର୍କ ଘଣ୍ଟି। ଏ ଦୃଷ୍ଟିରୁ ପିଲାଙ୍କ ସହ ଆମ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ଅତ୍ୟନ୍ତ ଜରୁରୀ ମନେହୁଏ। ପିଲାମାନେ ଯାହା କରିଛନ୍ତି ତାହା କେବଳ ଭୁଲ୍ ନୁହେଁ, ଅପରାଧ ମଧ୍ୟ। କିନ୍ତୁ ଏପରି ମନ୍ଦକାର୍ଯ୍ୟ ମୂଳରେ ସେମାନଙ୍କ ଭିତରେ ଯେଉଁ ଭାବନା ଥିଲା ତାହାକୁ ବୁଝିବା ଦରକାର। ମୂଳ ଭାବନା ଏୟା ନୁହେଁ ତ, ପିଲାମାନେ ବିଦ୍ୟାଳୟକୁ ଯିବା ପାଇଁ ଚାହୁଁ ନାହାନ୍ତି ! ଯଦି ପିଲାମାନେ ବିଦ୍ୟାଳୟକୁ ଯିବାକୁ ଚାହୁଁନାହାନ୍ତି, ତେବେ ଏହାର କାରଣ କ'ଣ? ବିଦ୍ୟାଳୟକୁ ଛୁଟି ଘୋଷଣା ପାଇଁ ପିଲା ଦୁହେଁ ଯେଉଁ ଉପାୟ ଅବଲମ୍ବନ କଲେ ତାହା ଠିକ୍ ନୁହେଁ। କିନ୍ତୁ ଏମାନଙ୍କ ବିରୋଧରେ ଏଫ୍.ଆଇ.ଆର୍ ଦାଏର କରିଦେଲେ; ତାହା ମଧ୍ୟ ସମାଧାନ ଆଣିଦେବ ନାହିଁ। ଅବଶ୍ୟ ଏହି ପିଲାଦ୍ୱୟଙ୍କ ପାଇଁ ଲକ୍ଷାଧିକ ପିଲାଙ୍କର କ୍ଷତି ହୋଇଛି। ତେଣୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ ଥିଲା ବୋଲି ଜିଲା ପ୍ରଶାସନ ସଫେଇ ଦେଇଥିଲା।

ଆମ ଦେଶରେ ଗୋଟିଏ ପରେ ଗୋଟିଏ ସରକାର ନିଜ କାର୍ଯ୍ୟକାଳ ଶେଷ କରିଚାଲିଛି ଅଥଚ ଏଯାଏ ଠିକ୍ ଶିକ୍ଷାନୀତିଟିଏ ସ୍ଥିର ହୋଇପାରିନି। ସୁବିଧାବାଦୀ ରାଜନୀତି ପାଇଁ ବେଳେବେଳେ ପାଠ୍ୟକ୍ରମକୁ ପରିବର୍ତ୍ତନ କରାଯାଉଛି। ପିଲାଙ୍କ ବସ୍ତାନିରେ କାଗଜର ବୋଝ ମଧ୍ୟ ବଢ଼ି ଚାଲିଛି କିନ୍ତୁ ଆମ ବ୍ୟବସ୍ଥା ପିଲାଙ୍କ ମନକଥା ବୁଝିପାରୁ ନାହିଁ। ବାସ୍ତବିକ୍ ପୁସ୍ତକରୁ ପଢ଼ା ଯାଉଥିବା ପାଠ; ସମାଜରୁ ମିଳୁଥିବା ଶିକ୍ଷା ବା ଜ୍ଞାନଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଆଜି ଶ୍ରେଣୀଗୃହ ପିଲାଙ୍କୁ ଆକୃଷ୍ଟ କରିପାରୁନି। କିନ୍ତୁ ଏ ସମସ୍ତ ସମାଧାନର ରାସ୍ତା ଶ୍ରେଣୀଗୃହରୁ ହିଁ ବାହାରିବ। ସରକାର ଶ୍ରେଣୀଗୃହକୁ ସ୍ମାର୍ଟରୁମ୍ କରିବାକୁ ଆଗ୍ରହୀ, ଏହା ଜରୁରୀ ମଧ୍ୟ କିନ୍ତୁ ସେହି ହିସାବରେ ପିଲାଙ୍କୁ ସ୍ମାର୍ଟ କରିବା ଦରକାର। ସରକାର ବିଦ୍ୟାଳୟର ରୂପାନ୍ତରଣ ସହ ଗୁଣାନ୍ତରଣ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଏଥିପାଇଁ ଶିକ୍ଷକ ସମାଜକୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲେଇବାକୁ ପଡ଼ିବ। ପିଲାଙ୍କ ମାନସିକତାକୁ ଦୃଷ୍ଟି ଦେଇ ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ପାସଫେଲ୍ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ପିଲାଙ୍କ ପାଇଁ ବିଦ୍ୟାଳୟକୁ ଭୟ ଓ ଦଣ୍ଡ ମୁକ୍ତ ଅଞ୍ଚଳ ଭାବେ ଘୋଷଣା ହୋଇଛି। ଏପରି ବ୍ୟବସ୍ଥା ଦ୍ୱାରା ଶିକ୍ଷକମାନେ ପିଲାଙ୍କୁ ଆକଟ କରିବାକୁ ଭୟ କରୁଛନ୍ତି। ଫଳତଃ ପିଲାଙ୍କ ସ୍ୱେଚ୍ଛାଚାରିତା ବୃଦ୍ଧି ପାଉଛି। ଆଜି ବିଦ୍ୟାଳୟ ପରିବେଶ ପିଲାଙ୍କ ପାଇଁ ଭୟମୁକ୍ତ ହୋଇଥିବା ବେଳେ ଶିକ୍ଷକଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି କରିଛି। ଶିକ୍ଷକଙ୍କୁ ଅନୁଶାସନ ମଧ୍ୟରେ ରହିବା ପାଇଁ ସରକାର ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶନାମା ଜାରିକରି ଚାଲିଛନ୍ତି କିନ୍ତୁ ପିଲାଙ୍କୁ ଅନୁଶାସନର ଶିକ୍ଷା ଦେବାକୁ ଶିକ୍ଷକଟି ଆଜି ଅସୁରକ୍ଷିତ ମଣୁଛି। ତେଣୁ ପିଲାଙ୍କ ନୈତିକ ଅଧଃପତନ ଘଟୁଛି ଏଥିପାଇଁ ଶିକ୍ଷକ ସମାଜକୁ ଦୋଷ ଦେଇ ଆମେ ନିଜେ ଖସି ଯାଉଛେ ! ସର୍ବଦା ଭୟର ବଳୟ ମଧ୍ୟରେ ରହି ଶିକ୍ଷକଗଣ ଯେନତେନ ପ୍ରକାରେ ନିଜ ସମୟକୁ ବିଦ୍ୟାଳୟରେ କଟେଇ ଦେବାକୁ ଚାହୁଁଛନ୍ତି। ତେଣୁ ପରିସ୍ଥିତି ବିଗିଡି ଚାଲିଛି।

ଆଜିର ଶିକ୍ଷା ବ୍ୟବସ୍ଥାରେ ପ୍ରତିବର୍ଷ ଅନେକ ପିଲା ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପଢାସାରି ବାହାରୁଛନ୍ତି। ଏକ ତଥ୍ୟ କହୁଛି ଭାରତରେ ଇଞ୍ଜିନିୟରିଂ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୩.୮୪ ପ୍ରତିଶତଙ୍କ ପାଖରେ ଚାକିରି ପାଇଁ ଆବଶ୍ୟକ ଦକ୍ଷତା ରହିଛି। ମାତ୍ର ୩ ପ୍ରତିଶତ ଛାତ୍ରୀଛାତ୍ର ହିଁ ନୂତନ ଜ୍ଞାନକୌଶଳ ବିଷୟରେ ପୂର୍ଣ୍ଣମାତ୍ରାରେ ଦକ୍ଷ। ବହୁ ସମୟରେ ଆମ ଦେଶର ଲୋକେ କହନ୍ତି ଯେ– ମୁଁ ଜଣେ ଗ୍ରାଜୁଏଟ୍, ମୁଁ ଜଣେ ଇଞ୍ଜିନିୟର ଡିଗ୍ରୀଧାରୀ କିନ୍ତୁ ମୋ ପାଇଁ ଚାକିରି ନାହିଁ। ହେଲେ ଆକଳନ ବେଳେ ଏସବୁ ଡିଗ୍ରୀଧାରୀ ଚାକିରି ପାଇଁ ଆବଶ୍ୟକ କୌଶଳଠାରୁ ବହୁ ପଛରେ ରହିଯାନ୍ତି ଅବା ଅଯୋଗ୍ୟ ବିବେଚିତ ହୁଅନ୍ତି। ଜଣେ ଜୀବନକାଳର ଏକ ଚତୁର୍ଥାଂଶ ସମୟକୁ ବିଦ୍ୟାଳୟରେ ବିତେଇଥାଏ। ଯଦି ପିଲାଟିକୁ ନିଜ ବିଦ୍ୟାଳୟ ଅରୁଚିକର, କ୍ଲାନ୍ତିକର ଲାଗେ ଅବା ବୋଝ ଭଳି ଅନୁଭୂତ ହୁଏ, ପୁଣି ଏହା ଯଦି ପିଲାଟିକୁ ନିଜ ଗୋଡ଼ରେ ଠିଆହେବା ପାଇଁ କିମ୍ବା ଚାକିରି ପାଇଁ ଯୋଗ୍ୟ ରୂପେ ଗଢ଼ି ନ ପାରେ; ତେବେ କ'ଣ କହିବା ? ଏହାର ଉତ୍ତର ଆମକୁ ଖୋଜି ବାହାର କରିବାକୁ ପଡ଼ିବ। ବିଦ୍ୟାଳୟର ରୂପାନ୍ତରଣ ସହ ଗୁଣାନ୍ତରଣ ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାପକ ସିସିଟିଭି ଲାଗୁ

ମହାଶୟ,

ଅପରାଧ ନିୟନ୍ତ୍ରଣରେ ସିସିଟିଭିର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ। ଏହା ଗତ କିଛି ବର୍ଷର ଅଭିଜ୍ଞତାରୁ ପ୍ରମାଣିତ ହୋଇଛି। ଚୋରି, ଡକାୟତି, ଲୁଟ୍, ରାହାଜାନି, ହତ୍ୟା, ନାରୀ ନିର୍ଯାତନା ଓ ସଂଘବଦ୍ଧ ଆକ୍ରମଣ ପରି ଆପରାଧିକ ମାମଲା ସମେତ ରାସ୍ତା ଦୁର୍ଘଟଣାରେ ସଂଶ୍ଳିଷ୍ଟ ଅପରାଧୀଙ୍କୁ ଚିହ୍ନଟ କରି ଶାସ୍ତି ବିଧାନ କରିବା କ୍ଷେତ୍ରରେ ପୋଲିସ ସିସିଟିଭିର ସହାୟତା ନେଇପାରୁଛି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲ, କଲେଜ, ବ୍ୟାଙ୍କ ଓ ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଏବଂ ଶ୍ରମିକଙ୍କ କାର୍ଯ୍ୟଧାରା ଓ ଗତିବିଧି ଉପରେ ମଧ୍ୟ ସିସିଟିଭି ତୀକ୍ଷ୍ଣ ନଜର ରଖିପାରୁଛି। ଏଣୁ ସମସ୍ତ କାର୍ଯ୍ୟାଳୟ, ଛକ, ବଜାର, ମାର୍କେଟ କମ୍ପ୍ଲେକ୍ସ ଓ ଜନଗହଳିପୂର୍ଣ୍ଣ ରାସ୍ତାର ଦୁର୍ଘଟଣାପ୍ରବଣ ସ୍ଥାନରେ ବ୍ୟାପକ ଭାବରେ ସିସିଟିଭି ଲାଗିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ଚାଇନାର ସର୍ବସାଧାରଣ ରାସ୍ତାରେ ଏବେସୁଦ୍ଧା ୧୦ କୋଟି ସିସିଟିଭି ଲାଗି ସାରିଲାଣି ଏବଂ ଏହାକୁ ୨୦ କୋଟିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଗତ କିଛିଦିନ ତଳେ କଟକ–ଭୁବନେଶ୍ୱର ଟୁଇନ୍ ସିଟିରେ ପ୍ରତି ଦୁଇ କିଲୋମିଟର ବ୍ୟବଧାନରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ହୋଇଛି। ଏହା ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ଲାଗି ବାଇଛି ବୀଣା
ସଞ୍ଜ ସକାଳ ଦିବସ ମିଶି
ଗୋଧୂଳି କେବେ ମିଳାଏ ଧୀରେ
ପାହାନ୍ତି ବାଆ ସହିତେ ମିଶି !
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଯୁଯୁମୁରାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଶିଳାନ୍ୟାସ

ସମ୍ବଲପୁର,(ବ୍ୟୁରୋ)-ସମ୍ବଲପୁର-ଅନୁଗୋଳ ୫୫ନଂ ଜାତୀୟରାଜପଥର ଯୁଯୁମୁରା ଥାନା ସମ୍ମୁଖରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧମରେ ଏହାର ଶିଳାନ୍ୟାସ କରିଛନ୍ତି। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ଶୁଭମ୍ ସକସେନା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ, ଓଏସ୍‌ଆର୍‌ଟିସି ଡିଭିଜନାଲ ମ୍ୟାନେଜର ଶାନ୍ତନୁ ମିଶ୍ର ଉପସ୍ଥିତ ଥିଲେ। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୁଯୁମୁରା ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି। ଏବେ ସରକାର ଅନୁମୋଦନ କରିଛନ୍ତି। ବସ୍‌ଷ୍ଟାଣ୍ଡରେ ବିଶ୍ରାମାଗାର, ଶୌଚାଳୟ, ଖାଇବା ବ୍ୟବସ୍ଥା ରହିବ। ଏଥିପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା କୁହାଯାଇଛି।

### ସଂକ୍ଷେପରେ

## ନୂଆବର୍ଷ ପାଳନ ନେଇ ଗାଇଡ୍‌ଲାଇନ ଜାରି

ସମ୍ବଲପୁର,୨୩।୧୨(ବ୍ୟୁରୋ): ଜିରୋ ନାଇଟ୍ ଓ ନୂଆ ବର୍ଷ ପାଳନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ନୂତନ ଗାଇଡ୍‌ଲାଇନ ଜାରି ହୋଇଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୩୧ ଓ ଜାନୁୟାରୀ ୧ରେ ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ, ପାର୍କ, କଲ୍ୟାଣ ମଣ୍ଡପ ଆଦି ସ୍ଥାନରେ ଜନଗହଳିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସର୍ବସାଧାରଣ ସ୍ଥାନରେ ସାମୂହିକ ଭୋଜି ଉପରେ ରୋକ ଲଗାଯାଇଛି। କୋଭିଡ୍ ନିୟମ ଅନୁସାରେ ଘରେ କାର୍ଯ୍ୟକ୍ରମ ପାଳନ କରିବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କେନ୍ଦୁପାଣି ଚାମ୍ପିୟନ

କୁଚିଣ୍ଡା,୨୩।୧୨(ଡି.ଏନ.ଏ.): ବାମରା ବ୍ଲକ ବାଉଁଶଗାଁରଠାରେ ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କେନ୍ଦୁପାଣି ଓ ବାରଗାଡ ମଧରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ କେନ୍ଦୁପାଣି ଟିମ୍ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ରାଜେଶ ଛତ୍ରିଆ,ବିକ୍ରମ ନାଏକ, ଆକାଶ ପ୍ରଧାନ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ମହାବୀର ଖଣ୍ଡେଲୱାଲ, ପ୍ରଦୀପ ମିଶ୍ର, ହେମାନନ୍ଦ ସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୧୫ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫିସହ ନଗଦ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ବିନୋଦ ବିହାରୀ ସିଂହ ସଭା ପରିଚାଳନା କରିଥିବାବେଳେ ଚନ୍ଦ୍ରଜିତ ଗୋପାଳ ଧନ୍ୟବାଦ ଦେଇଥିଲେ।

## ପାଣ ସମାଜର ବନ୍ଧୁମିଳନ

କୁଚିଣ୍ଡା,୨୩।୧୨(ଡି.ଏନ.ଏ.): ଟାଇଁସର ପଞ୍ଚାୟତ କଦୋପଡ଼ା ନିକଟ ଚକ୍ରଧରଠାରେ ବୁଧବାର କୁଚିଣ୍ଡା ବ୍ଲକସ୍ତରୀୟ ଲକ୍ଷେଘର ପାଣ ସମାଜର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୋମବାରୁ ବୁଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୧୭ ପଞ୍ଚାୟତରେ ମହିଳା ସଙ୍ଗଠନକୁ ସୁଦୃଢ଼ କରାଯାଇ ତୃଣମୂଳ ସ୍ତରରୁ ଶିକ୍ଷାର ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଲିଙ୍ଗରାଜ ବାଘ ଓ ବିନୋଦିନୀ ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନବୋଧ କଣ୍ଟା ଧନ୍ୟବାଦ ଦେଇଥିଲେ। ଏଥିରେ ସଞ୍ଜୁ କଣ୍ଟା, ବେଦମତୀ ବାଗ, ବିନତାରାଣୀ ହଂସ, ମନ୍ଦାକିନୀ ଦୁତିଆଚାନ୍ଦ, ସୀତାରାମ ସୁନାନୀଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ।

## ସ୍ୱଚ୍ଛ ଭାରତ ଶୀର୍ଷକ ପ୍ରତିଯୋଗିତା

ସମ୍ବଲପୁର,୨୩।୧୨(ବ୍ୟୁରୋ)

ସମ୍ବଲପୁର ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ ଶୀର୍ଷକ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଧନକଉଡା ହାଇସ୍କୁଲ ସଭାକକ୍ଷଠାରେ ଆୟୋଜିତ ପ୍ରତିଯୋଗିତାରେ ଆରତି ଖରାଲି ପ୍ରଥମ, ମୁକେଶ ଦାଶ ଦ୍ୱିତୀୟ ଓ ନିର୍ମଳ ଗୁରୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରବନ୍ଧରେ ଅଙ୍କିତା ଗର୍ଡିଆ, ରିଙ୍କ କୁମାରୀ ଯାଦବ, ଖୁସି ମୁଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡା. ଦିଲୀପ କୁମାର ମୁଦୁଲି ସ୍ୱଚ୍ଛତା ଓ କୈଶୋର ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲ ସୁସ୍ଥ ସମାଜ ଗଠନ ଉପରେ ବୁଝାଇଥିଲେ। ଦିଲିପ କୁମାର ନନ୍ଦ, ସୁପ୍ରଭାତ ସାହୁ, ଗୌରାଙ୍ଗ ପ୍ରଧାନ କାଯର୍‌ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## କୁତ୍ରା ଅଞ୍ଚଳରେ ୭ଡିଗ୍ରୀ ତଳକୁ ଖସିଲା ପାରଦ

କୁତ୍ରା, ୨୩।୧୨(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲାରେ ଗତ ସପ୍ତାହେ ହେଲାଣି ଶୀତ ପ୍ରକୋପ ଜାରି ରହିଛି। ଜିଲାର କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ତାପମାତ୍ରା ୭ ରୁ ୧୦ ଡିଗ୍ରୀ ମଧରେ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳୁ ଘନକୁହୁଡି ଓ ମାତ୍ରାଧିକ ଥଣ୍ଡା ପବନ ପ୍ରଭାବରେ ରାଜ୍ୟ ରାଜପଥ ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଥଣ୍ଡା ଯୋଗୁ ଚା'ଦୋକାନଗୁଡିକରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଜଣେ ଜଣେ ଗ୍ରାହକ ଗୋଟେ ପରିବର୍ତ୍ତେ ୪/୫ ଟା ପର୍ଯ୍ୟନ୍ତ ଚା' ପିଉଥିବା ଦେଖିବାକୁ ମିଳୁଛି। ଗରିବ ଲୋକେ ଶୀତବସ୍ତ୍ର ଅଭାବରୁ ହନ୍ତସନ୍ତ ହେଉଛନ୍ତି। ଶୀତଦାଉରୁ ରକ୍ଷା ପାଇବା ଲାଗି ଲୋକେ ବିଭିନ୍ନ ସ୍ଥାନରେ ନିଆଁଜାଳି ବସୁଥିବା ଦେଖିବାକୁ ମିଳିଛି।

# ଜୋରଦାର ହେବ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

ଝାରସୁଗୁଡ଼ା ଅଫିସ,୨୩।୧୨



ସମ୍ବର୍ଦ୍ଧନା ସଭାରେ ଏମ୍‌ପିଙ୍କ ସମେତ ବାର୍‌ର କର୍ମକର୍ତ୍ତାମାନେ।

ବରଗଡ ଏମ୍‌ପି ସୁରେଶ ପୂଜାରୀ ଲୋକ ସଭାରେ ଉପସ୍ଥାପନା କଲାପରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର ହେବ ବୋଲି କୁହାଯାଉଛି । ଏହି ଅବସରରେ ଝାରସୁଗୁଡା ଜିଲା ବାର୍ ଆସୋସିଏଶନ ତରଫରୁ ଗୁରୁବାର ବାର୍ ସମ୍ମିଳନୀ କକ୍ଷରେ ସଭାପତି ତ୍ରିନାଥ ଗୁଆଲଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ପୂଜାରୀଙ୍କୁ ଆସୋସିଏଶନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ପି ପୂଜାରୀ ମୁଖ୍ୟଅତିଥି, ବାର୍ ଆସୋସିଏଶନ ସଭାପତି ଗୁଆଲ, ଉପସଭାପତି ରାଧାକାନ୍ତ ସା, ସାଧାରଣ ସମ୍ପାଦକ ତୁଳସୀ ପ୍ରସାଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ର ଆଇନମନ୍ତ୍ରୀଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଜିଲା ବାର୍ ଆସୋସିଏଶନ ତରଫରୁ ଆଇନଜୀବୀ ଦୀନେଶ ଜୈନ, ତାପସରାୟ ଚୌଧୁରୀ, ସନ୍ଦିପ ଅଗସ୍ତି, ରଘୁମଣି ପଟେଲ, ସାଧନା ସାମନ୍ତରାୟ ପ୍ରମୁଖ ଏମ୍‌ପି ପୂଜାରୀଙ୍କୁ ଧନ୍ୟବାଦ ଜଣାଇ ତାଙ୍କର ସହଯୋଗ କାମନା କରାଯାଇଛି। ଏମ୍‌ପି ତାଙ୍କ ବକ୍ତବ୍ୟରେ କହିଛନ୍ତି, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଜୋର ଧରିଥିବାବେଳେ ସଂସଦରେ ଉଠାଇବାପାଇଁ କେହି ନ ଥିଲେ। ଏବେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାରୁ ଆନ୍ଦୋଳନର ଆବଶ୍ୟକତା ରହିଛି। ଝାରସୁଗୁଡା ଜିଲା ବାର୍ ଆସୋସିଏଶନ ଏହାର ନେତୃତ୍ୱ ନେଉ ବୋଲି ସେ କହିଛନ୍ତି। ଏହାସହ କ୍ରିୟାନୁଷ୍ଠାନ କମିଟି ତରଫରୁ ପଶ୍ଚିମ ଓଡିଶାର ଏମ୍‌ପି, ବିଧାୟକ ଓ ମନ୍ତ୍ରୀମାନଙ୍କୁ ନେଇ ବୈଠକ କରାଯାଉ। କେନ୍ଦ୍ରର ଏକ ଟିମ୍ ଅନୁଧ୍ୟାନ କରି ସ୍ଥାନ ନିରୂପଣ କରିବା ପାଇଁ ସେ କହିଛନ୍ତି। ଝାରସୁଗୁଡାରେ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେଇଥିବାରୁ ଜଷ୍ଟିସ୍‌ମାନଙ୍କ ଯାତାୟାତ ସମସ୍ୟା ରହିବ ନାହିଁ ବୋଲି କହିଛନ୍ତି। ଏମ୍‌ପି ପୂଜାରୀଙ୍କ ଏଭଳି ପ୍ରସ୍ତାବକୁ ଜିଲା ବାର୍ ଆସୋସିଏଶନ ସମର୍ଥନ ଜଣାଇଛି।

## ସମ୍ବଲପୁରର ୩୧୧, ଝାରସୁଗୁଡ଼ାର ୧୧୧ ହକର ପାଇବେ କୋଭିଡ୍ ସହାୟତା

ସମ୍ବଲପୁର (ବ୍ୟୁରୋ)/ଝାରସୁଗୁଡ଼ା ଅଫିସ,୨୩।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଖବର କାଗଜ ହକରମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିବା ସହ ଅଣସଙ୍ଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିଛନ୍ତି। ପ୍ରତ୍ୟେକ ହକରଙ୍କୁ ୬ହଜାର ଟଙ୍କା ସହାୟତା ସହ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ, ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ, ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକ୍ଷମତା ହେଲେ ଦେଢ ଲକ୍ଷ, ଉଭୟ ଅଙ୍ଗ ହରାଇଲେ ୮୦ ହଜାର ଓ ଗୋଟିଏ ଅଙ୍ଗ ହରାଇଲେ ୪୦ ହଜାର ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ଗୁରୁବାର ଏହାର ଉଦ୍‌ଘାଟନ କରିଛନ୍ତି। ସମ୍ବଲପୁରର ୩୧୧ ଜଣ ପଞ୍ଜୀକୃତ ହକର ଏହି ସୁବିଧା ଲାଭ କରିବେ। ଭିସିରେ ସମ୍ବଲପୁରରୁ ଜିଲାପାଳ ଶୁଭମ୍ ସକସେନା, ଡେପୁଟି ଡାଇରେକ୍ଟର ଉତ୍ତରାଞ୍ଚଳ ବିଜୟ ମିଶ୍ର, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝିଙ୍କ ସମେତ ୨୦ ଜଣ ହକର ସାମିଲ ଥିଲେ।

ଝାରସୁଗୁଡା ଜିଲାର ୧୧୧ ଜଣ ପଞ୍ଜୀକୃତ ହକର ୬ ହଜାର ଟଙ୍କା ଲେଖାଏ ସ୍ୱତନ୍ତ୍ର କୋଭିଡ୍ ସହାୟତା ପାଇବେ। ମୃତ୍ୟୁଜନିତ ସହାୟତା ତଥା କାର୍ଯ୍ୟକ୍ଷେତ୍ରର ଦୁର୍ଘଟଣା ପାଇଁ ସହାୟତା ଦିଆଯିବ। କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଗେନ୍ଦ୍ର ମାଝି, ଜିଲା ଶ୍ରମ ଅଧିକାରୀ ସୁନିତା କିଷାନ, ଖବର କାଗଜ ହକରମାନେ ଉପସ୍ଥିତ ଥିଲେ ।

## ଔଷଧୀୟ ବନରାଜି ସଂରକ୍ଷଣ ଉପରେ ତାଲିମ



ତାଲିମ ଶିବିରରେ ଯୋଗଦେଇଥିବା ଅତିଥି ।

ସମ୍ବଲପୁର,୨୩।୧୨(ବ୍ୟୁରୋ)

ସମ୍ବଲପୁର ଆନନ୍ଦ ମଣ୍ଡପଠାରେ ଔଷଧୀୟ ବନରାଜି ଚିହ୍ନଟ ଓ ଏହାର ସଂରକ୍ଷଣ, ଉତ୍ପାଦନ, ଚାଷ, ବିପଣନ ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ ବନଖଣ୍ଡ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରଗଡ ବନଖଣ୍ଡ ଅଧିକାରୀ ସନ୍ଦିପ ପାତ୍ରି, ପଦ୍ମପୁର ବନଖଣ୍ଡ ଅଧିକାରୀ ବସିଲ ବାର୍ଲା, ସହ ବନ ସଂରକ୍ଷକ ଆଶୋକ କୁମାର ଦାସ ଉପସ୍ଥିତ ଥିଲେ। ପଦ୍ମପୁର, ଘେସ, ଭଟଲି, ବରଗଡ ବନାଞ୍ଚଳ ଅଧିକାରୀ ପରିଚାଳନା କରିଥିଲେ। ବରଗଡ ସମେତ ଅନ୍ୟ ଜିଲାରୁ ଆସିଥିବା ବୈଦରାଜମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ଆଜିଠୁ ବସରେ ଲାଗିବ କଳାପତାକା

### ବିଳମ୍ବ ହେଉଛି ଏନ୍‌ଏଚ୍-୫୫

ଭୁବନେଶ୍ୱର(ବ୍ୟୁରୋ)/ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ୍, ୨୩।୧୨

କଟକ ଜିଲା ମଙ୍ଗୁଳିଠାରୁ ସମ୍ବଲପୁରକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ପ୍ରତିବାଦରେ ରାଜ୍ୟ ବସ୍ ମାଲିକ ସଂଘ ଆହ୍ୱାନକ୍ରମେ ଗୁରୁବାର ଏହି ରୁଟ୍‌ରେ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିଲା। ଏହି ଦିନିକିଆ ପ୍ରତୀକାତ୍ମକ ଆନ୍ଦୋଳନ ପରେ ଶୁକ୍ରବାରଠାରୁ ବସ୍‌ଗୁଡ଼ିକ କଳାପତାକା ମାରି ଚଳାଚଳ କରିବେ। ତଥାପି ପଦକ୍ଷେପ ନିଆ ନ ଗଲେ ଜାନୁୟାରୀ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ରହିବ ବୋଲି ଓଡ଼ିଶା ରାଜ୍ୟ ବସ୍ ମାଲିକ ସଂଘର ସଭାପତି ଦେବାଶିଷ ନାୟକ ସୂଚନା ଦେଇଛନ୍ତି।

## କିଷାନ ଜାତି ସମାଜର ଗ୍ରାମ୍ୟ କମିଟି ଗଠନ

ଝାରସୁଗୁଡ଼ା ଅଫିସ,୨୩।୧୨

ଝାରସୁଗୁଡ଼ା ଜିଲା ୫୫୦ କିଷାନ ଜାତି ସମାଜ ତରଫରୁ କାତିକେଲା ପଞ୍ଚାୟତ ମୁଡକାବୁଡା ଗ୍ରାମରେ ବୁଧବାର ଗ୍ରାମ୍ୟ କମିଟି ଓ ମହିଳା କଲ୍ୟାଣ ସଂଘ ଗଠନ କରାଯାଇଛି। ଉଭୟ ସଙ୍ଗଠନର ନୂଆ କର୍ମକର୍ତ୍ତାଙ୍କୁ ଜିଲା ଜାତି ସମାଜ ତରଫରୁ ସ୍ୱାଗତ କରାଯାଇଥିଲା। କୁଣହାଁ ସମାଜ ସମ୍ବିଧାନ ନିୟମାବଳୀ ୨୦୧୨ ଅନୁସାରେ ସମାଜର କାର୍ଯ୍ୟ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିବାହ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ଯାଞ୍ଚକରି କେବଳ ମାନ୍ୟତା ପ୍ରାପ୍ତ ଆଞ୍ଚଳିକ ଗୁଡି ଓ ମହାଗୁଡିର ସାର୍ଟିଫିକେଟ୍ ଚଳନୀୟ କରିବାପାଇଁ କୁହାଯାଇଛି। ଜୟପୁର ଷ୍ଟେଟ୍ ମହାଗୁଡିର ସାର୍ଟିଫିକେଟ୍ ଚଳନୀୟ ନୁହେଁ ବୋଲି କୁହାଯାଇଛି। ଗ୍ରାମ୍ୟ କମିଟି ଗଠନବେଳେ ସମାଜର ଜିଲା କମିଟି ସମ୍ପାଦକ ପଦ୍ମଲୋଚନ ବୁଦୁଲା, କୁବାପଡା ଆଞ୍ଚଳିକ ଗୁଡି ସମ୍ପାଦକ ନିରଞ୍ଜନ ପ୍ରଧାନ, ପରମାଣପୁର ଆଞ୍ଚଳିକ ଗୁଡି ଉପସଭାପତି ପବିତ୍ର କିଷାନ, କୁବେର କିଷାନ, ପିଛାଲୁ ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକକୁ ପବିତ୍ର କିଷାନ ପରିଚାଳନା କରିଥିଲେ ।

## ଖବରକାଗଜ ବିତରକଙ୍କୁ କୋଭିଡ୍ ସହାୟତା

ରାଉରକେଲା ଅଫିସ,୨୩।୧୨

ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖବରକାଗଜ ବିତରକମାନଙ୍କୁ କୋଭିଡ୍ ସହାୟତା ପ୍ରଦାନ ସହ ଅଣସଙ୍ଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ଭିସି ଜରିଆରେ ଉଦ୍‌ଘାଟନ କରିଛନ୍ତି। ବୈଠକରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଏଡିଏମ ଦିବ୍ୟଜ୍ୟୋତି ପରିଡା, ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ଓ ସୂଚନା ଲୋକସମ୍ପର୍କ ଅଧିକାରୀ ଫତିମା ଏକ୍କାଙ୍କ ସମେତ ବିତରକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ସହାୟତା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡିଜିଟାଲ ଜରିଆରେ ପଞ୍ଜୀକୃତ କରାଯାଇଛି। ପ୍ରତ୍ୟେକ ପଞ୍ଜୀକୃତ ବିତରକଙ୍କୁ ୬ ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟରେ ପ୍ରଦାନ କରାଯିବ। ରାଉରକେଲାରେ ୧୫୧ ଜଣ ବିତରକ ନିଜ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କୁ ଯଥାଶୀଘ୍ର ଏହିସବୁ ସୁବିଧା ପ୍ରଦାନ କରାଯିବ ବୋଲି ବିଧାୟକ ନାୟକ ସୂଚନା ଦେଇଛନ୍ତି। ବିତରକ ସଂଘ ସମ୍ପାଦକ ବିମାନ ମାଇତି, ମିହିର ପାତ୍ର, କିଶୋର ରାଉତ, ମନୋଜ ପଟ୍ଟନାୟକ, ସୁକେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଏସ୍‌ଏଚ୍‌ଜି ପରିଚାଳିତ ପ୍ରଥମ ଧାନମଣ୍ଡିର ଶୁଭାରମ୍ଭ

ସୁନ୍ଦରଗଡ଼, ୨୩।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବିଭିନ୍ନ ବ୍ଲକରେ ସରକାରୀ ମଣ୍ଡି ଜରିଆରେ ଖରିଫ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ୧୩୫ଟି ମଣ୍ଡି ଜରିଆରେ ଚାଷୀଙ୍କଠାରୁ ଧାନ କିଣାଯାଉଛି। ତେବେ ଚଳିତବର୍ଷ ପ୍ରଥମ ଥର ପାଇଁ ଜିଲାର ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ୮ଟି ବ୍ଲକରେ ଖରିଫ ଧାନ କିଣୁଛନ୍ତି। ବଡ଼ଗାଁ ବ୍ଲକର ପେଟଫୋର୍ଡ ଗ୍ରାମରେ ଶାନ୍ତି ଏସ୍‌ଏଚଜି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବନମାଳୀ ନାଏକ ଏବଂ ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟପ୍ପୋ ଉଦ୍‌ଘାଟନ କରିଛନ୍ତି। ପେଟଫୋର୍ଡ ମଣ୍ଡିରେ ଧାନ ବିକ୍ରୟ ପାଇଁ ୧୨୧ ଚାଷୀ ପଞ୍ଜୀକୃତ କରିଛନ୍ତି। ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ୬ଟି ବ୍ଲକରେ ମହିଳା ଏସ୍‌ଏଚଜିଙ୍କ ପକ୍ଷରୁ ମଣ୍ଡି ଖୋଲାଯିବ। ବାଲିଶଙ୍କରା, ବଡ଼ଗାଁ, ଗୁରୁଣ୍ଡିଆ, କୁଆଁରମୁଣ୍ଡା, ଲେଫ୍ରିପଡା ଏବଂ ଲାଠିକଟା ବ୍ଲକରେ ଗୋଟିଏ ଲେଖାଏଁ ପଞ୍ଚାୟତ ଏବଂ ଲହୁଣୀପଡ଼ା ବ୍ଲକରେ ଦୁଇଟି ପଞ୍ଚାୟତରେ ଧାନ କିଣିବାକୁ ମହିଳା ଏସ୍‌ଏଚଜିଙ୍କୁ ଦାୟିତ୍ୱ ଦିଆଯାଇଛି। ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବଡ଼ଗାଁ ସିଡିପିଓ ସୁତପା ଚୌଧୁରୀ, ଏଆରସିଏସ ପ୍ରତିନିଧି ପ୍ରଦୀପ ପ୍ରଧାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଚାଷୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

ଦେବଗଡ଼,୨୩।୧୨(ଡି.ଏନ.ଏ.)

ଗୁରୁବାର ସନ୍ଧ୍ୟାରେ ଦେବଗଡ଼ ଥାନା ଅନ୍ତର୍ଗତ ଚଟିବରଘାଟ ନିକଟସ୍ଥ ଦେବଗଡ଼-ସମ୍ବଲପୁର ଜାତୀୟ ରାଜପଥରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହିପରି ବାଇକ୍‌ରେ ବସିଥିବା ଅନ୍ୟ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗଇଲୋ ଗ୍ରାମର ନନ୍ଦରାମ ତିର୍କୀ ଓ ଲାଧୁରାମ ତିର୍କୀ ଏବଂ ଦୁଧିଆନାଳି ଗ୍ରାମର ଦୁଲିଚାନ୍ଦ ସନାତନ ଏକ ବାଇକ୍ ଯୋଗେ ଦୁଧିଆନାଳି ଗ୍ରାମ ଅଭିମୁଖେ ଯାଉଥିଲେ। ତେବେ ଚଟିବରଘାଟ ନିକଟରେ କୌଣସି କାରଣରୁ ହଠାତ ଭାରସାମ୍ୟ ହରାଇବା ସହ ବାଇକ୍ ସହ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ନନ୍ଦରାମଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଲିଚାନ୍ଦ ଓ ଲାଧୁରାମ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିବା ସହ ଦୁଲିଚାନ୍ଦ ଓ ଲାଧୁରାମଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଖବରକାଗଜ ହକରଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା



ସୁନ୍ଦରଗଡ଼ରେ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଜିଲାପାଳ ଓ ହକର୍‌ମାନେ ଉପସ୍ଥିତ।

ସୁନ୍ଦରଗଡ଼/ଦେବଗଡ଼, ୨୩।୧୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧମରେ ରାଜ୍ୟର ଖବରକାଗଜ ହକର୍‌ମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କୁ ଅଣସଙ୍ଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିଛନ୍ତି।

ଏହି ଯୋଜନାରେ ସୁନ୍ଦରଗଡ଼ର ୧୦୯ ଓ ଦେବଗଡ଼ରେ ୪୨ଜଣ ଖବରକାଗଜ ହକର୍ ସାମିଲ ହୋଇଛନ୍ତି। ସୁନ୍ଦରଗଡ଼ରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଶ୍ରମ ନିରୀକ୍ଷକ ଗୌର ତାଣ୍ଡି ଏବଂ ଖବରକାଗଜ ହକର୍‌ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଅକ୍ଷମତା ଯୋଗୁ ହକର୍‌ମାନଙ୍କୁ ଦେଢ଼ ଲକ୍ଷ ଟଙ୍କା, ଉଭୟ ଅଙ୍ଗ ହରାଇଥିବା ହକର୍‌ମାନଙ୍କୁ ୮୦ ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା ହକର୍‌ମାନଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଦେବଗଡ଼ରେ ଓସ୍ୱାନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚ୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ଉପସ୍ଥିତ ରହି ଖବରକାଗଜ ହକରମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲା ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ଏହି ଯୋଜନାରେ ସାମିଲ ହୋଇଥିବା ହକର୍‌ମାନେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଛିନ୍‌ତାଇ ଅଭିଯୋଗରେ ୨ ଗିରଫ

ରାଉରକେଲା ଅଫିସ,୨୩।୧୨

ଛିନ୍‌ତାଇ ଅଭିଯୋଗରେ ରାଉରକେଲା ପ୍ଲାଣ୍ଟସାଇଟ ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଣେ ନାବାଳକ ଏବଂ ଅନ୍ୟ ଜଣେ ଗାନ୍ଧୀରୋଡର ଏମ୍‌ଡି. ପରବେଜ(୩୩)। ଏ ନେଇ ଏକ ମାମଲା (ନଂ.୪୯୯।୨୧) ରୁଜୁ କରି ହୋଇଛି। ସେକ୍ଟର ଅଞ୍ଚଳର ମନୋରମା ବାଗ ଗତ ୨୧ତାରିଖରେ ରାଉରକେଲାରୁ ମାର୍କେଟିଂ ସାରି ଘରକୁ ଫେରୁଥିଲେ। ଏହି ସମୟରେ ବିଶ୍ରା ଛକ ନିକଟ ରେଲୱେ ଓଭର ବ୍ରିଜ୍ ଉପରେ ଅଭିଯୁକ୍ତ ଦ୍ୱୟ ତାଙ୍କ ମୋବାଇଲ ଓ ପର୍ସ ଛଡେଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଉଭୟଙ୍କୁ ଗିରଫ କରିଥିଲା।

## ଧାନକିଣା ଦୁର୍ନୀତିର ତଦନ୍ତ ଦାବିରେ ବିକ୍ଷୋଭ

ରାଉରକେଲା ଅଫିସ,୨୩।୧୨

ଧାନକିଣା ଦୁର୍ନୀତିର ତଦନ୍ତ ଦାବିରେ ରାଉରକେଲା ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ବ୍ଲକରେ ଧାନକିଣା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ଜିଲା କୃଷକ କଂଗ୍ରେସ ସେଲ୍ ସଭାପତି ଚକ୍ରଧର ମାହାତୋ ଓ ରାଉରକେଲା କୃଷକ କଂଗ୍ରେସ ସେଲ୍ ସଭାପତି ମନମୋହନ ଓରାମ, ବିରେନ ସେନାପତି, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ସବୀର ହୁସେନ, କୀର୍ତ୍ତନ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଫ୍ୟାମିଲି କୋର୍ଟ ଉଦ୍‌ଘାଟିତ

ଦେବଗଡ଼,୨୩।୧୨(ଡି.ଏନ୍.ଏ)

ଦେବଗଡ଼ ଜିଲା ନ୍ୟାୟାଳୟ ପରିସରରେ ଗୁରୁବାର ଫ୍ୟାମିଲି କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଭାର୍ଚୁଆଲ ଯୋଗେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡକ୍ଟର ଏସ.ମୁରଲୀଧର, ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିବା ଜଣାପଡିଛି। ଏହି ଉପଲକ୍ଷେ ଦେବଗଡ଼ ଜିଲା ନ୍ୟାୟାଳୟ ପରିସରରେ ଆୟୋଜିତ ଭର୍ଚୁଆଲ ଉଦ୍‌ଘାଟନୀ ସଭାରେ ଦେବଗଡ଼ ଜିଲା ଦୌରା ଜଜ ବିଜୟ କୁମାର ପାତ୍ର, ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ଜିଲା ଓକିଲ ସଂଘର ସଭାପତି ପ୍ରମଥେଶ ଗୁରୁ, ସାଧାରଣ ସମ୍ପାଦକ ତିକେଶ୍ୱର ଧଳ, ଦେବଗଡ ଫ୍ୟାମିଲି କୋର୍ଟର ବିଚାରକ ଶ୍ରୀନିବାସ ପ୍ରତିହାରୀ, ଅତିରିକ୍ତ ଜିଲା ଜଜ୍ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି, ସିଭିଲ ଜଜ ଶ୍ରାବଣୀ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶିଳା ପ୍ରିୟଦର୍ଶିନୀ ପଣ୍ଡା, ଏସ୍‌ଡିଜେଏମ୍ ନେହା ଅଗ୍ରୱାଲ, ଜେଏମ୍‌ଏଫ୍‌ସି ଅବିନାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ଦାବିରେ ବିକ୍ଷୋଭ

ଦେବଗଡ଼, ୨୩।୧୨(ଡି.ଏନ୍.ଏ.)




କେନ୍ଦୁପତ୍ର କର୍ମଚାରୀ, ତୋଳାଳି ଶୋଭାଯାତ୍ରାରେ ଯାଉଛନ୍ତି।

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ଦାବିରେ ଗୁରୁବାର ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଦେବଗଡ଼ ଡିଭିଜନରେ ଶହ ଶହ ସଂଖ୍ୟାରେ ତୋଳାଳି, କର୍ମଚାରୀ, ବନ୍ଧାଳି ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସମବେତ ହୋଇଥିଲେ। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ଦାବିରେ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ଧରି ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସମାବେଶରେ ସଂଘର ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରି ଲକ୍ଷଲକ୍ଷ ତୋଳାଳିଙ୍କ ଜୀବନଜୀବିକା ସୁରକ୍ଷା ପାଇଁ କେନ୍ଦ୍ର ସରକାର ଶୀଘ୍ର ଏହାର ଉଚ୍ଛେଦ ପାଇଁ ଦାବି କରିଥିଲେ। ସଂଘର ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ସଞ୍ଜିବ ମହାନ୍ତି, ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ମହମ୍ମଦ ମୃତ୍ୟୁଞ୍ଜୟ, ସୁଧୀର କପରଦାର, ବିଭୂତି ଗଙ୍ଗଦେବ, ପ୍ରମୋଦ ଝାଙ୍କର, ଅମରେନ୍ଦ୍ର ଗଙ୍ଗଦେବ, ରୋମାଞ୍ଚରଞ୍ଜନ ବିଶାଳ, ଭୂପେନ୍ଦ୍ର ନାୟକ, ହୀରାଧର ସାହୁ, ମିଳନ ହୋତା, ଶ୍ରମିକ ନେତା ସୁବାସ ନାୟକ, ପରୀକ୍ଷିତ ବେହେରା, ସ୍ୱାଧୀନ ପଣ୍ଡା, ତୋଳାଳି ଯମୁନା କଠାର, ବାସନ୍ତୀ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ୨୦୧୯ ନିର୍ବାଚନରେ ଇସ୍ତାହାରରେ ଏହାର ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହାର ଉଚ୍ଛେଦ ନ ହୋଇଥିବାରୁ ଏହି ବିକ୍ଷୋଭ ଓ ସମାବେଶ ଆୟୋଜିତ ହୋଇଛି। ଆଗାମୀ ଦିନରେ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସଂଘ ସଭାପତି ମହାନ୍ତି ଘୋଷଣା କରିଥିଲେ । ଶୁକଦେବ ଭଞ୍ଜ, ଶଙ୍କର ମହାପାତ୍ର, ପ୍ରଶାନ୍ତ ଭଞ୍ଜ, ପ୍ରତାପ ଦେବ, ଚନ୍ଦ୍ର ଶେଖର ଭୁକ୍ତା, ବିକାଶ ମିଶ୍ର, ସୁବ୍ରତ ପାତ୍ର, ଗୁରୁ ପ୍ରଧାନ, ଗନ୍ଧର୍ବ ପ୍ରଧାନ, ଜ୍ଞାନେନ୍ଦ୍ର ଗଣନାୟକ, ଭଗବାନ ବେହେରା, ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ବସନ୍ତ ସାହୁ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

# ଖଣ୍ଡଗିରିରେ 'ଓଡ଼ିଶା' ହୋଟେଲର ଶାଖା



**ଭୁବନେଶ୍ୱର,୨୩।୧୨:** ସୁଷମ ଓ ସୁସ୍ୱାଦ୍ୟ ଖାଦ୍ୟ ପରିବେଷଣକରି ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ସୁନାମ ଅର୍ଜନ କରିଥିବା 'ଓଡ଼ିଶା' ହୋଟେଲ ନିକଟରେ ତା'ର ନୂତନ ଶାଖା ସ୍ଥାନୀୟ ଖଣ୍ଡଗିରିଠାରେ ଶୁଭାରମ୍ଭ କରିଛି। ଓଡ଼ିଶା ସରକାରଙ୍କ ମିଡିଆ ପରାମର୍ଶଦାତା ମାନସ ମଙ୍ଗରାଜ, ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହାକୁ ମିଶାଇ ଭୁବନେଶ୍ୱରରେ ୪ଟି ଓ କଟକରେ ଗୋଟିଏ ମୋଟ ୫ଟି ଶାଖା ରହିଛି। ଓଡ଼ିଶା ହେଟୋଲରେ ବିଶେଷକରି ଗ୍ରାହକମାନଙ୍କୁ ଭାତ,ମଟନ୍,ବଡ଼ିଚୂରା, କଖାରୁଫୁଲ ଭଜା, ଶାଗଭଜା, ଛତୁପୋଡ଼ା, ମାଛପୋଡ଼ା, ମାଂସପୋଡ଼ା, ମାଛ ତରକାରି ଭଳି ଅନେକ ପ୍ରକାର ଓଡ଼ିଆ ଖାଦ୍ୟ ଦିଆଯାଇଥାଏ। ଓଡ଼ିଆ ଘରର ଖାଦ୍ୟ ସାଙ୍ଗକୁ ସୁସ୍ଥ ପରିବେଶ ଓ ଉତ୍ତମ ବ୍ୟବହାର ପାଇଁ ଓଡ଼ିଶା ହୋଟେଲ୍ ବେଶ ପ୍ରସିଦ୍ଧି ଲାଭ କରିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅଭିନେତା ରୁଦ୍ର, ଅଭିନେତ୍ରୀ ଜୀନା ଏବଂ ହୋଟେଲର ନିର୍ଦ୍ଦେଶକ ରାଜୀବ ରାଜବୀରଙ୍କ ସମେତ ପରିବାରବର୍ଗ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିଭଳି ଓଡ଼ିଶା ହୋଟେଲର ଶାଖା ପୁଣେ ଓ ଦିଲ୍ଲୀରେ ରହିଛି।


## OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH
(District Child Protection Unit)
Odisha State Child Protection Society, W&CD Department
Govt. of Odisha, Ph.- 06622-273343

Letter No.955/DCPU/SNG/2021 Date 22.12.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା , ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ.ନଂ.-୯୯୩୮୧୭୦୪୫୦/ଅଫିସ- ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ. ନଂ.-୯୪୩୭୦୮୫୪୩୪/ଅଫିସ- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ରୋନିତ (ସା ଦିସା ଦ୍ୱାରା ଦିଆଯାଇଥିବା ନାମ) | ୨୨।୧୧।୨୦୨୧ | ପୁଅ | କ୍ରେଡିଲ ବେବି ପଏଣ୍ଟ, ଦିସା, ସା, ତା୧୫।୧୨।୨୦୨୧ ମଧ୍ୟରାତ୍ରି |  |

Sd./- District Child Protection Officer, Sundargarh



## DETAILED TENDER CALL NOTICE
GOVERNMENT OF ODISHA
### DEPARTMENT OF PANCHAYATIRAJ
### INVITATION FOR BIDS (IFB)
IDENTIFICATION NO.- TAL-01/2021-22 DT. 20.12.2021
E-mail address: ori-talcher@nic.in

The Block Development Officer, Talcher on behalf of the Governor of Orissa invites percentage rate composite bid in double cover system for the works as detailed in the table below, from the class of eligible contractors as mentioned in Co.5 (Four), registered with the State Government and contractors of equivalent grade / class registered with Central Government / MES/ Railways, to be eventually drawn up in PWD P-I form, for execution of Building (Composite work i.e., Civil Work, P.H. Work and E.I. Works). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropirate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of the GP | Name of works | Approx. value of work (Rs. in lakhs) | Class of contractor | Bid security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Badajorada | Const. of day care Sub Center Building at Badajorada GP | 21.86 | C&B | 218600.00 | 6000.00 | 6 (Six) calendar months |
| 2 | Bantol | Const. of day care Sub Center Building at Bontal GP | 21.86 | C&B | 218600.00 | 6000.00 | 6 (Six) calendar months |
| 3 | Gopalprasad | Const. of Kalyan Mandap-1 at Hingula Temple, Gopalprasad | 32.19 | C&B | 32190.00 | 6000.00 | 9 (Nine) calendar months |
| 4 | Gopalprasad | Const. of Kalyan Mandap-2 at Hingula Temple, Gopalprasad | 32.19 | C&B | 32190.00 | 6000.00 | 9 (Nine) calendar months |

1. The sale of bid document will be started from 26.12.2021 to 06.01.2022 upto 5.00 P.M.
2. The bid documents will be received on dated 11.01.2022 upto 5.00 P.M. through REGD. Post or SPEED POST.
3. The bid documents will be opened on 12.01.2022 at 10.30 A.M.
4. For other details you can visit the website www.angul.nic.in or in the office of the BDO, Talcher during office hours.

Sd./- Block Development Officer, Talcher



## OFFICE OF THE PANCHAYAT SAMITI, RAMANAGUDA
No.2620/2021 Dated 21.12.2021
## QUOTATION CALL NOTICE

Sealed quotation in plain papers are invited from intending authorized / registered agencies/ firms and individuals for supply and fixing of the following items for **"Transformation of following High Schools of Ramanaguda Block** under 5T programme for the year 2021-22. The specification of the items are as detailed below. The quotation should be submitted to the udnersigned by **Registered Post / By hand in sealed cover only**. Quotations should be reached to the undersigned on or before **28.12.2021** upto **3.00 P.M.** in the Office of Block Development Officer, Ramanaguda and the quotations will be opened on **29.12.2021** at **4.00 P.M.** in the presence of the quotation bidder or authorized agents in the office chamber of Block Development Officer, Ramanaguda. The quotation will not be received after the date and time mentioned above. The authority reserves the right to reject any tenders/ quotations without assigning any reason thereof.

Specifications:

| Sl. No. | Name of the School to be transformed | External door Embossed wood Finished door Tata Pravesh (MM in Size), MODEL NO E05R0401 EMOBOSSED EXT | SIDE OPENING | Quantity |
|---|---|---|---|---|
| 1 | 2 | 3 | 4 | 5 |
| 1 | Draupadi Bidyapitha Gumuda at Gumuda | 1200x1900 | LHO=4 Nos. RHO=4 Nos. | 8 Nos. |
| 2 | Ukkamba High School, at Ukkarmba | 1219x2000 | LHO=3 Nos. RHO=4 Nos. | 7 Nos. |
| 3 | U.G. High School, Gulumunda at Gulumunda | 1219x2000 | LHO=3 Nos. RHO=4 Nos. | 7 Nos. |
| 4 | Upgraded Govt. High School Suludi at Suludi | 1219x2000 | LHO=4 Nos. RHO=4 Nos. | 8 Nos. |
| 5 | Upgraded Govt. High School, Parala at Parala | 1219x2000 | LHO=4 Nos. RHO=4 Nos. | 8 Nos. |
| 6 | Upgraded Govt. High School, Omading at Omoding | 1219x2000 | LHO=4 Nos. RHO=4 Nos. | 8 Nos. |
| 7 | Odisha Adarsha Vidyalaya at Ramanaguda | 1219x2000 | LHO=2 Nos. RHO=4 Nos. | 6 Nos. |

Terms and conditions:
1) The materials should be supplied qualitative products in good condition to the work site.
2) The Agencies/Firm has to submit GST clearance with the quotation.
3) The quotation should be submitted indicating the unit cost & price quoted separately both in figure & words **inclusive of all taxes** and transportation cost.

Sd./- Block Development Officer
Ramanaguda


# ସୋନାଲିକାର ନୂତନ 'ଡିଆର୍-୭୫ ୪ଡବ୍ଲ୍ୟୁଡି'



**ଭୁବନେଶ୍ୱର,୨୩।୧୨**

ଦେଶର ଅଗ୍ରଣୀ ଟ୍ରାକ୍ଟର ନିର୍ମାତା ଓ ଏକନମ୍ବର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର ଚଳିତ ବର୍ଷ କୃଷକ ଦିବସକୁ ଭିନ୍ନ ଏକ ଲକ୍ଷ୍ୟରେ ପାଳନ କରିଛି। କୃଷକ ଦିବସ ଅବସରରେ କମ୍ପାନୀ ପକ୍ଷରୁ ଏହାର ସୁପରିୟର ସିଆର୍‌ଡିଏସ୍ (କମନ ରେଲ୍ ଡିଜେଲ ସିଷ୍ଟମ) ଟେକ୍ନୋଲୋଜି ସହିତ ଅତ୍ୟାଧୁନିକ ଟାଇଗର ଡିଆଇ-୭୫ ୪ଡବ୍ଲ୍ୟୁଡି ଟ୍ରାକ୍ଟରକୁ ବଜାର ପ୍ରବେଶ କରାଇଛି। ପାୱାର ଓ ଇକୋନୋମିର ଶିଳ୍ପ ପ୍ରଥମ ଦ୍ୱୈତ ଲାଭ ପ୍ରଦାନ କରିବା ପାଇଁ ଡିଜାଇନ ହୋଇଥିବା ସିଆର୍‌ଡିଏସ୍ ଟେକ୍ନୋଲୋଜି ସହିତ ଟାଇଗର ୭୫ ୪ଡବ୍ଲ୍ୟୁଡି ଟ୍ରେମ୍ ଆଇଭି ଏମିଶନ ନିୟମର ଅନୁପାଳନ କରୁଛି। ଏହା କେବଳ ଏକ ବଟନ୍‌ର ଟଚ୍ ସହିତ ୭୫ଏଚ୍‌ପିର ପାୱାର ଓ ୬୫ ଏଚ୍‌ପି ଟ୍ରାକ୍ଟରର ଇକୋନୋମି ପ୍ରଦାନ କରୁଛି। ସୋନାଲିକା ପକ୍ଷରୁ ଟାଇଗର ଡିଆଇ୬୫ ୪ଡବ୍ଲ୍ୟୁଡି ଟ୍ରାକ୍ଟରର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହାକୁ ୬୫ ଏଚ୍‌ପି ପାୱାର ଓ ୫୫ଏଚ୍‌ପି ଟ୍ରାକ୍ଟରର ଇକୋନୋମି ପ୍ରଦାନ କରିବା ପାଇଁ ଦ୍ୱୈତ ଲାଭ ସହିତ କଷ୍ଟମାଇଜ୍ କରାଯାଇଛି। ଏ ସମ୍ପର୍କରେ ସୋନାଲିକା ଟ୍ରାକ୍ଟରର କାର୍ଯ୍ୟକାରୀ ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, କୃଷକ ଦିବସରେ ଆମର ସବୁଠାରୁ ଅତ୍ୟାଧୁନିକ ଟାଇଗର ଡିଆଇ ୭୫ ୪ଡବ୍ଲ୍ୟୁଡି ଟ୍ରାକ୍ଟରର ଶୁଭାରମ୍ଭ କରିଛୁ। ନୂଆ ଟାଇଗର ଡିଆଇ ୭୫ ଓ ଟାଇଗର ଡିଆଇ ୬୫ର ଉନ୍ମୋଚନ ସୋନାଲିକା ଟ୍ରାକ୍ଟର ଦ୍ୱାରା କୃଷକମାନଙ୍କ ପ୍ରତି ସମ୍ମାନର ଏକ ପ୍ରତୀକ। ଉଭୟ ନୂଆ ଟ୍ରାକ୍ଟର ଆଗ୍ରହୀ କୃଷକମାନଙ୍କୁ ଏକ ଉନ୍ନତ ଭବିଷ୍ୟତ ଦିଗରେ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ କୃଷି ବିପ୍ଳବର ନେତୃତ୍ୱ ନେବା ପାଇଁ ସୋନାଲିକାର ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜକୁ ପ୍ରୋତ୍ସାହିତ କରିବେ। ଏହି ମଡେଲ ୪୭୧୨ ସିସି ସିଆର୍‌ଡିଏସ୍ ଇଞ୍ଜିନ ଦ୍ୱାରା ସୁସଜ୍ଜିତ ଟାଇଗର ଡିଆଇ ୭୫ ଟ୍ରାକ୍ଟର ୨୯୦ ଏନ୍‌ଏମ୍ ଟର୍କ ପ୍ରଦାନ କରୁଥିବା ବେଳେ ଟାଇଗର ଡିଆଇ ୬୫ ଟ୍ରାକ୍ଟର ୨୫୮ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି, ଯାହାକି ସେମାନଙ୍କ ବର୍ଗରେ ସର୍ବୋଚ୍ଚ। ଏହାର ମୂଲ୍ୟ ୧୧ରୁ ୧୧.୨ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

# ଶପର୍ସର ଏଣ୍ଡ ଅଫ୍ ସିଜିନ୍ ସେଲ୍

**ଭୁବନେଶ୍ୱର,୨୩।୧୨:** ଦେଶର ପ୍ରମୁଖ ଫ୍ୟାଶନ ଓ ସୌନ୍ଦର୍ଯ୍ୟ ସ୍ଥଳ ଶପର୍ସ ଷ୍ଟପ୍ ବାର୍ଷିକ ଏଣ୍ଡ ଅଫ୍ ସିଜନ ସେଲ୍ ସମ୍ପର୍କରେ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା'ର ୩୫୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡରେ ଫ୍ଲାଟ୍ ୫୦% ରୁ ଅଧିକ ରିହାତି ଓ ଏହାର ପ୍ରାଇଭେଟ୍ ତଥା ଜାତୀୟ ବ୍ରାଣ୍ଡରେ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରୁଛି। ଏହା ଜରିଆରେ ଗ୍ରାହକ ବିଭିନ୍ନ ଶପର୍ସ ଷ୍ଟପ୍ ଷ୍ଟୋରରୁ ନିଜ ମନ ପସନ୍ଦର ସାମଗ୍ରୀ କିଣିପାରିବେ। ଏହା ସହିତ ଆପଣ ଏହି ଅଫରକୁ ମଧ୍ୟ କମ୍ପାନୀ ୱେବ୍‌ସାଇଟ ଓ ଏସ୍‌ଏସ୍ ମୋବାଇଲ ଆପ୍, ଏକ୍ସପ୍ରେସ୍ ଷ୍ଟୋର ପିକ୍ ଅପ୍‌ରୁ ମାତ୍ର ଗୋଟିଏ କ୍ଲିକ୍ କରି ପାଇପାରିବେ। ପ୍ରତି ବର୍ଷ ଶପର୍ସ ଷ୍ଟପ୍‌ର ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଶପର୍ସ ଷ୍ଟପ୍‌ରେ ସମୁଦାୟ ୭୮୨ଟି ବ୍ରାଣ୍ଡ ରହିଛି ଓ ମହାମାରୀ ସମୟରେ ମଧ୍ୟ ୧୮୩ ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି।

# ସିବିଆଇର ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨୩।୧୨: ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପର୍ଶୁରାମ ପଣ୍ଡା ଓଡ଼ିଶା ଗସ୍ତରେ ଆସଥିବା କୁହାଯାଇଛି। ଏହି ଅବସରରେ ସେ ବ୍ୟାଙ୍କର ଶାଖା ମୁଖ୍ୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ଦୁର୍ନୀତି ବିରୋଧୀ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବା ସହ ଅନ୍ୟ ବ୍ୟାଙ୍କିଂ କାର୍ଯ୍ୟର ତଦାରଖ କରିବା ନିମନ୍ତେ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ପି.କେ. ସାମନ୍ତରାୟ ଏବଂ ଜନପଥ ଶାଖାର ସହାୟକ ମହାପ୍ରବନ୍ଧକ ଏସ୍.କେ. ଗୋଲାନି ଅଧ୍ୟକ୍ଷତା କରିଥିବା ବେଳେ ସନ୍ଦୀପ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତନିଷ୍କର ନବୀକୃତ ଷ୍ଟୋର ଉଦ୍‌ଘାଟିତ



ତନିଷ୍କର ନବନିର୍ମିତ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଷ୍ଟୋର କର୍ତ୍ତୃପକ୍ଷଙ୍କ ଖବରଦାତା ସମ୍ମିଳନୀ।

**କଟକ,୨୩।୧୨**

ତନିଷ୍କ ପକ୍ଷରୁ ସ୍ଥାନୀୟ କ୍ୟାଣ୍ଟନମେଣ୍ଟରୋଡ୍, ମାଠାମଠ ନିକଟସ୍ଥ କିଶୋର ହାଉସସ୍ଥିତ କମ୍ପାନୀର ନବୀକୃତ ଷ୍ଟୋରର ଗୁରୁବାର ପୁନଃ ଉଦ୍‌ଘାଟନ କରାଯାଇଛି। ୪୫୦୦ ବର୍ଗଫୁଟ ଜମିରେ ଏହି ଷ୍ଟୋର ଅତ୍ୟାଧୁନିକ ଉପାୟରେ ନିର୍ମାଣ ସହ ସ୍ୱତନ୍ତ୍ର ଜୋନ୍‌ର ପ୍ରସ୍ତୁତ କରାଯାଇଛି। ଏହା ଫଳରେ ବିଭିନ୍ନ ପ୍ରକାର ଗ୍ରାହକଙ୍କ ଚାହିଦା ପୂରଣ ସହଜରେ ହୋଇପାରିବ। ଏହି ଷ୍ଟୋରରେ ଉଭୟ ସୁନା ଓ ହୀରାର ୪୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ ଉପଲବ୍ଧ ରହିଛି। ଏହି ଅବସରରେ ଫ୍ରାଞ୍ଚାଇଜ ଓନର ଯୋଗେନ୍ଦ୍ର ହଂସଙ୍କ ସମେତ 'ରିଭା ବ୍ରାଇଡ୍ସ ଅଫ୍ ଓଡ଼ିଶା'ର ୨ଜଣ ବିଜେତା ବିଶାଖା ବିଶ୍ୱାଳ ଓ ସାକ୍ଷୀ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଣିକ ହଂସ, ବିବେକ ହଂସ ଓ ଷ୍ଟୋର ପ୍ରମୁଖ (ଏବିଏମ୍) ଅରିନ୍ଦମ ପାରମାଣିକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମାଣିକ କହିଛନ୍ତି, କଟକ ଷ୍ଟୋରର ପୁନଃ ଉଦ୍‌ଘାଟନ କରି ଆମେ ବେଶ୍ ଉତ୍ସାହିତ। ଏହି ଷ୍ଟୋର କଟକବାସୀଙ୍କୁ ଏକ ଅତ୍ୟାଧୁନିକ ତନିଷ୍କ ଗହଣା ସହ ପରିଚିତ କରାଇବ। ଗୋଟିଏ ଛାତ ତଳେ ପ୍ରତି ଅବସର ପାଇଁ ଗ୍ରାହକଙ୍କୁ ଶପିଂର ଆନନ୍ଦ ପ୍ରଦାନ କରିବା ଲାଗି ତନିଷ୍କ ପ୍ରତିଶ୍ରୁତିବଦ୍ଧ ରହିଛି। ଏଠାରେ ଗ୍ରାହକଙ୍କୁ ଶୁଦ୍ଧ ସୁନା ସହ ସହଜ ଶପିଂର ଅନୁଭୂତି ମିଳିବ ବୋଲି ମାଣିକ ମତବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ଅବସରରେ କଟକ ତନିଷ୍କ ପକ୍ଷରୁ ପ୍ଲେନ୍ ସୁନା କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି। ଏହି ଅଫର ଡିସେମ୍ବର ୨୪ରୁ ୨୬ ପର୍ଯ୍ୟନ୍ତ ଉପଲବ୍ଧ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ନବୀକୃତ ଷ୍ଟୋରକୁ ୨ଭାଗରେ ବିଭକ୍ତ କରାଯାଇଥିବା ବେଳେ ଏକ ସ୍ୱତନ୍ତ୍ର ଜୋନ୍‌ରେ ବିବାହ କଲେକ୍ସନକୁ ସ୍ଥାନିତ କରାଯାଇଛି। ଏଠାରେ ବ୍ରାଣ୍ଡର ବହୁ ଚର୍ଚ୍ଚିତ ବିବାହ ସମ୍ଭାର 'ରିଭା' କୁ ମଧ୍ୟ ସ୍ଥାନିତ କରାଯାଇଛି। ସେହିଭଳି ତନିଷ୍କର କିଛି ପ୍ରମୁଖ ଡିଜାଇନ 'ମୁଡ ଅଫ୍ ଆର୍ଥ, ଅହଲ୍ୟା, ଦିବ୍ୟମ, ଶୁଭମ' ଭଳି ଅନେକ ଗହଣାର ସମ୍ଭାର ରହିଛି। ପ୍ରାକୃତିକ ରତ୍ନପଥର ଖଚିତ ଆକର୍ଷଣୀୟ କକ୍‌ଟେଲ ଡାଇମଣ୍ଡ ଜୁଏଲେରି 'କଲର ମି', 'ଜୟ' ମଧ୍ୟ ଏହି ଷ୍ଟୋରରେ ଉପଲବ୍ଧ। ନିକଟରେ ତନିଷ୍କ 'ରିଭା ବ୍ରାଇଡ୍ ଅଫ୍ ଓଡ଼ିଶା' ନାମକ ଏକ ସ୍ୱତନ୍ତ୍ର ଗ୍ରାହକ ସମ୍ପର୍କ ଅଭିଯାନ ଆରମ୍ଭ କରିଥିଲା। ଉକ୍ତ ଅଭିଯାନର ଚୂଡ଼ାନ୍ତ ପର୍ଯ୍ୟାୟରେ ତନିଷ୍କ ୧୦ଜଣ ଗ୍ରାହକଙ୍କୁ 'ଫେସ୍ ଅଫ୍ ତନିଷ୍କ'ଭାବେ ଘୋଷଣା କରିଥିଲା।

## ଫୁରସତ୍

# ଗ୍ରାହକ ଅଧିକାର ସର୍ବୋପରି




ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୪ ଡିସେମ୍ବର ଭାରତରେ ଜାତୀୟ ଗ୍ରାହକ ଦିବସ ପାଳନ କରାଯାଇଥାଏ। ୧୯୮୬ରେ ଏହି ଦିନ ଉପଭୋକ୍ତା ସୁରକ୍ଷା ଅଧିନିୟମର

ଏହି ଆଇନ ପ୍ରଣୟନ ଦ୍ୱାରା ଦେଶରେ ଉପଭୋକ୍ତାଙ୍କୁ ସେମାନଙ୍କର ଅଧିକାର ଏବଂ ଦାୟିତ୍ୱ ବିଷୟରେ ଅଧିକ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଏନେଇ 'ଜାଗୋ ଗ୍ରାହକ ଜାଗୋ' କାର୍ଯ୍ୟକ୍ରମର ଆରମ୍ଭ ଗ୍ରାହକ ବ୍ୟାପାର ବିଭାଗ ପକ୍ଷରୁ କରାଯାଇଛି। ଗ୍ରାହକଙ୍କୁ ସୁରକ୍ଷା ଆଇନ ବିଭିନ୍ନ ପ୍ରକାରର ଶୋଷଣ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବା ସହିତ ଗୁଣବତ୍ତାଯୁକ୍ତ ସାମଗ୍ରୀ, ତ୍ରୁଟି ବିହୀନ ସେବା ଏବଂ ବାଣିଜ୍ୟିକ କ୍ଷେତ୍ରରେ ପ୍ରଣିତ ଆଇନର ଅବମାନନା ନେଇ ଗ୍ରାହକଙ୍କୁ ପ୍ରଭାବଶାଳୀ ସୁରକ୍ଷା ଯୋଗାଇଦେବାକୁ ଲକ୍ଷ୍ୟ ରଖିଥାଏ। ଗ୍ରାହକଙ୍କୁ ଶୀଘ୍ର ଏବଂ ସରଳ ପ୍ରତିକାର ଯୋଗାଇବା ପାଇଁ ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ରୀୟସ୍ତରରେ ଏକ କ୍ୱାସି – ନ୍ୟାୟିକ ବ୍ୟବସ୍ଥା ଉପଲବ୍ଧ କରାଯାଉଛି। ଏହି ଦିବସ ଅବସରରେ ଗ୍ରାହକଙ୍କ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସରକାରୀ, ଘରୋଇ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଥାଏ।

# ସୁସ୍ମିତା ଓ ରୋହମନଙ୍କ ବ୍ରେକ୍‌ଅପ୍

**ମୁମ୍ବାଇ:** ଅଭିନେତ୍ରୀ ସୁସ୍ମିତା ସେନ୍ ଏବଂ ତାଙ୍କ ବୟଫ୍ରେଣ୍ଡ୍ ରୋହମନ ଶାଉଲଙ୍କ ବ୍ରେକ୍‌ଅପ୍ ହୋଇଛି। ଦୁହେଁ ଏବେ ପରସ୍ପରଠାରୁ ଅଲଗା ରହୁଛନ୍ତି। କିଛି ଦିନ ହେବ ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ ରହୁ ନ ଥିଲା। ଉଭୟେ ଅଢେଇ ବର୍ଷ ହେବ ଡେଟ୍ କରୁଥିଲେ। ସୁସ୍ମିତାଙ୍କ ଦୁଇ ଝିଅ ରୋହମନଙ୍କୁ ତାଙ୍କ ପିତା ବୋଲି ମଧ୍ୟ ମାନୁଥିଲେ। କିନ୍ତୁ ପ୍ରଶଂସକମାନଙ୍କୁ ଏହି ଖବର ଏକ ଝଟ୍‌କା ଦେଇଛି।।



ରୋହମନ ଶାଉଲ ଓ ସୁସ୍ମିତା ସେନ୍

## ଚର୍ଚ୍ଚାରେ କଟପ୍ପାଙ୍କ ଝିଅ ଦିବ୍ୟା



**ମୁମ୍ବାଇ:** ଲୋକପ୍ରିୟ ଚଳଚ୍ଚିତ୍ର 'ବାହୁବଳୀ'ର କଟପ୍ପା ଚରିତ୍ରରେ ଅଭିନୟ କରିଥିବା ସତ୍ୟରାଜଙ୍କ ଝିଅ ଦିବ୍ୟା ସାଥୀରାଜ ଏବେ ତାଙ୍କ ଫିଟ୍‌ନେସ୍‌କୁ ନେଇ ବେଶ୍ ଚର୍ଚ୍ଚାରେ। ଝିଅ ଦିବ୍ୟାଙ୍କ ଗ୍ଲାମରସ୍ ଲୁକ ଏବେ ଲୋକଙ୍କୁ କିମିଆ କରିଛି। ସେ ବହୁତ ସୁନ୍ଦର ଏବଂ ଫିଟ୍ ଦେଖାଯାଉଥିବାବେଳେ ଅନ୍ୟ ହିରୋଇନ୍‌ମାନଙ୍କୁ ଟକ୍କର ହେବେ ବୋଲି କୁହାଯାଉଛି। ଦିବ୍ୟା ଏବେ ଗ୍ଲାମର ଦୁନିଆରୁ ଦୂରରେ ଅଛନ୍ତି। ସେ ପେସାରେ ଜଣେ ସମାଜସେବୀ।


## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବାସନ୍ତି ମିଶ୍ର
ଆବିର୍ଭାବ - ୧୯୫୮
ତିରୋଧାନ - ୨୦୨୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ବନ୍ଧୁ ଓ ପରିବାରବର୍ଗ

ଧ-୭୧୯୨୩



## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR
BOMIKHAL
DHENKANAL

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି।
DK Small Finance Ltd
Navi Mumbai
www.dksfl.in
7684939383

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୪ ଡିସେମ୍ବର, ୨୦୨୧

## ସଡକ ଦୁର୍ଘଟଣାରେ ଯୁବକ ମୃତ

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ମଣ୍ଡଳ-ତେତେଲମୁଣ୍ଡା ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ତେତେଲମୁଣ୍ଡା ଗ୍ରାମର ସିଦ୍ଧାନ୍ତ ଗହୀର(୨୨) ବୋଲି ଚିହ୍ନଟ କରାଯାଇଛି। ଘରକୁ ଫେରିବା ବିଳମ୍ବ ନେଇ ପରିବାର ଲୋକେ ଖୋଜିବାକୁ ଆସି ରାସ୍ତାକଡରେ ଏକ ଗାତରେ ସିଦ୍ଧାନ୍ତ ପଡିଥିବା ଦେଖି ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା(୨୮୭/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। କୌଣସି ଗାଡି ଧକ୍କା ଦେବା ପରେ ସିଦ୍ଧାନ୍ତର ମୃତ୍ୟୁ ହୋଇଥିବା ତାଙ୍କ ବାପା ସେବକ ଗହୀର ଥାନାରେ ଅଭିଯୋଗ କରିଛନ୍ତି।



# ଦୀର୍ଘ ଅପେକ୍ଷା, ଉପେକ୍ଷାର ପ୍ରକଳ୍ପ

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ**



■ ଘୁଞ୍ଚିବାରେ ଲାଗିଛି ପ୍ରକଳ୍ପ ଧାର୍ଯ୍ୟ ସମୟ ସୀମା

ବଲାଙ୍ଗୀର ଅଫିସ, ୨୩।୧୨

ବହୁପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଦୀର୍ଘ ଅପେକ୍ଷା ଓ ଉପେକ୍ଷାର ପ୍ରକଳ୍ପ ପାଲଟିଛି। ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାବାସୀଙ୍କ ଦାବିକୁ ସମ୍ମାନ ଦେଇ ଏହି ରେଳପଥ ନିର୍ମାଣ କାର୍ଯ୍ୟ କ୍ଷିପ୍ରତର କରିବା ପାଇଁ ଓଡ଼ିଶା ସରକାର ଓ କେନ୍ଦ୍ର ରେଳ ବିଭାଗ ୨୦୧୫ ମସିହାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଉକ୍ତ ବୁଝାମଣାପତ୍ର ଅନୁଯାୟୀ ୨୦୨୧ ସୁଦ୍ଧା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଯିବା କଥା। କିନ୍ତୁ ବୁଝାମଣାର ୬ବର୍ଷ ପରେ ମଧ୍ୟ ନିର୍ମାଣରେ ବିଶେଷ ଅଗ୍ରଗତି ହୋଇନାହିଁ। ପୂର୍ବତଟ ରେଳ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ଆଧାର କରି ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ସ୍ଥାନୀୟ ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ସେ ଅଭିଯୋଗ କରି କହିଛନ୍ତି ଯେ, ଓଡ଼ିଶାର ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ ଦେଶର ରେଳମନ୍ତ୍ରୀ ଦାୟିତ୍ୱ ନେବା ପରେ ମଧ୍ୟ ପ୍ରତି ରେଳ ବିଭାଗ ଉପେକ୍ଷାମୂଳକ ମାନସିକତା ବଳବତ୍ତର ରହିଛି। ବୁଝାମଣାପତ୍ର ଅନୁସାରେ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଖର୍ଚ୍ଚ କରିବା ସଙ୍ଗେ ରାଜ୍ୟ ସରକାର ମାଗଣାରେ ଜମି ହସ୍ତାନ୍ତର କରିବେ। କିନ୍ତୁ ମିଳିଥିବା ତଥ୍ୟ ମୁତାବକ ୨୦୧୫ ରାଜିନାମା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ୫୦-୫୦ ଭାଗ ଅର୍ଥ ଅଂଶ ଖର୍ଚ୍ଚ କରିନାହାନ୍ତି। ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୬ବର୍ଷରେ ରେଳ ବିଭାଗ ୧୦୯୦ କୋଟି ୯୬ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରଦାନ କରିଛି ମାତ୍ର ୪୮୩ କୋଟି ଟଙ୍କା। ରାଜ୍ୟ ୨୦୧୮-୨୦୧୯ ଓ ୨୦୧୯-୨୦୨୦ ମସିହାରେ ଆଦୌ ଅର୍ଥ ପ୍ରଦାନ କରି ନ ଥିବା ମିଳିଥିବା ତଥ୍ୟରେ ଉଲ୍ଲେଖ କରାଯାଇଛି। ୨୦୨୧ ବଜେଟରେ ଏହି ରେଳପଥ ପାଇଁ ୧ ହଜାର ୫୦କୋଟି ଟଙ୍କାର ଅନୁଦାନ ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ନିର୍ଦ୍ଦିଷ୍ଟ ରେଳପଥ ପାଇଁ ବିଗତ ୧୦ ବର୍ଷର କେବଳ ବଜେଟ ଘୋଷଣାକୁ ଅନୁଧ୍ୟାନ କଲେ ପ୍ରାୟ ୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ଘୋଷଣା କରାଯାଇଥିବାବେଳେ ବାସ୍ତବରେ କିନ୍ତୁ ଖର୍ଚ୍ଚ କରାଯାଇଛି ମାତ୍ର ୧ ହଜାର ୩୪୪ କୋଟି ଟଙ୍କା। ବିଚ୍ଛୁପାଲିଠାରୁ ଝାରତରଭା ଷ୍ଟେଶନ ମାତ୍ର ୧୦.୩୫ କିମି ଦୂରତା ପର୍ଯ୍ୟନ୍ତ ଚଳିତ ଆର୍ଥିକ ବର୍ଷରେ ରେଳ ଗଡିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷ ଶେଷ ହେବା ଉପରେ କିନ୍ତୁ ଏହି ସ୍ୱଳ୍ପ ଦୂରତାକୁ ଧାର୍ଯ୍ୟ ସମୟ ମଧ୍ୟରେ ରେଳ ଚଳାଚଳ ସମ୍ପ୍ରସାରଣ ହେବା ଆଶା କ୍ଷୀଣ ବୋଲି ପଣ୍ଡା କହିଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବ ତଥା ୨୦୧୯ ଜାନୁଆରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର-ବିଚ୍ଛୁପାଲି ଟ୍ରେନର ଲୋକାର୍ପଣ କରି ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। କିନ୍ତୁ ନିର୍ମାଣ କ୍ଷେତ୍ରରେ ଏହାର କୌଣସି ପ୍ରଭାବ ପଡି ନ ଥିବା ପଣ୍ଡା କହିଛନ୍ତି। ବର୍ତ୍ତମାନ ଏହି ରେଳପଥ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୪ ମସିହାକୁ ଧାର୍ଯ୍ୟ ସମୟ ଘୁଞ୍ଚାଇ ଦିଆଯାଇଛି। ହେଲେ ଦୀର୍ଘ ୬୮ କିମି ପାଇଁ ଷ୍ଟେଜ ୧ ଜଙ୍ଗଲ ଜମି ଅନୁମତି ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନ ଥିବା ଜଣାଯାଇଛି। ୧୯୯୪-୯୫ ମସିହାରେ ମଞ୍ଜୁରୀପ୍ରାପ୍ତ ଏହି ନିର୍ମାଣାଧୀନ ପ୍ରକଳ୍ପ ପାଇଁ ୨୭ ବର୍ଷ ପରେ ବି ଜଙ୍ଗଲ ଜମି ଷ୍ଟେଜ ୧ ଅନୁମତି ନ ମିଳିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପକୁ ନେଇ କଥା ବେଶୀ ଓ କାମ କମ୍‌କୁ ଇଙ୍ଗିତ କରୁଛି ବୋଲି ପଣ୍ଡା କହିଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ବନ ବିଭାଗ ଡେପୁଟି ରେଞ୍ଜର

**ଦେଢ଼ ଲକ୍ଷ ଟଙ୍କା ନେଉଥିବାବେଳେ ଧରାପଡ଼ିଲେ**

ଭବାନୀପାଟଣା,୨୩।୧୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣାର ପୂର୍ବତନ ଭାରପ୍ରାପ୍ତ ରେଞ୍ଜର ତଥା ବର୍ତ୍ତମାନର ମୋବାଇଲ ଟିମ୍ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ନୃତ୍ୟରାଜ ମାଝି ଗୁରୁବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ବାଇକ୍‌ରେ ଦେଢ଼ଲକ୍ଷ ଟଙ୍କା ଧରି ତାରିଣି ମନ୍ଦିର ରାସ୍ତାରେ ଯାଉଥିବାବେଳେ ପୂର୍ବରୁ ଯୋଜନା ମୁତାବକ ଛକି ରହିଥିବା କଳାହାଣ୍ଡି ଭିଜିଲାନ୍ସ ବିଭାଗ ତାଙ୍କୁ ଅଟକ କରି ଉକ୍ତ ଟଙ୍କା ଜବତ କରିଥିଲା। ଏହି ଦେଢ଼ ଲକ୍ଷ ଲାଞ୍ଚ ଟଙ୍କା ବୋଲି ଜଣାପଡିଥିବା ବେଳେ ଏଥିରେ ଶହେ ଟଙ୍କିଆ ବିଡା ୧୫ଟି ରହିଛି। ଜବତ ଟଙ୍କା ବିଷୟରେ ମାଝି ଠିକ୍ ତଥ୍ୟ ଦେଇ ପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଡେପୁଟି ରେଞ୍ଜର ମାଝିଙ୍କୁ ସ୍ଥାନୀୟ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚୁରା କରାଯାଉଥିବା ଜଣାପଡିଛି।

### ମାତିଛନ୍ତି ଚାରିଚକିଆ ଗାଡି ଚୋର

ଲୋଇସିଂହା,୨୩।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଚାରିଚକିଆ ଗାଡି ଚୋର ସକ୍ରିୟ ହୋଇ ପଡିଛନ୍ତି। ବୁଧବାର ରାତି ପ୍ରାୟ ୧୧ଟାରେ ଆଗଲପୁର ବ୍ଲକ ଝରନୀପାଲି ଗାଁର ସାରାୟଣ ପାତ୍ରଙ୍କ ବୋଲେରୋକୁ ଚୋରି ଉଦ୍ୟମ ହୋଇଥିଲା। ଏତିକିବେଳେ ସାରାୟଣ ବାହାରକୁ ଆସି ତାଙ୍କ ଗାଡି କେହି ନେଇଯିବାକୁ ଉଦ୍ୟମ କରୁଥିବା ଦେଖି ଚିତ୍କାର କରିଥିଲେ। ଆଖପାଖର ଲୋକେ ରୁଣ୍ଡ ହୋଇଯାଇଥିଲେ। ଅପରପକ୍ଷରେ ବୋଲେରୋ ଠିକଣା ସମୟରେ ଷ୍ଟାର୍ଟ ନହେବାରୁ ଦୁର୍ବୃତ୍ତମାନେ ଖସି ପଳାଇ ଯାଇଥିଲେ। ଏହି ସମୟରେ ଗ୍ରାମର ନରେନ୍ଦ୍ର ମାଝି ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ତାଙ୍କ ଫେନ୍ସି ଦୋକାନ ପାଖରେ ରଖିଥିବା ବୋଲେରୋ (ଓଆର୧୭ଏଚ୩୨୪୫) ନଥିବା ଜାଣିବାକୁ ପାଇଥିଲେ। ଏକ ଗାଡିରେ ଦୁର୍ବୃତ୍ତଙ୍କୁ ସେ ଲୋଇସିଂହା ଚାରିଛକ ପର୍ଯ୍ୟନ୍ତ ପିଛା କରିଥିଲେ। ଏହି ସମୟରେ ବାଟରେ ଆସୁଥିବା ଏକ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପଚାରିବାରୁ ଦ୍ରୁତଗତିରେ ଦୁଇଟି ବୋଲେରୋ ପାସ୍ କରିଥିବା କହିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଗୁରୁବାର ସକାଳେ ଲୋଇସିଂହା ପୋଲିସ ଗାଁକୁ ଯାଇ ତଦନ୍ତ କରିଥିବା ନରେନ୍ଦ୍ର କହିଛନ୍ତି। ଏହା ପୂର୍ବରୁ ଡୁଡୁକା ଓ ବିଭିନ୍ନ ସ୍ଥାନରୁ ଚାରିଚକିଆ ଗାଡି ଚୋରି ହୋଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଗ୍ୟାଙ୍ଗରେ ୬ ଜଣ ସଦସ୍ୟ ଥିବା ଜଣାପଡିଛି।

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ବେଲପଡା,୨୩।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ସାତଚୁଆଁ ଗ୍ରାମର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବୁଧବାର ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅପହୃତାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସମ୍ପୃକ୍ତା ଛାତ୍ରୀ ଜଣକ ସ୍ଥାନୀୟ ଏକ କଲେଜରୁ ଅଧ୍ୟୟନ ସାରି ଘରକୁ ତାଙ୍କର ଜଣେ ସହପାଠିନୀ ସହ ଘରକୁ ସାଇକେଲରେ ଫେରୁଥିଲେ। ଏହି ସମୟରେ ପଣ୍ଡରିପାଣିର ଶିବା ଧରୁଆ ନାମକ ଜଣେ ଯୁବକ ସେମାନଙ୍କୁ ବାଇକରେ ନେଇ ଯିବାକୁ କହିଥିଲେ। ପରେ ସମ୍ପୃକ୍ତା ଯୁବତୀଙ୍କୁ ଧରି ଶିବା ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା(୨୮୬/୨୧) ରୁଜୁ ହୋଇଛି।

### ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ଡ୍ରାଇଭର ମୃତ

ଲେଫ୍ରିପଡ଼ା,୨୩।୧୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଏମ୍‌ସିଏଲ୍-ସୁନ୍ଦରଗଡ଼ ରାସ୍ତା ସୁରଗୁଡା ସୁଖାଜୋର ମଝିରେ ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଜଣେ ଡ୍ରାଇଭର ଟ୍ରକ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଏମ୍‌ସିଏଲ୍ ପଟୁ ଆସୁଥିବା କୋଇଲା ବୋଝେଇ ଟ୍ରକ ନଂ. ଓଡି ୧୬ ବି ୭୯୧୪ ଏବଂ ସୁନ୍ଦରଗଡ଼ ପଟୁ ଯାଉଥିବା ଟ୍ରକ୍ ନଂ. ଓଡି ୧୬ଡି ୪୫୭୩ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଟ୍ରକ ଓଲଟି ପଡିଥିଲା। ଫଳରେ କୋଇଲା ବୋଝେଇ ଟ୍ରକ୍‌ର ଡ୍ରାଇଭର ତଳେ ଚାପି ହୋଇ ରହିଯାଇଥିଲେ। ଖବରପାଇ ଲେଫ୍ରିପଡା ଆଇଆଇସି ହେମାଙ୍ଗିନୀ ଗର୍ଡିଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟା ସୁଦ୍ଧା ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରାଯାଇ ପାରିନାହିଁ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**କ୍ଷତିପୂରଣ ପରେ ହେଲା ମୃତଦେହ ବ୍ୟବଚ୍ଛେଦ**

ଲହୁଣୀପଡ଼ା,୨୩।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡ଼ିହି ମାଉସୀ ମା ମନ୍ଦିର ନିକଟରେ ୨୧୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଥିଲା। କ୍ଷତିପୂରଣ ପାଇବା ପରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଶ୍ରମିକ ହେଲେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧାରା ପଞ୍ଚାୟତ ମଞ୍ଜାବେଡା ଗ୍ରାମର ବୁଆସ ମୁଣ୍ଡା(୪୫)। ବୁଧବାର ରାସ୍ତା କଡରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ବୁଆସ ଆସିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

## ସୁଇଟରେ ଛାତ୍ରଙ୍କୁ ମାରପିଟ ଘଟଣା: ୯ ଛାତ୍ରଙ୍କୁ ହଷ୍ଟେଲରୁ ବହିଷ୍କାର

ସମ୍ବଲପୁର,୨୩।୧୨(ବ୍ୟୁରୋ)

ସମ୍ବଲପୁର ସୁଇଟର ଜଣେ ଛାତ୍ରଙ୍କୁ ଅନ୍ୟ କେତେଜଣ ଛାତ୍ର ମାରପିଟ କରିଥିଲେ। ଏହି ଘଟଣାରେ ଶୃଙ୍ଖଳା କମିଟି ରିପୋର୍ଟ ଆଧାରରେ ୯ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୪ ଛାତ୍ରଙ୍କୁ ଏକବର୍ଷ ଓ ୫ ଛାତ୍ରଙ୍କୁ ୬ ମାସ ପାଇଁ ହଷ୍ଟେଲରୁ ବହିଷ୍କାର କରାଯାଇଛି ବୋଲି ସୁଇଟ ନିର୍ଦ୍ଦେଶକ ବି.କେ. ମହାନ୍ତି କହିଛନ୍ତି। ସୁଇଟରେ ଏଭଳି ଘଟଣା ପ୍ରଥମ। ସୂଚନା ଯୋଗ୍ୟ ପ୍ରାୟ ଏକମାସ ପୂର୍ବରୁ ଜଣେ ଦ୍ୱିତୀୟ ବର୍ଷ ବିଟେକ ଛାତ୍ରଙ୍କୁ ସେହି ବର୍ଷର କେତେଜଣ ଛାତ୍ର ମାରପିଟ କରିଥିଲେ। ଏହି ଖବର ଦାୟିତ୍ୱରେ ଥିବା ଜଣେ ଅଧ୍ୟାପକଙ୍କ ପାଖରେ ପହଞ୍ଚିଥିଲା। ପରେ ନିର୍ଦ୍ଦେଶକ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଛାତ୍ର ଜଣକ ଅଭିଯୋଗ ପ୍ରତ୍ୟାହାର କରିଥିବା ନିର୍ଦ୍ଦେଶକ ମହାନ୍ତି କହିଛନ୍ତି।

## ଅଖାବସ୍ତା ଗୋଦାମରେ ନିଆଁ

ଜୁନାଗଡ,୨୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାର ଥିବା ଆର୍‌ଏମ୍‌ସି ଗୋଦାମରେ ବୁଧବାର ରାତିରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବର ପାଇ ଜୁନାଗଡ, ଧର୍ମଗଡ, କୋକସରା, କଲମପୁର ଓ ଭବାନୀପାଟଣା ଅଗ୍ନିଶମ ବିଭାଗର ୬ଟି ଦମକଳ କେନ୍ଦ୍ର ଗାଡି ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ନିଆଁର ପ୍ରଖର ଏତେ ଜୋରରେ ଥିଲା ଯେ ୧୪ ଘଣ୍ଟାର ସର୍ଚ୍ଚ ଅପ୍ରେସନ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ସାରା ରାତି ହାଡ ଭଙ୍ଗା ଶୀତକୁ ଖାତିର ନ କରି ସେମାନେ ଗୁରୁବାର ପୂର୍ବାହ୍ନ ଯାଏଁ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତଥିଲେ। ଗୋଦାମରେ ଦେଢ ଲକ୍ଷ ଅଖା ବସ୍ତା ଓ ୫୦ ହଜାର ଜରି ବସ୍ତା ନିଆଁ ଲାଗି ପୋଡିଯାଇଥିବା ଗୋଦାମ ମାଲିକ ଚକ୍ର ରାଓ ପ୍ରକାଶ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୪୦ରୁ ୪୫ ଲକ୍ଷ ଭିତରେ ବୋଲି ସେ କହିଛନ୍ତି।

## ନୃତ୍ୟଗୀତରେ ଦୁଲୁକିଲା ତପସ୍ୱିନୀ ପ୍ରେକ୍ଷାଳୟ




ମହାନଦୀ ଉତ୍ସବରେ ସମ୍ବଲପୁରୀ ନୃତ୍ୟ।

**ମହାନଦୀ ଉତ୍ସବ ଉଦ୍‌ଯାପିତ**

ସମ୍ବଲପୁର,୨୧।୧୨(ବ୍ୟୁରୋ)

ସ୍ୱଚ୍ଛ ଓ ସୁନ୍ଦର ମହାନଦୀ ସଚେତନତା ବାର୍ତ୍ତା ନେଇ ଚାଲିଥିବା ମହାନଦୀ ଉତ୍ସବ-୨୦୨୧ ଗୁରୁବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଓ ଉମାକାନ୍ତ ରାଜ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିରାକାର ବିଶି, ସଦର ଉପଜିଲାପାଳ ମୟୁର ସୂର୍ଯ୍ୟବଂଶୀ, ଏସ୍‌ଏମ୍‌ସି ଉପ ଆୟୁକ୍ତ ବିନୋଦ କୁମାର ପଣ୍ଡା, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ନଗର କଳା ସଂସ୍କୃତି ସଂଘ ଉପସଭାପତି ଡ. ଶ୍ୟାମସୁନ୍ଦର ଧର, ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ ସାହୁ, ଭାରତ ସରକାରଙ୍କ ଜଳ ସମ୍ପଦ ବିଭାଗ ଉପଦେଷ୍ଟା ସନ୍ଦିପ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରିଥିଲେ। ଡ. ସୀମନ୍ତିକା ଦାଶଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁରୀ ଲୋକ ଗୀତ, ଲୋକ ନୃତ୍ୟ ଓ ଆଦିବାସୀ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ଶଶାଙ୍କଶେଖର ଦୁବେ, ଶ୍ୟାମସୁନ୍ଦର ଧର, ପଦ୍ମିନୀ ଦୋରା, ଚେତନାମୟୀ ବେହେରା, ଦୁର୍ଗା ଦାଶ ଗୀତ ଗାଇଥିବାବେଳେ ଉକିଆ, କଳାକେନ୍ଦ୍ର, ନଟରାଜ, ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର, ଜବାନ କ୍ଲବ, କହର ଓ ଲହରି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

## ଜଳନ୍ଧର ରାଜ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ଜଳନ୍ଧରଙ୍କ ଭୂମିକାରେ କଳାକାର ଅଭିନୟ ପ୍ରଦର୍ଶନ କରୁଛନ୍ତି।

ବିନିକା,୨୩।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ଅନ୍ତର୍ଗତ ଜାମପାଲି ଗ୍ରାମର ଯାତ୍ରା ପଡିଆଠାରେ ଗୁରୁବାର ରାତି ୯ଟାରେ ଜଳନ୍ଧର ରାଜ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଯାତ୍ରା କମିଟି ସଭାପତି ଅଶୋକ କୁମାର ଗଡୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାମଞ୍ଚରେ ମୁଖ୍ୟଅତିଥି ଭାବେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଯୋଗଦେଇ ଜଳନ୍ଧର ରାଜ ଯାତ୍ରା ମହୋତ୍ସବ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିନିକା ବିଡିଓ ବ୍ୟାସଦେବ ବେହେରା, ସମ୍ମାନିତ ଅତିଥି ଭାବେ ବିନିକା ବ୍ଲକ ସିପି ସୁଧାଂଶୁ ଶେଖର ଚାନ୍ଦ, ନାରାୟଣ ଦେହେରୀ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର କ୍ଷେତୀ, ମହେଶ୍ୱର ମହାକୁର, ଶାମୁକା ନାଇକେଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସିଂଘିଯୁବା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକୁମାର ମହାକୁର ଯୋଗଦେଇ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାରାଜ ଜଳନ୍ଧର ଭୂମିକାରେ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ରଙ୍କ ଅଭିନୟ ବେଶ ଚିତ୍ତାକର୍ଷକ ରହିଥିଲା। ମହୋତ୍ସବରେ ପୁରାଣ ଆଧାରିତ ଜଳନ୍ଧରଙ୍କ ରାଜାଭିଷେକ ସହିତ ସ୍ୱର୍ଗପୁରକୁ ଆକ୍ରମଣ କରିବା ମଞ୍ଚସ୍ଥ ହୋଇଥିଲା। ମହୋତ୍ସବ ଆୟୋଜନରେ ଜାମପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ମାମଲା ଶୀଘ୍ର ବିଚାର ହେବ, ଲୋକେ ପାଇବେ ନ୍ୟାୟ

**ଝାରସୁଗୁଡ଼ାରେ ଖୋଲିଲା ଫ୍ୟାମିଲି କୋର୍ଟ**

ଝାରସୁଗୁଡ଼ା ଅଫିସ,୨୩।୧୨

ଗୁରୁବାର ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ଦେବଗଡ ଓ କନ୍ଧମାଳରେ ଫ୍ୟାମିଲି କୋର୍ଟ ପ୍ରତିଷ୍ଠା ହୋଇଛି। ଏହାକୁ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ଡ. ଏସ୍ ମୁରଲୀଧର ଓ ଜଷ୍ଟିସ୍ କେଆର୍ ମହାପାତ୍ର ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ପାରିବାରିକ ସମସ୍ୟା ଭିତ୍ତିକ ମାମଲା ଶୀଘ୍ର ବିଚାର ହୋଇପାରିବ ଓ ଲୋକେ ନ୍ୟାୟ ପାଇପାରିବେ ବୋଲି ଚିଫ୍ ଜଷ୍ଟିସ୍ କହିଛନ୍ତି। ଏହି ଅବସରରେ ଜିଲାଜଜ୍ ନିଶିଥ ନିଶଙ୍କ, ଏଡିଜେ ମଦନଲାଲ୍ ଖେଡିଆ, ହର ପ୍ରସାଦ ପଟ୍ଟନାୟକ, ସତ୍ୟବ୍ରତ ମିଶ୍ର, ପ୍ରଦୀପ କୁମାର ସାମଲ, ହର ପ୍ରସାଦ ପାଢୀ, ସ୍ୱପ୍ନାଶ୍ରୀ ନାୟକ, ମଳୟ କୁମାର ପ୍ରଧାନ, ସୁନନ୍ଦ ସାହୁ, ଦିବ୍ୟସଚୀ ବେହେରା, ମୋନାଲିସା ପଣ୍ଡା ପ୍ରମୁଖ ଜଜ୍‌ମାନେ ଉପସ୍ଥିତଥିଲେ। ଏଥିରେ ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ବିକାଶ ଚନ୍ଦ୍ର ଦାସ, ସିଭିଲ୍ କୋର୍ଟ ମ୍ୟାନେଜର ମନମିତ ସିଂହ ଆରୋରା, ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଉପସଭାପତି ରାଧାକାନ୍ତ ସା, ସାଧାରଣ ସମ୍ପାଦକ ତୁଳସୀ ଦାସ, ଏଲ୍‌ଏନ୍ ଗୁରୁ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ଡିଏଭି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ୱେବିନାର

ଟିଟିଲାଗଡ଼, ୨୩।୨(ଡି.ଏନ.ଏ.)

ଟିଟିଲାଗଡ ଡିଏଭି ମହାବିଦ୍ୟାଳୟରେ ଗୁରୁବାର ଅନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ୱେବିନାରକୁ ଅଧ୍ୟକ୍ଷ ଡ଼. ମଧୁସୂଦନ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷିକା ଡ଼. ଭାଗ୍ୟଶ୍ରୀ ସେନାପତି ଯୋଗଦେଇ ବେଶିକ ସାଇବ୍ରର ପ୍ରଭାବ ଉପରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ।। ପ୍ରାଣୀବିଜ୍ଞାନ ମୁଖ୍ୟ ଅଧାପିକା ରୋଜାଲି ସେଠି ଅତିଥି ପରିଚୟ ଓ ଉଭିଦ ବିଜ୍ଞାନ ମୁଖ୍ୟ ଡ଼. ଉମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଲକାନନ୍ଦ ମଲ୍ଲ, ଅଧ୍ୟାପିକା ସୁଷମା ମିଞ୍ଜ ଦୀପକ ବଗର୍ତ୍ତି, ସଞ୍ଜୟ ପଟନାୟକ ଓ ପରମାନନ୍ଦ ଛତ୍ରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତହସିଲଦାରଙ୍କ ନିର୍ଦ୍ଦେଶ ପରେ ଉଠିଲା ଧାନ



ତହସିଲଦାର କିକିଆ ମଣ୍ଡିରେ ଚାଷୀ ଓ ମିଲର୍ସଙ୍କ ସହ ଆଲୋଚନା କରୁଛନ୍ତି।

**କିକିଆ ମଣ୍ଡି**

■ ୨୦ ଦିନ ହେଲା ପଡ଼ିରହିଥିଲା

କେସିଙ୍ଗା,୨୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କିକିଆ ମଣ୍ଡିରେ ଧାନ ଉଠିବାରେ ବିଳମ୍ବ ହେଉଥିବାରୁ ଚାଷୀମାନେ ତହସିଲଦାର ନିକଟରେ ଅଭିଯୋଗ କରିଥିଲେ। ଗୁରୁବାର ତହସିଲଦାର ଜ୍ୟୋତିର୍ମୟ କର କିକିଆ ଧାନ ମଣ୍ଡି ପରିଦର୍ଶନ କରିଥିଲେ। ୪ ମଲର୍ସଙ୍କୁ ନେଇ ଆଲୋଚନା କରି ୨ ଦିନ ମଧ୍ୟରେ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଦିନ ମଧ୍ୟରେ ସରକାରଙ୍କ ଆଦେଶ ମୁତାବକ ନ ଉଠାଇଲେ ଜିଲାପାଳଙ୍କୁ ଜଣାଯିବ ବୋଲି ମିଲର୍ସମାନଙ୍କୁ ତାଗିଦ୍ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ପରେ ଗୁରୁବାରଠାରୁ ଧାନ ଉଠାଣ ଆରମ୍ଭ କରାଯାଇଛି। ସୂଚନା ଯେ, ଏହି ମଣ୍ଡିରେ କୁଣ୍ଡାବନ୍ଧ, କିକିଆ, ପଥର୍ଲା ଓ ବୋରିଆ ପଞ୍ଚାୟତ ୯୨ଜଣ ଚାଷୀଙ୍କ ୧୦ ହଜାର ବସ୍ତା ତଥା ୪ ହଜାର ୫୦୦ କୁଇଣ୍ଟାଲ ଧାନ ୨୦ଦିନ ଧରି ପଡି ରହିଛି। ଚାଷୀଙ୍କୁ ଉତ୍‌କେଲା ପ୍ୟାକ୍ସ ପକ୍ଷରୁ ଗତ ୩ ତାରିଖରେ ଟୋକାନ ପ୍ରଦାନ କରାଯାଇଛି। କିନ୍ତୁ ଟୋକନ ପାଇଥିବା ଚାଷୀମାନେ ପ୍ରବଳ ଶୀତରେ ଖୋଲା ଆକାଶ ତଳେ ଦିନରାତି ଧାନ ଜଗି ରହିଛନ୍ତି। ଏହି ୪ଟି ପଞ୍ଚାୟତ ଚାଷୀଙ୍କ ଧାନ ଉଠାଇବା ପାଇଁ ଖଜୁରପଡାସ୍ଥିତ ସମଲେଶ୍ୱରୀ, ଅରିହାନ୍ତ ଏଗ୍ରୋ, କେସିଙ୍ଗାସ୍ଥିତ ନିଗାନିଆ ଉଦ୍ୟୋଗ, ଅର୍ଣ୍ଣପୂର୍ଣ୍ଣା ଏଗ୍ରୋ ୪ଟି ମିଲର୍ସଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ମିଲର୍ସମାନେ ମନମୁଖୀରେ ଧାନ ଉଠାଉଥିବାରୁ ଚାଷୀମାନେ ପ୍ରବଳ ଶୀତରେ କଷ୍ଟ ଭୋଗୁଛନ୍ତି। କୁଣ୍ଡାବନ୍ଧ ଗ୍ରାମର ସତ୍ୟନାରାୟଣ ବିଶ୍ୱାଳଙ୍କ ୫୪୦ ବସ୍ତା, ସାରଦା ଚନ୍ଦ୍ର ପ୍ରଧାନଙ୍କ ୫୦୦ ବସ୍ତା, ଲମ୍ୱୋଧର ସାହୁଙ୍କ ୨୫୬ ବସ୍ତା, ଅଜିତ କୁମାର ବିଶ୍ୱାଳଙ୍କ ୧୫୩ ବସ୍ତା ଏହିପରି ୯୨ଜଣ ଚାଷୀଙ୍କ ୧୦ ହଜାର ବସ୍ତା ଧାନ ଆଜକୁ ୨୦ଦିନ ହେଲା ପଡିରହିଥିଲା। ଏହାପୂର୍ବରୁ ଏହି ୪ଟି ମିଲର୍ସ କୁଇଣ୍ଟାଲ ପ୍ରତି ୭ କେଜି କଟନି କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଉତ୍‌କେଲା ପ୍ୟାକ୍ସ ସମ୍ପାଦକ ପ୍ରଦୀପ କୁମାର ଜାଲଙ୍କୁ ପଚାରିବାରୁ ମିଲର୍ସମାନେ ମନମୁଖୀରେ ଧାନ ଉଠାଇ ଚାଷୀଙ୍କୁ ହଇରାଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ।

## ଜିଲା ଲନ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର ଅଫିସ,୨୩।୧୨

ଓଡିଶା ଲନ୍‌ବଲ ଆସୋସିଏଶନ୍ ସଂଘ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ବଲାଙ୍ଗୀର ଜିଲା ଲନ୍‌ବଲ ଆସୋସିଏଶନ୍ ସ୍ଥାନୀୟ ଜେଏସ୍‌ଏମ୍ କଲେଜ ପରିସରରେ ପ୍ରଥମ ଲନ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ସିଙ୍ଗଲସ୍ ବାଳିକା ବର୍ଗରେ ତନିଷା ଅଗ୍ରୱାଲ ଓ ପୁରୁଷ ସିଙ୍ଗଲସ୍ ବର୍ଗରେ ସାଜିବ୍ ଆଲମ୍ ଖାନ୍ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବାଳିକା ବର୍ଗରେ ଶୁଭଶ୍ରୀ ଗୁରୁଡ ରୌପ୍ୟ ଓ ଶ୍ରାବଣୀ ମେହେର କାଂସ୍ୟ ପଦକ ବିଜୟୀ ହୋଇଥିଲେ। ବାଳକ ବର୍ଗରେ ଏମ୍‌ଡି ସାହିଲ ରୌପ୍ୟ, ଆକାଶ ମାଝି ଓ ହରିଚନ୍ଦନ ହୋତା କାଂସ ପଦକ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରକାଶ ପରିଡା, ରାଜ୍ୟ ବୋଲିଂ ଆସୋସିଏସନ୍ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସିଏ ଶ୍ରୀକାନ୍ତ ଶର୍ମା, ବୀରେନ୍ଦ୍ର କୁମାର ଝାଙ୍କର, କୋଚ୍ ସୁକାନ୍ତ ସେଠ୍, ଜେଏସ୍‌ଏମ୍ କଲେଜ ଅଧ୍ୟକ୍ଷ ମିହିର ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ହୋଇ କୃତି କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ।



ଲନ୍‌ବଲ ଫାଇନାଲ ଖେଳରେ ପଦକ ବିଜେତାଙ୍କ ସହ ଅତିଥି।

## ମିସ୍ ଇଣ୍ଡିଆ ମିସ୍‌ରେ ସୁରଭି ବେହେରାଙ୍କ ସଫଳତା

ଝାରସୁଗୁଡ଼ା ଅଫିସ,୨୩।୧୨

ମୁମ୍ବାଇରେ ଚାଲିଥିବା ମିସ୍ ଇଣ୍ଡିଆ ମିସ୍ ୨୦୨୧ ପ୍ରତିଯୋଗିତାରେ ଓଡ଼ିଶାର ସୁରଭି ବେହେରା ସଫଳତା ହାସଲ କରିଛନ୍ତି। ସେ ମିସ୍ ଇଣ୍ଡିଆ ମିସ୍ ସ୍ୱେଟ୍ଟାକୁଲାର ୨୦୨୧ ବିଜୟିନୀ ହୋଇଛନ୍ତି। ଏହି ପ୍ରତିଯୋଗିତା ଗତ ୧୯ ଓ ୨୦ତାରିଖରେ ମୁମ୍ବାଇର ଲୋନାଭାଲାରେ ହୋଇଥିବାବେଳେ ୨୧ରେ ପାନଭେଲ ଫାଇନାଲ୍ ହୋଇଥିଲା। ଏହା ପୂର୍ବରୁ ସୁରଭି ଓଡ଼ିଶା ମିସ୍‌ରେ ସଫଳତା ପାଇଥିଲେ। ସୁରଭି ହେଉଛନ୍ତି ରାଜ କୁମାର ବେହେରା ଓ ବିଣାପାଣୀ ବେହେରାଙ୍କ ଝିଅ। ତାଙ୍କ ବାପା ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ମା' ଜଣେ ଗୃହିଣୀ। ଏହି ସଫଳତା ପାଇଁ ପରିବାର, ସମ୍ପର୍କୀୟ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




Reliance Jewels
BE THE MOMENT




# ଦି ଡ୍ରିମ୍ ଡାଇମଣ୍ଡ ସେଲ୍

**25%** ପର୍ଯ୍ୟନ୍ତ ଛାଡ଼* ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ

ସୀମିତ ଅବଧି ଅଫର୍ | *ସର୍ତ୍ତ ଓ ନିୟମାବଳୀ ଲାଗୁ

**ଏବେ www.reliancejewels.com ରେ ମଧ୍ୟ ଉପଲବ୍ଧ ।**

**ଅନୁଗୁଳ:** ଅନୁ ଶପିଂ ମଲ୍, ଅମଳପଡା, ମେନ୍ ରୋଡ୍ ଫୋନ୍: 8249389498/06764-231280 | **ବ୍ରହ୍ମପୁର (ଓଡିଶା):** ବଡ଼ ବଜାର, ନଦିଆ ଗୁରୁଜୀ ଛକ ସମ୍ମୁଖ, ବ୍ରହ୍ମପୁର, ଫୋନ୍: 7008995399, 0680-2250017/18 | **ଭୁବନେଶ୍ୱର:** ଜନପଥ, ସତ୍ୟ ନାଗର ଫୋନ୍: 7894455828/0674-2570035/64 **ଚନ୍ଦ୍ରଶେଖରପୁର,** ନାଲକୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ ଫୋନ୍: 7894455782/9861207889, 0674-2303541 | **ବୁଢାରାଜା:** ମେନ୍ ରୋଡ୍, ସହଯୋଗ ନଗର, ସମ୍ବଲପୁର, ଫୋନ୍: 9692975398 **କଟକ:** କ୍ୟାଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ । ଫୋନ୍: 7682848136, 0671-2520011 | **ରାଉରକେଲା:** ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍: 8120007888 / 6372909946 / 0661-2520775/7 | **ଯାଜପୁର:** ପ୍ଲଟ୍ ନଂ, 923/924, ୟୁନିଟ୍ ନଂ. 4, ଚୋର୍ଦା ବାଇପାସ୍ ଛକ, ଯାଜପୁର ରୋଡ୍, ଫୋନ୍: 9078084953

ଆମକୁ ଅନୁସରଣ କରନ୍ତୁ:

MARUTI SUZUKI NEXA

# BEING TOUGH IS NOW EASY WITH THE TOUGH URBAN.

The New Ignis with its tough looks and High SUV-like stance takes on the urban chaos with ease.

CREATE. INSPIRE.




NEXA 6 CREATING INSPIRING MOMENTS

Scan the QR code for more details about the New Ignis.

**THE NEW IGNIS COMPACT URBAN SUV**



New 17.78 cm Smartplay Studio (Available from Zeta variant onwards)



New Rear Spoiler and Roof Rails




Auto Gear Shift



Spacious and Comfortable Interiors



1.2L VVT Petrol Engine

NEXA Safety Shield
Standard Across All Variants

- DUAL FRONT AIRBAGS
- ABS WITH EBD
- PEDESTRIAN PROTECTION COMPLIANCE
- FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE

**VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.**

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PVT. LTD. PH: 7008987669, 8599039994).

SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
- Multiple financiers
- Digital Document Upload
- Live Loan status
- Complete transparency (associated fees & charges)

*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Dealer Showrooms would be open subject to the applicable government guidelines and prevailing lockdown conditions.

ପୃଷ୍ଠା–୧୬+୪

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୪/୨୦୨୧ (୧୬+୪=୨୦ପୃଷ୍ଠା) | Sambalpur, Friday, December 24/2021 | ପୃଷ୍ଠା-୧



**ହିନ୍ଦୀ ପାଇଁ ତାମିଲ ସିନେମା ଛାଡ଼ିପାରିବିନି**

ହିନ୍ଦୀ ଫିଲ୍ମ ପାଇଁ କେବେ ତାମିଲ ସିନେମା ଛାଡ଼ିପାରିବେ ନାହିଁ ବୋଲି କହିଛନ୍ତି ସୁପରଷ୍ଟାର ଧନୁଷ।

୦୨

୦୨

**ଭାରତୀୟ ଦୃଷ୍ଟିହୀନ ଟି୨୦ ଦଳରେ ନକୁଳ**

ବାଂଲାଦେଶ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦୃଷ୍ଟିହୀନ ଟି୨୦ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ନକୁଳ ବଡ଼ନାୟକ।






# ଲୁଧିଆନା କୋର୍ଟରେ ବିସ୍ଫୋରଣ

## ଜଣେ ମୃତ, ୬ ଆହତ

ଲୁଧିଆନା, ୨୩।୧୨ (ପି.ଟି.)

ପଞ୍ଜାବର ଲୁଧିଆନା ଜିଲା କୋର୍ଟ ପରିସରରେ ଗୁରୁବାର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ଜଣକର ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। କୋର୍ଟ କାର୍ଯ୍ୟ ଚାଲିଥିବାବେଳେ କମ୍ପ୍ଲେକ୍ସର ଦ୍ୱିତୀୟ ମହଲାରେ ଥିବା ୱାଶ୍ ରୁମ୍‌ରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହା ପ୍ରଭାବରେ କମ୍ପ୍ଲେକ୍ସର ଗୋଟିଏ କାନ୍ଥ ଭାଙ୍ଗିବା ସହ ଝରକା ଓ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ବିସ୍ଫୋରଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରଥମେ କହିଥିଲା। ପରେ ଜଣକର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ବିସ୍ଫୋରଣ ଘଟଣାର ନିନ୍ଦା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ କେତେଜଣ ଦେଶଦ୍ରୋହୀ ଓ ରାଷ୍ଟ୍ର ବିରୋଧୀ ଶକ୍ତି ଏଭଳି ଘୃଣିତ କାର୍ଯ୍ୟ କରିବାକୁ ଉଦ୍ୟମ କରୁଥିବା ସେ କହିଛନ୍ତି। ଚନ୍ନି ଲୁଧିଆନା ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିସ୍ଫୋରଣ ପରେ ଉକ୍ତ ଅଞ୍ଚଳକୁ ସିଲ୍ କରାଯିବା ସହ ବିସ୍ଫୋରଣ ସ୍ଥଳରୁ ଫୋରେନ୍‌ସିକ ଟିମ୍ ନମୁନା ସଂଗ୍ରହ କରିଥିବା ଲୁଧିଆନା ପୋଲିସ କମିଶନର ଗୁର୍‌ପ୍ରୀତ ସିଂ ଭୁଲାର କହିଛନ୍ତି। ତଦନ୍ତ ଜାରି ରହିଥିବାରୁ ବିସ୍ଫୋରଣ ପଛରେ କାହାର ହାତ ଅଛି, ତାହା ବର୍ତ୍ତମାନ କହିବା ସମ୍ଭବ ନୁହେଁ ବୋଲି ପୋଲିସ କମିଶନର କହିଛନ୍ତି। ବିସ୍ଫୋରଣରେ ମୃତ୍ୟୁ ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପଞ୍ଜାବରେ ଶାନ୍ତି ଭଙ୍ଗ କରିବା ଲାଗି କେତେଜଣ ଚାହୁଁଥିବା ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରଥମେ ଗୁରୁଦ୍ୱାର ଅପବିତ୍ର ଉଦ୍ୟମ ପରେ ବିସ୍ଫୋରଣ। କେତେଜଣ ଲୋକ ପଞ୍ଜାବରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି। ୩ କୋଟି ପଞ୍ଜାବବାସୀ ସେମାନଙ୍କ ଯୋଜନାକୁ ସଫଳ ହେବାକୁ ଦେବେନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି।



ବିସ୍ଫୋରଣରେ ଲୁଧିଆନା ଜିଲା କୋର୍ଟ ବିଲ୍ଡିଂର କାନ୍ଥ ଭାଙ୍ଗିଯାଇଛି।

# ମିତ୍ତଲ ପ୍ରଥମ ଦାବିଦାର ଚର୍ଚ୍ଚା

## ନୀଳାଚଳ କାରଖାନା ବିକ୍ରି ପ୍ରକ୍ରିୟା

ଯାଜପୁର ଅଫିସ, ୨୩।୧୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ୍ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍) ବିକ୍ରି ପାଇଁ ଗୁରୁବାର ୫ଟା ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ଶେଷ ତାରିଖ ଥିଲା। ସୂଚନା ଅନୁଯାୟୀ ଏହି ପ୍ରକ୍ରିୟାରେ ଆର୍ସେଲର ମିତ୍ତଲ, ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ, ଜେଏସ୍‌ଡବ୍ଲ୍ୟୁ ଏବଂ ମେଘା ଇଞ୍ଜିନିୟରିଂ ଅଂଶ ଗ୍ରହଣ କରିଛନ୍ତି। ସରକାରଙ୍କ ତରଫରୁ ମୋଟ ୮୦୦୦ କୋଟି ଟଙ୍କା ବିକ୍ରି ମୂଲ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏଥିମଧ୍ୟରୁ ଆର୍ସେଲର ମିତ୍ତଲ ୬୭୦୦ କୋଟି ଟଙ୍କାରେ ନେବା ପାଇଁ ଟେଣ୍ଡର ପକାଇ ଅଗ୍ରିମ ଦାବିଦାର ରହିଛି ବୋଲି ଚର୍ଚ୍ଚା ☞ପୃଷ୍ଠା–୨

# ଷ୍ଟାଟସ ରିପୋର୍ଟ ଦାଖଲ କଲା କ୍ରାଇମବ୍ରାଞ୍ଚ

## ମମିତା ମେହେର ହତ୍ୟା ମାମଲା

କଟକ ଅଫିସ, ୨୩।୧୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ବନ୍ଦ ଲଫାପା ମଧ୍ୟରେ ଗୁରୁବାର ହାଇକୋର୍ଟରେ ଷ୍ଟାଟସ ରିପୋର୍ଟ ଦାଖଲ କରିଛି। ମମିତାଙ୍କ ବାପା ଏବଂ ଭାଇ ଦାଏର କରିଥିବା ମାମଲାରେ ଏହି ରିପୋର୍ଟ ଦାଖଲ କରାଯାଇଛି। ଆସନ୍ତା ଜାନୁୟାରୀ ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅନ୍ୟପଟେ, ଏହି ଘଟଣାରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଇଣ୍ଟରଭେନର ବା ପକ୍ଷଭୁକ୍ତ ହେବା ପାଇଁ ପିଟିଶନ ଦାଖଲ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ମମିତା ହତ୍ୟା ଘଟଣାର ତଦନ୍ତ ବିଳମ୍ବ ଘଟୁଥିବାରୁ ଏହାର ତ୍ୱରିତ ଶୁଣାଣି ଓ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ପାଇଁ ଗତ ନଭେମ୍ବର ୧୬ରେ ମମିତାଙ୍କ ବାପା ସୁଚନ୍ଦ୍ର ମେହେର ଓ ଭାଇ ବଷ୍ଟି ମେହେର ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଗତ ୧୮ରେ ହାଇକୋର୍ଟ ଏହାର ଶୁଣାଣି କରି ତଦନ୍ତର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜ୍ୟ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ, ଏସ୍‌ପି, ସିନ୍ଧେକେଲା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଅପରପକ୍ଷରେ ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବା ସହ ମୃତକଙ୍କ ପରିବାରଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପୂର୍ବରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅନ୍ତରୀଣ ଆବେଦନ କରାଯାଇଥିଲା।

# ପିଲାଙ୍କୁ ସଂକ୍ରମିତ କଲାଣି 'ଓମିକ୍ରନ୍'

## ୨ ନାବାଳିକା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ରାଜ୍ୟରେ 'ଓମିକ୍ରନ୍' କାୟାବିସ୍ତାର କରିବାରେ ଲାଗିଛି। ପିଲାଙ୍କଠାରେ ଏହି ଲକ୍ଷଣ ଦେଖାଦେବା ପରେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଡିସେମ୍ବର ୨୧ରେ ରାଜ୍ୟରେ ପ୍ରଥମେ ୨ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ଆଉ ଦୁଇଜଣ ସଂକ୍ରମିତ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କ ସୂଚନା ଅନୁଯାୟୀ, ଆକ୍ରାନ୍ତ ୨ ନାବାଳିକାଙ୍କ ମଧ୍ୟରୁ ଜଣଙ୍କର ବୟସ ୧୧ ଏବଂ ଅନ୍ୟ ଜଣଙ୍କ ବୟସ ୧୫। ସେମାନେ ଦୁଇଭଉଣୀ। ଡିସେମ୍ବର ୧୩ରେ ଦୁହେଁ ମା'ବାପାଙ୍କ ସହିତ ନାଇଜେରିଆରୁ ଫେରିଥିଲେ। ତେବେ ମା'ବାପା ଏବଂ ବିମାନବନ୍ଦରରୁ ସେମାନଙ୍କୁ ନେଇଯାଇଥିବା ଗାଡ଼ି ଡ୍ରାଇଭରଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ସମ୍ପୃକ୍ତ ୪ଜଣ ନାଇଜେରିଆରୁ ଫେରିବା ପରେ କ୍ୱାରେଣ୍ଟାଇନ୍‌ରେ ଥିଲେ। ଅଷ୍ଟମ ଦିନରେ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଥିବାବେଳେ ଦୁଇ ଝିଅଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଆକ୍ରାନ୍ତ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। କରୋନା ଗାଇଡ୍‌ଲାଇନକୁ କଡ଼ାକଡି ପାଳନ କରିବା ସହ ଯଥାସମ୍ଭବ ଭିଡ଼ରୁ ଦୂରେଇ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ମୋଟ୍ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଏହାର ପ୍ରତିକାର ଲାଗି ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏଣିକି ଦୈନିକ କୋଭିଡ୍ ପରୀକ୍ଷଣ ୭୦ ହଜାରକୁ ବୃଦ୍ଧି କରିବାକୁ ସମସ୍ତ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୧୫ ସୁଦ୍ଧା ଟିକାକରଣ ୧୦୦ ପ୍ରତିଶତ ସାରିବାକୁ କୁହାଯାଇଛି। ଓମିକ୍ରନ୍ ସଂକ୍ରମଣ ପ୍ରତି ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

# ଭୁବନେଶ୍ୱର ରେଳ ଷ୍ଟେଶନକୁ 'ଇଟ୍ ରାଇଟ୍ ଷ୍ଟେଶନ' ମାନ୍ୟତା

ଭୁବନେଶ୍ୱର, ୨୩। ୧୨ (ବ୍ୟୁରୋ)

ସ୍ୱଚ୍ଛତା, ନିରାପତ୍ତା କ୍ଷେତ୍ରରେ ଭୁବନେଶ୍ୱର ରେଳ ଷ୍ଟେଶନକୁ ଆଉ ଏକ ସଫଳତା ମିଳିଛି। ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ ଏହାକୁ ଦେଶର ଷଷ୍ଠ 'ଇଟ୍ ରାଇଟ୍ ଷ୍ଟେଶନ' ମାନ୍ୟତା ଦେଇଛି। ଖାଦ୍ୟ ନିରାପତ୍ତା ପାଇଁ ଷ୍ଟେଶନକୁ ଫୋର୍ ଷ୍ଟାର୍ ରେଟିଂ ମିଳିଛି। ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ରେଳପଥ ଡିଆର୍‌ଏମ୍ ରିଙ୍କେଶ ରାୟ ରାଜ୍ୟ ଖାଦ୍ୟ ନିରାପତ୍ତା କମିଶନର ଯାମିନୀ ଷଡ଼ଙ୍ଗୀଙ୍କଠାରୁ 'ଇଟ୍ ରାଇଟ୍ ଷ୍ଟେଶନ' ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ଡିଆର୍‌ଏମ୍ ରିଙ୍କେଶ୍ କହିଛନ୍ତି, ରାଜ୍ୟ ସରକାର ଓ ଭାରତୀୟ ରେଳପଥର ମିଳିତ ପ୍ରୟାସରେ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ପୁରୀ ଷ୍ଟେଶନକୁ ମଧ୍ୟ 'ଇଟ୍ ରାଇଟ୍ ଷ୍ଟେଶନ'ରେ ପରିଣତ କରିବାକୁ ବିଭିନ୍ନ କାର୍ଯ୍ୟ କରାଯାଉଛି।

# ସୁରକ୍ଷିତ ନୁହେଁ କପଡ଼ା ମାସ୍କ




ନୂଆଦିଲ୍ଲୀ, ୨୩।୧୨

କରୋନାର ସବୁଠାରୁ ଦ୍ରୁତ ସଂକ୍ରାମକ ଭାରିଆଣ୍ଟ ଓମିକ୍ରନ୍‌ରୁ ବର୍ତ୍ତିବା ପାଇଁ କପଡ଼ା ମାସ୍କ ସୁରକ୍ଷିତ ନୁହେଁ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏହି ମାସ୍କରେ କେଉଁ ପ୍ରକାର ଫାବ୍ରିକ୍ ବ୍ୟବହାର ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ। ମିଶ୍ରିତ ମାଟେରିଆଲର ଡବଲ କିମ୍ବା ଟ୍ରିପଲ ଲେୟର ଥିବା ମାସ୍କ ପ୍ରଭାବୀ ହୋଇପାରେ ବୋଲି ଅକ୍ସଫୋର୍ଡ ୟୁନିଭର୍ସିଟିର ପ୍ରଫେସର ଟ୍ରିଶ୍ ଗ୍ରୀନ୍‌ହାଲ୍‌ଗ କହିଛନ୍ତି। କିନ୍ତୁ ଅଧିକାଂଶ ମାସ୍କରେ ଉପଯୁକ୍ତ ଫାବ୍ରିକ ବଦଳରେ ଫ୍ୟାଶନକୁ ଗୁରୁତ୍ୱ ଦିଆଯାଉଛି। ସେଥିରେ ମାତ୍ର ଗୋଟିଏ ଲେୟର ରହୁଛି। ଅଧିକାଂଶ କପଡ଼ା ମାସ୍କର ଗୁଣବତ୍ତା ମଧ୍ୟ ବେଶ ନିମ୍ନଧରଣ ଦେଖାଯାଉଛି। ବାରମ୍ବାର ଧୋଇହେଉଥିବାରୁ ଏବଂ ପୁନର୍ବ୍ୟବହାର କରି ହେଉଥିବାରୁ ଲୋକେ ନିମ୍ନମାନର କପଡ଼ା ମାସ୍କ ପିନ୍ଧୁଛନ୍ତି। ତେଣୁ ଏଭଳି ମାସ୍କ ଦ୍ୱାରା ଓମିକ୍ରନ୍‌ଠାରୁ ସୁରକ୍ଷା ପାଇବା କଷ୍ଟକର ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ମାସ୍କ ଦ୍ୱାରା ନାକ ଓ ପାଟିକୁ ଭଲ ଭାବେ ଘୋଡ଼ାଇ ରଖିବା ଜରୁରୀ। ଏନ୍‌୯୫ ମାସ୍କ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ ତାହା ବାସ୍ତବରେ ୯୫ ପ୍ରତିଶତ କଣିକାକୁ ଫିଲ୍ଟର କରିପାରୁଛି।

# ଚାଇନାରେ କଠୋର ଲକ୍‌ଡାଉନ୍ କଟକଣା

ବେଜିଂ, ୨୩।୧୨

ଚାଇନାରେ କରୋନା ସଂକ୍ରମଣ ମାଡ଼ି ଚାଲିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାକୁ ସରକାର କଠୋର କଟକଣା ଜାରି କରିଛନ୍ତି। ଉତ୍ତର ଚାଇନାର ଶାନ୍‌ଶି ରାଜଧାନୀ ଶିଆନ ସହରରେ ଗୁରୁବାର ଲକ୍‌ଡାଉନ ଘୋଷଣା କରାଯାଇଛି। ଫଳରେ ପ୍ରାୟ ୧ କୋଟି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଉପରେ ଏହି କଟକଣା ଲାଗୁ ହୋଇଛି। ଆଉ କିଛି ଦିନ ପରେ ବେଜିଂରେ ଶୀତକାଳୀନ ଅଲିମ୍ପିକ୍ସ ଆୟୋଜନ ହେବାକୁ ଥିବାବେଳେ ଚାଇନାରେ କରୋନା ସଂକ୍ରମଣ ଯୋଗୁ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ତେବେ ସେଠାରେ ଓମିକ୍ରନ ଯୋଗୁ ସଂକ୍ରମଣ ବଢ଼ିଛି ନା ଡେଲ୍ଟା ଭାରିଆଣ୍ଟର ପ୍ରକୋପ ବୃଦ୍ଧି ପାଇଛି ସେ ବିଷୟରେ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଏବେ ସୁଦ୍ଧା ଚାଇନାରେ କେବଳ ୭ ଓମିକ୍ରନ ମାମଲା ଥିବା ସୂଚନା ରହିଛି। ସେଥିରୁ ଗୁଆଙ୍ଗଝୌରେ ୪, ଚାଙ୍ଗଶାରେ ୨ ଏବଂ ତିଆନଜିନ୍‌ରେ ଜଣେ ସଂକ୍ରମିତ ହୋଇଛନ୍ତି। ଏଥିସହ ଶାଙ୍ଘାଇ ନିକଟ ଝେଜିଆଙ୍ଗ୍ ପ୍ରଦେଶରେ ମଧ୍ୟ କରୋନା ମାମଲା ବଢ଼ିବାରେ ଲାଗିଛି।

୨୦୨୦ରେ ଚାଇନା କରୋନାର ଭାଇରସ୍‌ର ଉତ୍ପତ୍ତିସ୍ଥଳ ଉହାନ ସହରରେ କଡ଼ା କଟକଣା ଲଗାଇଥିଲା। ଏଥିଯୋଗୁ ପ୍ରାୟ ୧ କୋଟି ୧୦ ଲକ୍ଷ ଲୋକଙ୍କୁ ଲକ୍‌ଡାଉନ୍ ମଧ୍ୟରେ ରହିବାକୁ ପଡ଼ିଥିଲା। ଏହାପରେ ଶିଆନ୍‌ରେ ସବୁଠାରୁ ବଡ଼ ଧରଣର ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଗୋଟିଏ ଦିନରେ ଶିଆନ୍‌ରେ ୬୩ ଲୋକାଲ କେସ୍ ଚିହ୍ନଟ ହୋଇଛି। ଏହାକୁ ମିଶାଇ ସପ୍ତାହକରେ ମୋଟ ମାମଲା ୨୧୧ରେ ପହଞ୍ଚିଛି। ବାହାରକୁ ଲୋକଙ୍କୁ ଉକ୍ତ ସହରକୁ ଯିବାକୁ ମନା କରାଯାଇଛି। ଏଥିସହ ପୂର୍ବରୁ ହୋଟେଲରେ ଥିବା ଲୋକଙ୍କୁ ମଧ୍ୟ ସହର ଛାଡ଼ିବା ଉପରେ କଟକଣା ଲଗାଯାଇଛି। ପ୍ରତ୍ୟେକ ଘରର ଜଣେ ଲେଖାଏ ସଦସ୍ୟ ୨ ଦିନରେ ଥରେ ବାହାରକୁ ଆସି ଅତ୍ୟାବଶ୍ୟକ ଜିନିଷ ନେଇପାରିବେ ବୋଲି ନିର୍ଦ୍ଦେଶ ଜାରି ହୋଇଛି। ସୂଚନାଯୋଗ୍ୟ ଚାଇନାରେ ମୋଟ ୧,୦୦,୬୪୪ କୋଭିଡ୍‌ରେ ସଂକ୍ରମିତ ହୋଇଛନ୍ତି। ସମୁଦାୟ ୪,୬୩୬ ଜଣଙ୍କ ଏଥିରେ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି।



- **୧.୩ କୋଟି ଲୋକ ଘରେ ବନ୍ଦ**
- **ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୨ ଦିନରେ ଘରୁ ବାହାରିବେ ଜଣେ**

# ଖବରକାଗଜ ହକରଙ୍କୁ ଆର୍ଥିକ ପ୍ରୋତ୍ସାହନ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଖବରକାଗଜ ହକରମାନଙ୍କୁ ସେମାନଙ୍କର ହକ୍ ପ୍ରଦାନ କରିଛନ୍ତି। ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ସେମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିବା ସହିତ ଅଣସଂଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିଛନ୍ତି। ଏହି ସହାୟତା ପାଇଁ ରାଜ୍ୟର ୭,୩୦୦ ହକରଙ୍କ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡିଜିଟାଲ ଡାଟା ବେସ୍ ପ୍ରସ୍ତୁତ କରାଯାଇ ପଞ୍ଜୀକୃତ କରାଯାଇଛି। ପ୍ରତ୍ୟେକ ପଞ୍ଜୀକୃତ ହକର ୬୦୦୦ ଟଙ୍କା ଲେଖାଏ ସହାୟତା ପାଇଛନ୍ତି। ସମୁଦାୟ ୪ କୋଟି ୩୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି। ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଛି।

ଏହା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ହକରମାନେ ☞ପୃଷ୍ଠା–୨

**ମା' ଦକ୍ଷିଣକାଳୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା କୁଶଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ବାବା ଚନ୍ଦ୍ରଶେଖର ସ୍ପୋର୍ଟସ କ୍ଲବ ପକ୍ଷରୁ ୧୬ ତମ ମା' ଦକ୍ଷିଣ କାଳୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦଘାଟନୀ ଖେଳ ଆଡେଣୀଗଡ ଓ କୁଶାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଡେଣୀଗଡ ଦଳ୧୫ ଓଭରରେ ୧୭୨ ରନ କରିଥିବା ବେଳେ କୁଶାସିଙ୍ଗା ଦଳ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା । ଖେଳରେ ଆଡେଣୀଗଡ ଦଳ ବିଜୟୀ ହୋଇଥିଲା । ଉଦଘାଟନୀ ଖେଳରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ପଞ୍ଚାୟତ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ହିମାଂଶୁ ଶେଖର ସାହୁ ଓ ସମ୍ମାନିତ ଭାବେ ଇଂରାଜୀ ଅଧ୍ୟାପକ ମନୋଜ କୁମାର ପ୍ରହରାଜ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ସଂକ୍ଷେପରେ

### କାଠ ବ୍ୟବସାୟୀଙ୍କ ଘରେ ଚଢ଼ାଉ

**ଲକ୍ଷାଧିକ ଟଙ୍କାର ପଟ୍ଟା ଜବତ**



ଅମରପାଲି,୨୩।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତର ସାନକିରାସିରା ଗ୍ରାମରେ ବନବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇଛି। ଚଢାଉ ବେଳେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ପଟା ଜବତ କରାଯାଇଛି। ଉକ୍ତ ଗ୍ରାମର ଗଜେନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ନିଜ ଘରେ ବ୍ୟାପକ କାଠପଟା ରଖି ବ୍ୟବସାୟ କରୁଥିଲେ। ଏନେଇ କୌଣସି ସୂତ୍ରରୁ ଖବର ପାଇ ପୂର୍ବାହ୍ନରେ ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ କର୍ମଚାରୀମାନେ ଚଢାଉ କରିଥିଲେ। ଚଢାଉ ବେଳେ ଗଜେନ୍ଦ୍ର ଫେରାର ମାରିଥିଲେ । ତାଙ୍କ ଘରେ ଥିବା ଶାଳ, ବିଜା ଓ ଶାଗୁଆନ କାଠପଟା ଜବତ ହୋଇଛି । ହାତିଲିମୁଣ୍ଡା ବନପାଳ ଅଜୟ କୁମାର ବାରାଙ୍କ ସମେତ ଅନ୍ୟ ବନ କର୍ମଚାରୀ ଚଢାଉରେ ସାମିଲ ଥିଲେ।

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

ଅମରପାଲି,୨୩।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରୁ ବୁଧବାର ସାଢେ ଗୋଟାଏ ସମୟରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ, ବୀରମହାରାଜପୁର ଉପକଣ୍ଠ ଝାରକୁମୁଣ୍ଡା ଗ୍ରାମର ଚମ୍ପେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ରିତାଞ୍ଜଳୀ ମହାକୁଡ଼, ସମ୍ପାଦିକା ରିତାଞ୍ଜଳୀ ମହାକୁଡ଼ ଓ ସଦସ୍ୟା ପୁଷ୍ପାଞ୍ଜଳି ବାଘ ଉତ୍କଳ ଗ୍ରାମ୍ୟବ୍ୟାଙ୍କରୁ ଟଙ୍କା ଉଠାଣ କରି ଏକ ପ୍ଲାଷ୍ଟିକ ବ୍ୟାଗରେ ରଖି ବ୍ୟାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ହଠାତ୍ ଏକ କଳା ପଲସର ବାଇକ୍‌ରେ ଦୁଇଜଣ ଯୁବକ ଦ୍ରୁତ ଗତିରେ ଆସି ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ଲୁଟେରାଙ୍କ ପତ୍ତା ମିଳି ପାରିନାହିଁ । ଏ ନେଇ ବୀରମହାରାଜପୁର ଥାନାରେ ଏସ୍‌ଏଚ୍‌ଜିର ୩ ଜଣ ମହିଳା ଲିଖିତ ଅଭିଯୋଗ କରିଛନ୍ତି ।

### ଉପ କାରାଗାର ପରିଦର୍ଶନ କଲେ ବିଶେଷଜ୍ଞ କମିଟି

ସୋନପୁର,୨୩।୧୨(ନି.ପ୍ର.): ରାଜ୍ୟ ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗର ବିଶେଷଜ୍ଞ କମିଟି ସୋନପୁର ଉପକାରାଗାରକୁ ଗୁରୁବାର ପରିଦର୍ଶନ କରିଛନ୍ତି । ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସସ୍ମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ ନୀଳାମ୍ବର ଶତପଥୀ, ଅବକାଶ ମିଶ୍ର, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପରିଦର୍ଶନରେ ଯାଇଥିଲେ । ବିଶେଷଜ୍ଞ କମିଟି ଅନ୍ତେବାସୀଙ୍କ ସହିତ ବିଭିନ୍ନ ଆଇନଗତ ସମସ୍ୟା ନେଇ ଆଲୋଚନା କରିଥିଲେ । ଉପ କାରାଗାର ଅଧୀକ୍ଷକ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

ଗାଇସିଲେଟ୍/ପାଇକମାଳ, ୨୩।୧୨(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱର୍ଗତ ବିଜୟ ଦାଶଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ଏହି କ୍ରମରେ ଗୁରୁବାର ଗାଇସିଲେଟ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋଭସଭା ହୋଇଥିଲା। ଶୋକସଭାରେ ସଂଘ ସଭାପତି ଦୁର୍ଗାପ୍ରସାଦ ତ୍ରିବେଦୀ, ବିନାୟକ ପ୍ରସାଦ ଗୁରୁ, ସଞ୍ଜୀବ କୁମାର ପୁରେହିତ, ଝସକେତନ ସାହୁ, ଶିବ ଶଙ୍କର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିରବ ପ୍ରାର୍ଥନା ସହିତ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ପାଇକମାଳ ବ୍ଲକ ଧର୍ମଶାଳାଠାରେ ବଡ ସତପଥୀଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସୁରଥ ସାହୁ, ଗୌରାଙ୍ଗ ଦାସ, ବିଦ୍ୟାଧର ସାହୁ, ସୁମନ୍ତ ସାହୁ, ମାନସ ନାୟକ, ରୋଶନ ରାହୁଲ, ଉମାକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ୧ ଓ ୨ ଟଙ୍କିଆ ମୁଦ୍ରା ନେଉନାହାନ୍ତି ଦୋକାନୀ

- ଖାଉଟି ହିନସ୍ତା
- ବ୍ୟାଙ୍କ ଖୁଚୁରା ନେବାକୁ ଅମଙ୍ଗ
- ଜିଲା ପ୍ରଶାସନ ହସ୍ତକ୍ଷେପ ଲୋଡା

ବିନିକା,୨୩।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରରୁ ଗାଁ ଯାଏ ଟଙ୍କିକିଆ ଓ ଦୁଇ ଟଙ୍କିଆ ଖୁଚୁରା ମୁଦ୍ରା ପ୍ରଚଳନ ଏକରକମ ବନ୍ଦ ହେବାରେ ଲାଗିଲାଣି। ସାଧାରଣ ଖାଉଟି ଖୁଚୁରା ନେଇ କୌଣସି ଜିନିଷ କିଣିବାକୁ ଗଲେ ଦୋକାନୀମାନେ ତାହା ନେବାକୁ ନାରାଜ ହେଉଛନ୍ତି। ଖୁଚୁରା ନ ନେବା ପାଇଁ ଦୋକାନୀମାନେ ବିଭିନ୍ନ ବାହାନା ଦେଖାଉଛନ୍ତି। ଅପରପକ୍ଷରେ ଏପରି ପରିସ୍ଥିତି ସୃଷ୍ଟି ହେବା ଜାଣିବା ପରେ ଯେଉଁମାନେ ନିଜ ପାଖରେ ୧ ଟଙ୍କିଆ ଓ ୨ଟଙ୍କିଆ ଖୁଚୁରା ମୁଦ୍ରା ଗଚ୍ଛିତ ରଖିଛନ୍ତି ସେମାନଙ୍କ ଚିନ୍ତା ବଢିଯାଇଛି। ଏବେ ଖୁଚୁରା ମୁଦ୍ରାରେ ଦୋକାନ ବଜାରରୁ କୌଣସି ସାମଗ୍ରୀ କିଣା ହୋଇ ପାରୁନାହିଁ ବୋଲି ଖାଉଟିମାନେ ଅଭିଯୋଗ କରୁଛନ୍ତି। ଦୋକାନୀମାନେ କହୁଛନ୍ତି ବ୍ୟାଙ୍କ ମୁଦ୍ରା ରାଶି ଗ୍ରହଣ କରୁନାହିଁ। ବ୍ୟାଙ୍କ ପକ୍ଷରୁ କୁହାଯାଉଛି ବ୍ୟାଙ୍କରେ ମୁଦ୍ରା ରାଶି ପରିମାଣ ଆଶା ଠାରୁ ଅଧିକ ଜମା ହେଉଛି । ଉଭୟ ପକ୍ଷଙ୍କ ଦୋଷ ଲଦାଲଦି ଯୋଗୁ ଏହି ମୁଦ୍ରା ପ୍ରଚଳନ ବିନିକା ଅଞ୍ଚଳରେ ଗତ କିଛି ଦିନ ହେବ ବନ୍ଦ ହୋଇଯାଇଛି। ରିର୍ଜଭ ବ୍ୟାଙ୍କ ପକ୍ଷରୁ ଏଯାଏଁ ୧ ଟଙ୍କିଆ ଓ ୨ ଟଙ୍କିଆ ମୁଦ୍ରା ପ୍ରଚଳନ ବନ୍ଦ ହେବା ନେଇ କୌଣସି ସୂଚନା ଜାରି ହୋଇ ନ ଥିବା ବେଳେ ଦୋକାନୀ ଓ ବ୍ୟାଙ୍କ ଏହି ମୁଦ୍ରା ଗ୍ରହଣ ନ କରିବା ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଉଛି। ଯଥାଶୀଘ୍ର ଜିଲା ପ୍ରଶାସନ ୧ ଟଙ୍କିଆ ୨ ଟଙ୍କିଆ ମୁଦ୍ରା ପ୍ରଚଳନ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଏନେଇ ସିଂଘିଯୁବା ଗ୍ରାମର ବ୍ରହ୍ମା ପାତ୍ର ନାମକ ଜଣେ ଦୋକାନୀ କହିଛନ୍ତି, ମୋ ପାଖେ ୨ ପ୍ୟାକେଟରୁ ଉର୍ଦ୍ଧ୍ୱ ୧ ଓ ୨ ଟଙ୍କିଆ ମୁଦ୍ରା ରହିଛି । ଗଚ୍ଛିତ ମୁଦ୍ରା ୧୦ ହଜାରରୁ ଉର୍ଦ୍ଧ୍ୱ ହେବ। ବ୍ୟାଙ୍କକୁ ଜମା କରିବାକୁ ଗଲେ ହେଉନାହିଁ। ସପ୍ତାହେ ଗଲେ ଜମା ହେବ କହି ମୁଦ୍ରା ଫେରାଇ ଦେଉଛନ୍ତି। ଏପରି ସ୍ଥଳେ ଗ୍ରାହକଙ୍କ ଠାରୁ ମୁଦ୍ରା ଗ୍ରହଣ କରିବାକୁ ଅସୁବିଧା ହେଉଛି। ବ୍ୟାଙ୍କ ମୁଦ୍ରା ରାଶିକୁ ବ୍ୟାଙ୍କ ଖାତାରେ ଜମା କଲେ ଅସୁବିଧା ହୁଅନ୍ତା ନାହିଁ ବୋଲି ସେ କହିଥିଲେ। ଏ ନେଇ ସିଂଘିଯୁବା ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ସୋମନାଥ ସେଠୀଙ୍କୁ ପଚାରିବାରେ ଖୁଚୁରା ଟଙ୍କିକିଆ ଓ ୨ ଟଙ୍କିଆ ମୁଦ୍ରା ରଖିବାରେ ଆମ ବ୍ୟାଙ୍କର ଅସୁବିଧା କିଛି ନାହିଁ। ଦୋକାନୀ ଓ ଖାଉଟିମାନେ ମଧ୍ୟ ବ୍ୟାଙ୍କ ଠାରୁ ଖୁଚୁରା ଗ୍ରହଣ କରିବା ଆବଶ୍ୟକ। ବ୍ୟାଙ୍କରେ ଯେତିକି ମୁଦ୍ରା ରହିବା କଥା ତାହା ଠାରୁ ଅଧିକ ମାତ୍ରାରେ ଗଚ୍ଛିତ ରହିଛି। ବ୍ୟାଙ୍କ ଗ୍ରାହକମାନଙ୍କୁ କମ୍ ପରିମାଣର ମୁଦ୍ରା ନେବାକୁ କହିଲେ ସେମାନେ ରାଜି ହେଉନାହାନ୍ତି। ଏକଦା ଦୋକାନୀ ଖୁଚୁରା ରାଶି ବ୍ୟାଙ୍କକୁ ଆଣି ଜମା କଲେ ମାତ୍ର ନେବାକୁ ନାରାଜ ହେଉଛନ୍ତି । ଟଙ୍କିକିଆ ଓ ଦୁଇ ଟଙ୍କିଆ ମୁଦ୍ରା ସମସ୍ତ କ୍ଷେତ୍ରରେ ଯଦି ଠିକ ହିସାବରେ ବିନିମୟ ହେବ ତାହେଲେ ସମସ୍ୟାର ସମାଧାନ ହୁଅନ୍ତା ବୋଲି କହିଥିଲେ।



ସିଂଘିଯୁବା ଗାଁର ଜଣେ ଦୋକାନୀଙ୍କ ନିକଟରେ ବହୁ ଦିନରୁ ଗଚ୍ଛିତ ଥିବା ଖୁଚୁରା ମୁଦ୍ରା ।

## ହିନ୍ଦୀ ପାଇଁ ତାମିଲ ସିନେମା ଛାଡ଼ିପାରିବିନି



ଚେନ୍ନାଇ: ମାତୃଭାଷା ତାମିଲ ସହ ହୃଦୟ ଏବଂ ଆତ୍ମା ବାନ୍ଧି ହୋଇଛି। ତେଣୁ ହିନ୍ଦୀ ଫିଲ୍ମ ପାଇଁ କେବେ ତାମିଲ ସିନେମା ଛାଡ଼ିପାରିବେ ନାହିଁ ବୋଲି କହିଛନ୍ତି ସୁପରଷ୍ଟାର ଧନୁଷ। ୨୦ ବର୍ଷର ଲମ୍ବା କ୍ୟାରିୟରରେ ସେ ୪୬ରୁ ଫିଲ୍ମ କରିଛନ୍ତି। ସେଥିରୁ ମାତ୍ର ୩ ଟି ହିନ୍ଦୀ ସିନେମା ରାଞ୍ଝଣା, ଶମିତାଭ ଏବଂ ଅତରଙ୍ଗୀ ରହିଛି। ନିକଟରେ ଅତରଙ୍ଗୀ ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି। ସର୍ବଦା ଭଲ କାହାଣୀ ଥିବା ଫିଲ୍ମକୁ ସେ ଅଗ୍ରାଧିକାରଦେଇଥାନ୍ତିବୋଲିଏକସାକ୍ଷାତକାରରେକହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଖବରକାଗଜ ହକରଙ୍କୁ ...

ହେଉଛନ୍ତି ଖବର କାଗଜ ଓ ପାଠକମାନଙ୍କ ମଧ୍ୟରେ ସେତୁ। ଖରା, ବର୍ଷା, ଶୀତ ସବୁ ସମୟରେ ଏପରି କି କୋଭିଡ୍ ମହାମାରୀ ସମୟରେ ମଧ୍ୟ ସେମାନେ ନିଜ ଦୁଃଖ କଷ୍ଟକୁ ଭୁଲି ପାଠକମାନଙ୍କୁ ଖବରକାଗଜ ଯୋଗାଇଛନ୍ତି। ଡିଜିଟାଲ ଯୁଗରେ ମଧ୍ୟ ଖବରକାଗଜର ଚାହିଦା କମି ନାହିଁ। କୋଭିଡ୍ ସହାୟତା ସହିତ ହକରମାନଙ୍କୁ ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡରେ ସାମିଲ କରାଯାଇ ସାହାଯ୍ୟ ପ୍ରଦାନ କରାଯିବ। ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ହକରମାନଙ୍କ ପାଇଁ ମଧ୍ୟ ସହାୟତା ବ୍ୟବସ୍ଥା କରାଯାଇଛି। ହକରମାନେ ସୁବିଧାରେ କାମ କରିବା ପାଇଁ ଜିଲାସ୍ତରରେ ୱାର୍କଶେଡ୍ ନିର୍ମାଣ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହା ନିର୍ମାଣ କରାଯିବ।ସୂଚନାଯୋଗ୍ୟ ଯେ ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଅକ୍ଷମତା ଯୋଗୁ ହକରମାନଙ୍କୁ ଦେଢ ଲକ୍ଷ ଟଙ୍କା, ଉଭୟ ଅଙ୍ଗ ହରାଇଥିବା ହକର ମାନଙ୍କୁ ୮୦ ହଜାର ଓ ଗୋଟିଏ ଅଙ୍ଗ ହରାଇଥିବା ହକରଙ୍କୁ ୪୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଲୋକସେବା ଭବନ କନଭେନ୍‌ଶନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନେକ ଜନକଲ୍ୟାଣ କାର୍ଯ୍ୟ କରି ଓଡ଼ିଶା ପ୍ରଗତିର ନୂଆ ଇତିହାସ ଲେଖିଛନ୍ତି। ଆର୍ଥିକ ଦୁରବସ୍ଥାର ସମ୍ମୁଖୀନ ହେଉଥିବା ହକରମାନେ ଏହାଦ୍ୱାରା ଉପକୃତ ହେବେ। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସାରା ଦେଶରେ ଅଭିନବ ଓ ଅନନ୍ୟ। କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଗୋବର୍ଦ୍ଧନ ଦାସ, କଟକରୁ ରତ୍ନାକର ପ୍ରଧାନ, ସମ୍ବଲପୁରରୁ କୃଷ୍ଣଚନ୍ଦ୍ର ନାଥ ଓ ବ୍ରହ୍ମପୁରରୁ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ହକର ସେମାନଙ୍କର ଅନୁଭବ ବ୍ୟକ୍ତ କରିଥିଲେ, ଆମେ ହକର ଭାଇମାନେ ଅନେକ ଅର୍ଥାଭାବର ସମ୍ମୁଖୀନ ହୋଇଛୁ। ମୁଖ୍ୟମନ୍ତ୍ରୀ ଆମ ଦୁଃଖ ବୁଝିଥିବାରୁ ଆମେ ହୃଦୟରୁ ତାଙ୍କୁ କୃତଜ୍ଞତା ଜଣାଉଛୁ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଜିଲାରେ ମନ୍ତ୍ରୀ, ବିଧାୟକଗଣ, ଜିଲାପାଳ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ହକରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ମିତ୍ତଲ ପ୍ରଥମ ...

ହେଉଛି। ତେବେ ଅନ୍ୟ କେହି ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ ନ କଲେ ମିତ୍ତଲ କମ୍ପାନୀ ନୀଳାଚଳ କାରଖାନାକୁ କିଣିବାକୁ ଏକ ନମ୍ବର ଯୋଗ୍ୟ ବିବେଚିତ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଯଦି ଉକ୍ତ ମୂଲ୍ୟାୟନରେ ସରକାର ରାଜି ନ ହୁଅନ୍ତି ପୁଣି ଟେଣ୍ଡର ପ୍ରକ୍ରିୟା ହୋଇପାରେ। ସୂଚନାଯୋଗ୍ୟ, ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ୍ ନିଗମ ଲିଃ ୨୦୦୦ରୁ ଉତ୍ପାଦନ ଆରମ୍ଭ କରିଥିଲା। ଏଥିପାଇଁ ୬୬୮ ପରିବାରକୁ ବିସ୍ଥାପିତ କରାଯାଇ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଥିଲା। ୨୦୨୦ ମାର୍ଚ୍ଚ ୩୦ରେ ଏହି କାରଖାନାର କୋକ୍ ଓଭେନ ଏବଂ ବାଏ ପ୍ରଡକ୍ଟ ପ୍ଲାଣ୍ଟକୁ ବନ୍ଦ କରି ଦିଆଯାଇଥିଲା। କାରଖାନା ବନ୍ଦ ହେବା ପରେ କଳିଙ୍ଗନଗର ଶ୍ରମିକ ସଂଘ, ନୀଳାଚଳ ବିସ୍ଥାପିତ ସଂଘ, କଳିଙ୍ଗନଗର ମଜଦୁର ୟୁନିୟନ ଓ ନୀଳାଚଳ ନିର୍ବାହୀ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଘେରାଉ, ଆନ୍ଦୋଳନ, ଧାରଣା ଚାଲିଥିଲା ।

# ୨୧୪ ଖବରକାଗଜ ବିତରକଙ୍କୁ କୋଭିଡ୍ ସହାୟତା



ବରଗଡ଼ ଓସୱାନ ହଲ ଭିଡ଼ିଓ କନଫେରେନ୍ସିଂରେ ଜିଲାପାଳ, ଖବରକାଗଜ ବିତରକ ଏବଂ ଅନ୍ୟ ଅଧିକାରୀବୃନ୍ଦ।

ବରଗଡ଼ ଅଫିସ୍,୨୩।୧୨

ଖବରକାଗଜ ବିତରକ (ହକର)ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କୋଭିଡ୍ ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ ବରଗଡ଼ ଜିଲାର ୨୧୪ଜଣ ପଞ୍ଜୀକୃତ ଖବରକାଗଜ ବିତରକ ଉପକୃତ ହୋଇଛନ୍ତି। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ପ୍ରତ୍ୟେକ ଖବରକାଗଜ ବିତରକଙ୍କ ଆକାଉଣ୍ଟକୁ ଡିଜିଟାଲ ମାଧ୍ୟମରେ ସିଧାସଳଖ ୬ହଜାର ଟଙ୍କା ଲେଖାଏଁ ଯାଇଛି। ଏହି ସହାୟତା ରାଶି ମିଳିବା ପରେ ଖବରକାଗଜ ବିତରକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସେହିପରି ଖବରକାଗଜ ବିତରକଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ସ୍ୱାଭାବିକ ମୃତ୍ୟୁରେ ୧ଲକ୍ଷ, ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁରେ ୨ଲକ୍ଷ ଏବଂ କୌଣସି ଅଙ୍ଗ ହରାଇଲେ ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରତ୍ୟେକ ଖବରକାଗଜ ବିତରକଙ୍କୁ ଆଗାମୀ ଦିନରେ ପରିଚୟପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି। ଏହି ଅବସରରେ ବରଗଡ଼ ଜିଲା ଓସୱାନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଜିଲା ଖବରକାଗଜ ବିତରକ ସଂଘ ସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଗଙ୍ଗାଧର କନ୍ଧେର, କୋଷାଧ୍ୟକ୍ଷ ଅଚ୍ୟୁତ ସର, ଉପଦେଷ୍ଟା ରମେଶ ଦାସ, ଦେବ ନାରାୟଣ ଦାଶ, ରାଜକୁମାର ବନଛୋର, ସୁଧାଂଶୁ ବାରିକ, ଯୋଗୀନ୍ଦ୍ର ସାହୁ, ସୁଶୀଲ ମହାନନ୍ଦଙ୍କ ସମେତ ୨୨ଜଣ ଖବରକାଗଜ ବିତରକ ଭିଡ଼ିଓ କନଫରେନ୍ସିଂରେ ଅଂଶଗ୍ରହଣ କରିଥିଲେ।

### ଗାଁ ରେ ପ୍ରଶାସନ କାର୍ଯ୍ୟକ୍ରମ

ବାଉଁଶୁଣୀ,୨୨।୧୨(ଡି.ଏନ.ଏ.)

ବୌଦ୍ଧ ବ୍ଲକ ତଳସରଡ଼ା ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ସଂଗ୍ରାମପୁର ପରିସରରେ ଜିଲା ପ୍ରଶାସନ ତରଫରୁ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପ ଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାରଙ୍କ ଉପସ୍ଥିତିରେ କନ୍ଧମାଳ ବିଧାୟକ ମହୀଧର ରଣା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବିନା ମୂଲ୍ୟରେ ଜାତିଗତ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ଅବସରରେ ବିଧାୟକ ରଣା ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟ ତଥା ଶିକ୍ଷାର୍ଥୀମାନଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିବର୍ଷ ଏଠାରେ ପ୍ରାୟ ୫୦୦ ଛାତ୍ରୀଛାତ୍ର ଙ୍କ ଉପସ୍ଥାନ ରହୁଥିବାରୁ ଶ୍ରେଣୀ କୋଠରିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀ, ବିଦ୍ୟାଳୟ କର୍ମଚାରୀ ଓ ମୋ ସ୍କୁଲ ଅଭିଯାନ କମିଟି ବିଧାୟକ ରଣାଙ୍କୁ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୧୧୨ ଖବରକାଗଜ ବିତରକଙ୍କୁ ମିଳିଲା କୋଭିଡ୍ ସହାୟତା

ସୋନପୁର,୨୩।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ୧୧୨ ଜଣ ଖବରକାଗଜ ବିତରକଙ୍କୁ ଗୁରୁବାର କୋଭିଡ ସହାୟତା ରାଶି ପ୍ରଦାନ କରାଯାଇଛି। ପଞ୍ଜୀକୃତ ହୋଇଥିବା ଖବରକାଗଜ ବିତରକଙ୍କ ଜମା ଖାତାରେ ୬ ହଜାର ଟଙ୍କା ଲେଖାଏ ଜମା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ହଲ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୀମିତ ସଂଖ୍ୟକ ଖବରକାଗଜ ବିତରକଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଓ ୨୦ ଜଣ ଖବରକାଗଜ ବିତରକ ଏହି ଅବସରରେ ଯୋଗଦାନ କରିଥିଲେ। ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକରଣ ପରେ ଖବରକାଗଜ ବିତରକମାନେ କୋଭିଡ ସହାୟତା ରାଶି ପାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।



ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ଡିଆଇପିଆରଓ ଓ ଖବରକାଗଜ ବିତରକ ବୃନ୍ଦ।

### ଶ୍ରୀ ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଉଲୁଣ୍ଡା,୨୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଙ୍ଘୋଲଠାରେ ଶ୍ରୀ ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୁତମେଣ୍ଡାକୁ ହରାଇ ରହେଲା ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଲିଗ ମ୍ୟାଚରେ କେଉଟିପାଲିକୁ ହରାଇ କୁତମେଣ୍ଡା ଏବଂ ଦ୍ୱିତୀୟ ମ୍ୟାଚରେ ଢୁଣ୍ଢୁପାଲିକୁ ହରାଇ ରହେଲା ଦଳ କ୍ୱାଟର ଫାଇନାଲରେ ପ୍ରବେଶ କରିଥିଲା। ସାମାଜିକ କର୍ମୀ ହୃଦାନନ୍ଦ ମେହେର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବରେ ଅମିତ ସାହୁ, ମନମୋହନ ମିଶ୍ର, ଅନିଲ ସାହୁ, ପ୍ରଦୀପ ଦେହେରୀ, ଉତର ମେଣ୍ଡଲୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଭାରତୀୟ ଟି-୨୦ ଦଳରେ ଓଡ଼ିଶାର ନକୁଳ

**ବାଂଲାଦେଶ ବିପକ୍ଷ ଦୃଷ୍ଟିହୀନ ଟି୨୦ ସିରିଜ**

ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୨୪ରୁ ୨୯ ପର୍ଯ୍ୟନ୍ତ ଭାରତ ଓ ବାଂଲାଦେଶ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦୃଷ୍ଟିହୀନ ଟି୨୦ ଓ ଦିନିକିଆ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ମ୍ୟାଚ ଗୁଡ଼ିକ ଭୋପାଳରେ ଖେଳାଯିବ। ଏହି ସିରିଜ ପାଇଁ ଗୁରୁବାର ୧୪ ଜଣିଆ ପୃଥକ ଭାରତୀୟ ଦଳ ଘୋଷିତ ହୋଇଛି। ଭାରତୀୟ ଟି୨୦ ଦଳରେ ଓଡ଼ିଶାର ନକୁଳ ବଡ଼ନାୟକ ସ୍ଥାନ ପାଇଛନ୍ତି। କର୍ଣ୍ଣାଟକର ସୁନୀଲ ରମେଶ ଅଧିନାୟକ ମନୋନୀତ ହୋଇଛନ୍ତି। ଭାରତୀୟ ଦଳ ଡିସେମ୍ବର ୨୪, ୨୫ ଓ ୨୬ ତାରିଖରେ ୩ଟି ଟି୨୦ ମ୍ୟାଚ ଖେଳିବ।

**ଭାରତୀୟ ଟି୨୦ ଦଳ:** ସୁନୀଲ ରମେଶ (ଅଧିନାୟକ), କଲ୍ଲେଶ ନିମ୍ବାଦକର, ଲଳିତ ମୀନା, ଏ. ଭେଙ୍କଟେଶ୍ୱର ରାଓ, ଓମ୍ ପ୍ରକାଶ, ପ୍ରବୀଣ କୁମାର ଶର୍ମା, ଡି.ଭେଙ୍କଟେଶ୍ୱର ରାଓ, ଏ. ମନୀଶ, ଇରଫାନ ଦିୱାନ, ନକୁଳ ବଡ଼ନାୟକ, ଦୀପକ ମଲିକ, ପ୍ରକାଶ ଜୟରମାୟା, ଦୁର୍ଗା ରାଓ, ବିଜୟ କୁମାର।





ନକୁଳ ବଡ଼ନାୟକ

# ସେମିରେ ଆରସିସି କଟକ

**୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ**

ଅମରପାଲି,୨୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କଠାରେ ହେଉଥିବା ୨୫ତମ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ପ୍ରଥମ କ୍ୱାଟର ଫାଇନାଲରେ ଏସଡିସିଏ ସୋନପୁରକୁ ହରାଇ ଆରସିସି କଟକ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ତିନୋଟି ଫର୍ମାଟରେ ହୋଇଥିଲା। ସୋନପୁର ଟସ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯.୫ ଓଭର ରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରିଥିଲା। ଦଳର ପୁରୁଷୋତ୍ତମ ପାତ୍ର ସର୍ବାଧିକ ୩୯ରନ କରିଥିବା ବେଳେ ବିପକ୍ଷ ସନ୍ତୋଷ ସେଠୀ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୧୯ ଓଭରରେ ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୬ ଉଇକେଟ ହରାଇ ୮୫ ରନ କରିଥିଲା। ଦଳର ଆକାଶ ପାତ୍ର ୨୮ରନ କରିଥିଲେ। ଜବାବରେ କଟକ ଦଳ ନିର୍ଦ୍ଧାରିତ ୭ ଓଭରରେ ୮ ଉଇକେଟ ହରାଇ ୩୬ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର ଓଭର ଖେଳ କରାଯାଇଥିଲା। ଏଥିରେ ସୋନପୁର ୮ରନ କରିଥିବା ବେଳେ କଟକ ୯ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଶିଷ୍ଟ ବ୍ୟବସାୟୀ କୁଶ କୁମାର ସାହୁ ଓ ସ୍ୱେଚ୍ଛାସେବୀ ସୂର୍ଯ୍ୟ ନନ୍ଦ ଅତିଥି ଭାବେ ଯୋଗଦେଇ କଟକର ସନ୍ତୋଷ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

### ୩୦ ଲିଟର ମଦ ଜବତ

ଡୁଙ୍ଗୁରିପାଲି,୨୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଚିନାପୁରି ପଞ୍ଚାୟତ ତିତେରକୁଣ୍ଟ ଗାଁରେ ଗୁରୁବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମନ କୁଦେଇଙ୍କ ଠାରୁ ୧୪ ଲିଟର ଓ କିଶୋର ବେହେରାଙ୍କ ଠାରୁ ୧୬ ଲିଟର ମଦ ଜବତ କରାଯାଇଛି। ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଜିଲା ମୋବାଇଲ ଟିମ୍ ଓ ବିନିକା ଅବକାରୀ ଅଧିକାରୀ ଗୋବର୍ଦ୍ଧନ ରଣା,ଏଏସଆଇ କୀର୍ତ୍ତନ ନାଏକ, ବିନ୍ଦୁ ସାହୁ, ପ୍ରଶାନ୍ତ ପରିଡା, ମମତା ବାଗ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଡୁଙ୍ଗୁରିପାଲି ଅଞ୍ଚଳରେ ଚୋରା ମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ମଦ କାରବାର ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

# କ୍ରିକେଟ ଟୁର୍ନାମେଣ୍ଟ: ଠେଙ୍ଗୋ ଡ୍ୟାମ୍ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଅମରପାଲି,୨୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ବରଘାଟ ଦାଦରରେ ଚାଲିଥିବା ବୀର ବଜରଙ୍ଗ ଗ୍ରାମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବରଘାଟକୁ ହରାଇ ଠେଙ୍ଗୋ ଡ୍ୟାମ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ଟସ୍ ଜିଣି ବରଘାଟ ଦଳ ୧୦ ଓଭରରେ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ଠେଙ୍ଗୋ ଡ୍ୟାମ ୭.୨ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ବରଘାଟ ଦଳ ବିଜୟୀ ହୋଇଥିଲା। ନିର୍ଣ୍ଣାୟକ ମ୍ୟାଚରେ ଠେଙ୍ଗୋ ଡ୍ୟାମ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅଶୋକ ଖେତିଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ରଞ୍ଜିତ କୁମାର କ୍ଷେତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସମାଜିକ କର୍ମୀ ପ୍ରେମାନନ୍ଦ ନାଏକ, ଲମ୍ବୋଦର ମହାକୁର ୱାର୍ଡସଭ୍ୟ ପ୍ରଫୁଲ୍ଲ ଝାଙ୍କର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଠେଙ୍ଗୋ ଡ୍ୟାମର ଭରତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ, ପିଣ୍ଟୁଙ୍କୁ ଶ୍ରେଷ୍ଠ ବୋଲର ଭାବରେ ପୁରସ୍କୃତ କରାଯାଇଥିଲା। ପିଣ୍ଟୁ ଓ ସୁଶୀଲ ଖେଳ ପରିଚାଳନା କରିଥିବାବେଳେ ଟିମନ ଓ ଶାନ୍ତନୁ ସ୍କୋରିଂ କରିଥିଲେ। ଅଶୋକ ଖେତି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବାରାଣସୀରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମୋଦି

**ବାରାଣସୀ, ୨୩।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୦ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ



ନିଜ ନିର୍ବାଚନ ମଣ୍ଡଳୀ ଉତ୍ତରପ୍ରଦେଶର ବାରାଣସୀ ଗସ୍ତରେ ଯାଇ ଗୁରୁବାର ୨୭ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ଜନସଭାକୁ ସମ୍ବୋଧିତ କରି ସେ ବିରୋଧୀଙ୍କ ଉପରେ ବର୍ଷିଥିଲେ। ମାଫିଆବାଦ ଓ ପରିବାରବାଦ ବିରୋଧୀଙ୍କ ଡିକ୍ସନାରିର ଶବ୍ଦ, ଆମ ପାଇଁ 'ସବ୍‌କା ସାଥ ସବ୍‌କା ବିକାଶ' ମନ୍ତ୍ର ବୋଲି ମୋଦି କହିଛନ୍ତି। ବାରାଣସୀସ୍ଥିତ ରାଜ୍ୟ ଶିଳ୍ପ ବିକାଶ କର୍ତ୍ତୃପକ୍ଷ ଫୁଡ୍‌ପାର୍କଠାରେ ବନସ ଡାଏରି ସଙ୍କୁଳର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଏହି ଡାଏରି ସହ ସମ୍ପୃକ୍ତ ୧.୭ ଲକ୍ଷ ଦୁଗ୍ଧଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩୫ କୋଟି ଟଙ୍କା ବୋନସ ପଠାଯାଇଛି। ସେହିପରି ରାମନଗର ଦୁଗ୍ଧ ଚାଷୀ ସମବାୟ ୟୁନିୟନ ପ୍ଲାଣ୍ଟରେ ବାୟୋଗ୍ୟାସ୍ ଭିତ୍ତିକ ବିଦ୍ୟୁତ୍ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ କେତେକ ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।

### ଦ୍ୱିତୀୟ କୋଭିଡ୍ ଔଷଧକୁ ଏଫ୍‌ଡିଏ ମଞ୍ଜୁରୀ

**ୱାଶିଂଟନ, ୨୩।୧୨:** ମେର୍କ କମ୍ପାନୀର କୋଭିଡ୍ ଔଷଧକୁ ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛି। କରୋନା ମହାମାରୀର ଚିକିତ୍ସା ପାଇଁ ଏହା ଦ୍ୱିତୀୟ ପିଲ୍। ପୂର୍ବରୁ ଫାଇଜର ପ୍ରସ୍ତୁତ ଔଷଧକୁ ଏଫ୍‌ଡିଏ ମଞ୍ଜୁରୀ ମିଳିଥିଲା। ମେର୍କ ପ୍ରସ୍ତୁତ କୋଭିଡ୍ ଔଷଧ ଆମେରିକା ଏବଂ କାନାଡା ବାହାରେ ଏମ୍‌ଏସ୍‌ଡି ଭାବେ ପରିଚିତ। କୋଭିଡ୍ ଲକ୍ଷଣ ଦେଖାଦେବାର ୫ ଦିନ ମଧ୍ୟରେ ଉକ୍ତ ଔଷଧ ସେବନ କଲେ ହସ୍ପିଟାଲରେ ଭର୍ତ୍ତି ହେବା ଓ ମୃତ୍ୟୁ ଆଶଙ୍କାକୁ ୩୦ ପ୍ରତିଶତ ହ୍ରାସ କରିପାରିବ। ତେବେ ୧୮ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ଏହି ଔଷଧକୁ ଅନୁମତି ମିଳିନାହିଁ।

# କୋଭିଡ୍ ଟିକାକରଣ ବଢ଼ାଅ

**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**

### ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ



କରୋନା ଭୂତାଣୁର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଭାରତରେ ବଢ଼ିବାରେ ଲାଗିଛି। ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ଲାଗି ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ କୋଭିଡ୍ ଟିକାକରଣ ବଢ଼ାଇବା ପାଇଁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଗୋଆ ଆଦି ରାଜ୍ୟରେ ଆସନ୍ତାବର୍ଷ ଆରମ୍ଭରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେଠାରୁ ପ୍ରଚାର ପୂରା ଦମ୍‌ରେ ଆରମ୍ଭ ହୋଇଗଲାଣି। ବିଭିନ୍ନ ସ୍ଥାନରେ ହେଉଥିବା ରାଲିରେ ହଜାର ହଜାର ଲୋକଙ୍କ ସମାବେଶ ହେଉଛି। ଏହ ସମାବେଶଗୁଡ଼ିକ କରୋନା ଭୂତାଣୁ ସଂକ୍ରମଣ ହଟ୍‌ସ୍ପଟ୍ ପାଲଟିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ଟିକାକରଣ ବଢ଼ାଇବା ସହ ଅଧିକ ସତର୍କତା ଅବଲମ୍ବନ କରିବା ଲାଗି କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଖ୍ରୀଷ୍ଟମାସ୍ ଏବଂ ନୂଆବର୍ଷ ପୂର୍ବରୁ ସ୍ଥାନୀୟ ସ୍ତରରେ କଟକଣା ଲଗାଇବା ସମ୍ପର୍କରେ ବିଚାର କରିବା ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି। କୋଭିଡ୍ ଏବଂ ଓମିକ୍ରନ୍ ସଂକ୍ରମଣର ମୁକାବିଲା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟଗୁଡ଼ିକର ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ସମୀକ୍ଷା କରିବା ସହ ଟିକାକରଣ ଅଗ୍ରଗତି ସମ୍ପର୍କରେ ବୁଝିଥିଲେ। ରାଜ୍ୟଗୁଡ଼ିକ କୋଭିଡ୍ ମୁକାବିଲା ଉଦ୍ୟମରୁ ଓହରି ନ ଯାଇ ପ୍ରସ୍ତୁତ ହୋଇ ରହିବାକୁ ଭୂଷଣ ପରାମର୍ଶ ଦେଇଛନ୍ତି।

# 'ଶାରୀରିକ ସମ୍ପର୍କ ରଖି ବିବାହ ପାଇଁ ମନା କରିବା ଠକେଇ ନୁହେଁ'

**ମୁମ୍ବାଇ, ୨୩।୧୨**

### ୨୫ ବର୍ଷ ପରେ ଅଭିଯୁକ୍ତ ଦୋଷମୁକ୍ତ

ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିବା ଠକେଇ ନୁହେଁ ବୋଲି ବମ୍ବେ ହାଇକୋର୍ଟ ଏକ ମାମଲାର ଶୁଣାଣିବେଳେ କହିଛନ୍ତି। ଏଥିସହ ବିବାହ ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିଥିବା ଜଣେ ବ୍ୟକ୍ତିଙ୍କ ଦଣ୍ଡକୁ ରଦ୍ଦ କରିଛନ୍ତି। ମାମଲା ଅନୁଯାୟୀ, ୧୯୯୬ରେ ଜଣେ ମହିଳା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ସେ ବାହାହେବାକୁ ମନା କରିଥିଲେ ବୋଲି ମହିଳା ଜଣକ ଅଭିଯୋଗରେ ଦର୍ଶାଇଥିଲେ। ବଳାତ୍କାର ଓ ଠକେଇ ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୩ ବର୍ଷର ଟ୍ରାଏଲ ପରେ ଅଭିଯୁକ୍ତଙ୍କୁ ବଳାତ୍କାର ମାମଲାରୁ ଦୋଷମୁକ୍ତ କରାଯାଇଥିଲା। କିନ୍ତୁ ଠକେଇ ମାମଲାରେ ତାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ହୋଇଥିଲା। ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଦଣ୍ଡାଦେଶକୁ ଖାରଜ କରି ଜଷ୍ଟିସ୍ ଅନୁଜା ପ୍ରଭୁଦେଶାଇ କହିଥିଲେ, ମହିଳା ଜଣକ ଠକାମିର ଶିକାର ହୋଇ କିମ୍ବା ଭ୍ରମରେ ପଡ଼ି ଶାରୀରିକ ସମ୍ପର୍କ ରଖିଥିବାର କୌଣସି ପ୍ରମାଣ ନାହିଁ। ଟ୍ରାଏଲରୁ ଏହା ଜଣାପଡ଼ିଛି ଯେ, ଅଭିଯୁକ୍ତ ଏବଂ ସମ୍ପୃକ୍ତା ମହିଳା ପରସ୍ପରକୁ ଜାଣିଥିଲେ। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ଏବଂ ୩ ବର୍ଷ ଧରି ଉଭୟେ ଶାରୀରିକ ସମ୍ପର୍କ ରଖିଥିଲେ। ଆରମ୍ଭରୁ ସମ୍ପୃକ୍ତ ବ୍ୟକ୍ତିଙ୍କର ବିବାହ ପାଇଁ ଉଦ୍ଦେଶ୍ୟ ନ ଥିବାର ମଧ୍ୟ ପ୍ରମାଣ ନ ଥିବା କହି କୋର୍ଟ ତଳ ଅଦାଲତଙ୍କ ରାୟକୁ ରଦ୍ଦ କରିଥିଲେ।

DSPL-344

## ଜାତୀୟ ଉପଭୋକ୍ତା ଦିବସ-୨୦୨୧
## ବାର୍ତ୍ତା



ଡିସେମ୍ବର ୨୪ ତାରିଖ ଜାତୀୟ ଉପଭୋକ୍ତା ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ଲକ୍ଷ୍ୟ ।

ଉପଭୋକ୍ତା ସୁରକ୍ଷା ଆଇନ୍ ୧୯୮୬ ଅନୁଯାୟୀ ଉପଭୋକ୍ତାମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା । ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ଓ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ନ୍ୟାୟ ପ୍ରଦାନ କରାଯାଉଥିଲା ।

ସମ୍ପ୍ରତି ପୂର୍ବ ଆଇନ୍‌କୁ ଅଧିକ କ୍ରିୟାଶୀଳ ଓ ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଉପଭୋକ୍ତା ସୁରକ୍ଷା ଆଇନ୍ ୨୦୧୯ ପ୍ରବର୍ତ୍ତନ କରାଯାଇଅଛି । ଏହି ନୂତନ ଆଇନ୍‌କୁ ଭିତ୍ତିକରି ରାଜ୍ୟର ଉପଭୋକ୍ତାମାନଙ୍କୁ ସମୁଚିତ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ନୂତନ ଉପଭୋକ୍ତା ସୁରକ୍ଷା ନିୟମାବଳୀ,୨୦୨୧ ପ୍ରଣୟନ କରିଛନ୍ତି ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଉପଭୋକ୍ତା ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର : ୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ ଦିବସରେ କାର୍ଯ୍ୟ କରୁଛି । ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଗୋଟିଏ ଲେଖାଏଁ ଉପଭୋକ୍ତା ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡିକ ଅଧିକ ସଂଖ୍ୟାରେ ଉପଭୋକ୍ତାମାନଙ୍କ ସ୍ୱାର୍ଥର ସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ରଣେନ୍ଦ୍ର ପ୍ରତାପ ସ୍ୱାଇଁ )

OIPR-07001/13/0020/2122

DSPL-345

ଓଡ଼ିଶା ସରକାର

# ୧ ଲକ୍ଷ ୧ ହଜାର ପଥପାର୍ଶ୍ୱ ବିକାଳୀଙ୍କ ପାଇଁ ୩ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର କୋଭିଡ୍ ସହାୟତା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଶୁଭାରମ୍ଭ
୨୪ ଡିସେମ୍ବର ୨୦୨୧







ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ

OIPR-13001/13/0020/2122

# ଜୟପୁର ପିଙ୍କ୍‌କୁ ହରାଇଲା ଗୁଜରାଟ ଜିଆଣ୍ଟ୍ସ

**ପ୍ରୋ-କବାଡ଼ି ଲିଗ୍**

ବେଙ୍ଗାଲୁରୁ, ୨୩।୧୨ (ପି.ଟି.)

ପ୍ରୋ-କବାଡ଼ି ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ଜିଆଣ୍ଟ୍ସ ୩୪-୨୭ ପଏଣ୍ଟ ବ୍ୟବଧାନରେ ଜୟପୁର ପିଙ୍କ୍ ପାନ୍ଥର୍ସଙ୍କୁ ପରାସ୍ତ କରିଛି। ୭ ଟ୍ୟାକଲ ପଏଣ୍ଟ ସ୍କୋର କରିଥିବା ଗିରିଶ ମାରୁତି ଏର୍ନାକ୍ ଏବଂ ଟିମ୍‌ମେଟ ପରଭେଶ ଭେନ୍ସୱାଲ (୪ ରେଡ୍ ପଏଣ୍ଟ)ଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଗୁରଜାଟ ଏହାର ଓପନିଂ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଗୁଜରାଟ ଦଳର ଡିଫେନ୍ସ ସୁଦୃଢ ଥିବାବେଳେ ଜୟପୁର ରେଡ୍ କରିବା ଶକ୍ତି ଦୁର୍ବଳ ପରିଲକ୍ଷିତ ହୋଇଥିଲା। ତେବେ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିବାରୁ ଦଳ ପରାଜୟକୁ ସକାରାତ୍ମକ ଦୃଷ୍ଟିରେ ଦେଖିବ।

# ଭାରତଠାରୁ ହାରିଲା ୟୁଏଇ

**ଦୁବାଇ, ୨୩।୧୨ (ପି.ଟି.):** ହାର୍ନୁର ସିଂଙ୍କ ଆକର୍ଷଣୀୟ ଶତକ ଏବଂ ଭାରତୀୟ ବୋଲରଙ୍କ ଚମତ୍କାର ବୋଲିଂ ଯୋଗୁ ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଏହାର ଓପନିଂ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୧୫୪ ରନରେ ପରାସ୍ତ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୮୨ରନ କରିଥିଲା। ହାର୍ନୁର ୧୩୦ ବଲ୍‌ରୁ ୧୨୦ରନ କରିଥିଲେ। ୟାଶ୍ ଚୋପ୍ରା ୬୮ ବଲ୍‌ରୁ ୬୩ ରନ ଏବଂ ରାଜବର୍ଦ୍ଧନ ହାଙ୍ଗର୍ଗକର ୨୩ ବଲ୍‌ରୁ ୪୮ ରନ କରିଥିଲେ। ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଭାରତୀୟ ବ୍ୟାଟିଂରେ ଅଙ୍କୁଶ ଲଗାଇବା ଲାଗି ୟୁଏଇ ୯ ବୋଲରଙ୍କୁ ବ୍ୟବହାର କରି ଅସଫଳ ରହିଥିଲା। ଘରୋଇ ଦଳର ବ୍ୟାଟରମାନେ ଭାରତୀୟ ବୋଲିଂ ଲାଇନ୍ ଅପ୍‌ର ସାମ୍ନା କରି ନ ପାରି ୩୪.୩ ଓଭରରେ ମାତ୍ର ୧୨୮ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲେ। ଭାରତ ତରଫରୁ ହାଙ୍ଗର୍ଗକର ୩ଟି ଉଇକେଟ ନେଇଥିବା ବେଳେ ଗର୍ଭ ସାଙ୍ଗୱାନ, ଭିକି ଓସ୍ୱାଲ ଓ କୁଶାଲ ଟାମ୍ବଲେ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଶନିବାର ଏହାର ପରବର୍ତ୍ତିମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ। ଗୁରୁବାର ଖେଳାଯାଇଥିବା ଅନ୍ୟମ୍ୟାଚଗୁଡ଼ିକ ମଧ୍ୟରେ ପାକିସ୍ତାନ ୪ ଉଇକେଟରେ ଆଫଗାନିସ୍ତାନକୁ ଏବଂ ଶ୍ରୀଲଙ୍କା ୨୭୪ ରନରେ କୁଏତ୍‌କୁ ପରାସ୍ତ କରିଛି। ଆସନ୍ତା ମାସରେ ୱେଷ୍ଟଇଣ୍ଡିଜରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ପୂର୍ବରୁ ଏହି ଟୁର୍ନାମେଣ୍ଟ ଖେଳାଯାଉଛି।











For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

ଅଥରାଇଜ୍ଡ ଡିଲର: ବରଗଡ଼: ଆକାଶ ହୀରୋ - 7799766396. ଭବାନୀପାଟନା : ଅରୁନ୍ଧତୀ ହୀରୋ - 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ - 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ - 7799766368. ରାଉରକେଲା: ଦୁଆ ହୀରୋ - 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ - 7799766356. ସୋନପୁର: ଜୟ ଜଗ୍ୱାନ ହୀରୋ - 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ - 8448183659. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହୀରୋ - 9938274720. ବରପାଲି: ଦୁର୍ଗା ମୋଟର୍ସ- 9861265979. ବେଲପାହାଡ଼: ବର୍ଷା ମୋଟର୍ସ - 9437058417. ବୌଧ: ବନ୍ସଲ ଅଟୋ - 9437062948. ବ୍ରଜରାଜନଗର: ବୀନା ମୋଟର୍ସ - 9861078290. ଦେବଗଡ଼ : ଜିନାଲ ମୋଟର୍ସ - 9437056659. ଗୁନାଗଡ଼: ଶ୍ରୀ ବିମଳା ମୋଟର୍ସ - 7008407979. କାନ୍ତାବାନଜି: ଆଶୀର୍ବାଦ ମୋଟର୍ସ - 9937535770. ନୂଆପଡ଼ା: ମାରୁତି ଅଟୋ - 9937928818, 7381199999. ପଦ୍ମପୁର: ଦେବେଶ ମୋଟର୍ସ - 9437253970. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କନ୍ଧାଇନ - 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ - 9437152881. ସୁନ୍ଦରଗଡ଼: ଯମୁନା ମୋଟର୍ସ - 9861078290. ଟିଟିଲାଗଡ଼: ସ୍ନେହା ମୋଟର୍ସ - 9437570237.

## ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବନିର୍ମିତ ଅମୃତଧାରା ପ୍ରକଳ୍ପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ପ୍ରକଳ୍ପର ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି ଡାକ୍ତରଖାନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଆଗଲପୁର ପଞ୍ଚାୟତ ସମିତ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚଦଶ କମିଶନ ପାଣ୍ଠି ୩ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଛି। ବିପିଓ ପ୍ରବୀର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର, ଷ୍ଟାଫ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ହକର୍‌ମାନଙ୍କୁ ସାଇକେଲ ପ୍ରଦାନ କରିବେ ବିଧାୟକ

ନୂଆପଡ଼ା ଅଫିସ,୨୩।୧୨: ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଖବର କାଗଜ ବିତରକଙ୍କୁ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରିବା ଘୋଷଣା କରିଛନ୍ତି। ଏହିକ୍ରମରେ ଗୁରବାର ଆଭାଷୀ ମାଧ୍ୟମରେ ଖବରବିତରକମାନଙ୍କ ସହିତ ଆଲୋଚନା କରିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ କୋଭିଡ୍ ସହାୟତା ରାଶି ୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିନିମିତ ନୂଆପଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ମଧ୍ୟ ଏକ ଘୋଷଣା କରିଛନ୍ତି। ଜିଲାର ସମସ୍ତ ଖବରକାଗଜ ବିତରକମାନଙ୍କୁ ଆସନ୍ତା ୩ ତାରିଖରେ ଗୋଟିଏ ସାଇକେଲ ଓ ବ୍ୟାଗ ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ, ବିଧାୟକ ଢୋଲକିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ବରିଷ୍ଠ ସହାୟକ ବିଭୁଦତ ମିଶ୍ର, ରାଜେଶ କୁମାର ବହିଦାର ଓ ଜିଲାର ଅନେକ ଖବରକାଗଜ ବିତରକମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସାମାଜିକ ସୁରକ୍ଷା ସହାୟତା ଘୋଷଣା ଓ ବିଧାୟକଙ୍କ ସାଇକେଲ ପ୍ରଦାନ ଘୋଷଣାକୁ ଜିଲାର ସମସ୍ତ ଖବରକାଗଜ ବିତରକମାନେ ପ୍ରଶଂସା କରିଛନ୍ତି।

### କଲ୍ୟାଣ ମଣ୍ଡପର ଶିଳାନ୍ୟାସ

ଦେଓଗାଁ,୨୩।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବାହାଲ, ଗୁଡଖାପଲା ଓ ଅର୍ଜୁନପୁର ପଞ୍ଚାୟତରେ ଗୁରୁବାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କରିଛନ୍ତି ବ୍ଲକ ଅଧକ୍ଷା ରୀନା ମେହେର। ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ଅଧକ୍ଷା ମେହେର ପ୍ରଥମେ ବଡବାହାଲ ଓ ଖଗସୀକନାଠାରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ଯାସ କରିଥିଲେ। ପରେ ଅର୍ଜୁନପୁର ହାଇସ୍କୁଲରେ ୧୩ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଅଡିଟରିୟମ ହଲର ଶୁଭ ଉଦ୍‌ଘାଟନ କରାଯାଇଥିଲା। ସମ୍ମାନୀତ ଅତିଥିଭାବେ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର ସାହୁ, ବଡବାହାଲ ସରପଞ୍ଚ ଜୟ ରଣା, ସମିତି ସଭ୍ୟା ଯାଜ୍ଞସେନୀ ରଣା, ଗୁଡଖାପଲା ସରପଞ୍ଚ ପ୍ରିତି ବିଶ୍ୱାଳ, ସମିତି ସଭ୍ୟ ପବିତ୍ର ସୁନା, ଅର୍ଜୁନପୁର ସରପଞ୍ଚ ଭଗବତୀ ନାଗ ପ୍ରମୁଖ ଯୋଗଦେଇଥିଲେ ।

### ବାରପାହାଡ ଫୁଟବଲ: ସେମିରେ ଲୋଇସିଂହା

ଲୋଇସିଂହା,୨୩।୧୨(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରା ଖେଳ ପଡିଆରେ ଚାଲିଥିବା ବାରପାହାଡ କପ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ପଞ୍ଚମ ଦିବସ। ଏଡିଦିନ ବି ଗ୍ରୁପର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଝାରବନ୍ଧଲି ଓ ଏଭିଏଫଏ ଲୋଇସିଂହା ମଧ୍ୟରେ ହୋଇଥିଲା। ଏଥିରେ ୨-୦ଗୋଲରେ ଲୋଇସିଂହା ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ବୁଧବାର ବକଟୀ ଓ ମନହୀରା ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ୧-୦ ଗୋଲରେ ମନହୀରା ବିଜୟୀ ହୋଇଥିଲା। ଶୁକ୍ରବାର ମନହୀରା ଓ ଲୋଇସିଂହା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

### ପୋଲିସର ଜନ ସମ୍ପର୍କ ଶିବିର

କଣ୍ଟାବାଞ୍ଜି,୨୨।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ଥାନା ମହଖଣ୍ଡ ପଞ୍ଚାୟତ ସଦର ଗ୍ରାମରେ ପୋଲିସର ଜନ ସମ୍ପର୍କ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିକଟସ୍ଥ ହାଇସ୍କୁଲ ଖେଳ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବିଜୟୀ ମହଖଣ୍ଡ ଓ ରନର୍ସ ଅପ ଭରୁଆକାନୀ ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶୀଦାର ଟିମକୁ ଖେଳ ସାମଗ୍ରୀ, ଜର୍ସି ଦେଇ ପୁରସ୍କୃତ କରାଯାଇଥିଲା। ସେଠାରେ ଉପସ୍ଥିତ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର, ଛତା, ମଶାରୀ, ସ୍କୁଲ ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ, ବ୍ୟାଗ, ବହିଖାତା, ପାଣି ବୋତଲ ପ୍ରଦାନ କରାଯାଇଥିଲା। ଏହି ଅବସରରେ କଣ୍ଟାବାଞ୍ଜି ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ତୁରେକେଲା ଥାନା ଆଇଆଇସି ପ୍ରଣୟ ମୁର୍ମୁ, ସବ ଇନ୍ସପେକ୍ଟର ଦୀପକ ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ଶିବିରରେ ମହଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।

# ଜଳ ଶକ୍ତି ଓ ଜଳ ଜୀବନ ମିଶନ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୩।୧୨

ନୂଆପଡା ଜିଲା ଖଡିଆଳ ବ୍ଲକ କେନ୍ଦୁପାଟି ପଞ୍ଚାୟତ କେନ୍ଦୁଗୁଡା ଗାଁରେ ଜଳଶକ୍ତି ଅଭିଯାନ ଓ ଜଳ ଜୀବନ ମିଶନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ଜନସମ୍ପର୍କ ବ୍ୟୁରୋ ଅଧିକାରୀ ବିଷ୍ଣୁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରଘୁନାଥ ମିଶ୍ର, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଦେବି ପ୍ରସାଦ ତାଣ୍ଡି, କେନ୍ଦୁପାଟି ସରପଞ୍ଚ ଉର୍ବଷୀ ପୋଡ, ୟୁନିସେଫ ଜିଲା ପରାମର୍ଶଦାତା ମହେନ୍ଦ୍ର କୁମାର ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯେକୌଣସି ସ୍ଥାନ ବା ସମୟରେ ବିଭିନ୍ନ ଉପାୟରେ ବର୍ଷାଜଳ ସଂରକ୍ଷଣକୁ ସୁନିଚିତ କରିବା, ସବୁ ସମୟରେ ସର୍ବଦା ଜଳ ମିଳିବା ଆବଶ୍ୟକତା ଏବଂ ପାଇପ ଯୋଗେ ଜଳ ଯୋଗାଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ପ୍ରାରମ୍ଭରେ ଏକ ସଚେତନତା ସୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। ଜଳ ଜୀବନ ମିଶନ ସମ୍ପର୍କରେ ବକ୍ତୃତା, କୁଇଜ୍, ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦୁଗୁଡାର ବନଦୁର୍ଗା ଘୁମୁରା କଳାକାରମାନଙ୍କ ଦ୍ୱାରା ଜଳ ଓ ପରିମଳ ବିଷୟ ବସ୍ତୁ ଉପରେ ଆଧାରିତ ଘୁମୁରା ନାଚ ଓ ଗୀତ ପରିବେଷଣ କରାଯାଇଥିଲା। ଜଳ ସଂରକ୍ଷଣ ତଥା ପ୍ରତ୍ୟେକ ଗାଁକୁ ସୁଜଳ ଓ ସ୍ୱଛ ଗାଁ ଗଠନ କରିବା ପାଇଁ ୨୦୨୪ ସୁଦ୍ଧା ଘରୋଇ ପାଇପ ଲାଇନ ସଂଯୋଗ ମାଧ୍ୟମରେ ପ୍ରତ୍ୟେକ ଘରଙ୍କୁ ସ୍ୱଚ୍ଛ ପାଣି ଯୋଗାଣ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ କ୍ଷେତ୍ର ଜନ ସମ୍ପର୍କ ବ୍ୟୁରୋ ଭବାନୀପାଟଣା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୩।୧୨(ସ୍ୱ.ପ୍ର.)

### ଚୋରା ଗଞ୍ଜେଇ ଚାଲାଣ ମାମଲା

ଗୁରୁବାର ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ବୌଦ୍ଧ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୮।୩।୧୯ ମସିହାରେ କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ କନ୍ଧମାଳ ଥାନାର ମାତାକୁପା ଘାଟି ଉପରେ ତନଖି କାର୍ଯ୍ୟ କରାଯାଉଥିଲା। ଏହି ସମୟରେ ଉକ୍ତ ଘାଟି ରାସ୍ତାର ବୁଢାଖୋଲ ଛକ ନିକଟରେ ଏକ ମୋଟର ସାଇକେଲକୁ ଅବକାରୀ କର୍ମଚାରୀମାନେ ସନ୍ଦେହରେ ଅଟକାଇ ଥିଲେ । କାରଣ ଉକ୍ତ ମୋଟର ସାଇକେଲ ପଛପଟେ ଏକ ଜରି ବସ୍ତା ବନ୍ଧା ହୋଇଥିଲା। ବିଭାଗୀୟ କର୍ମଚାରୀମାନେ ଉକ୍ତ ଜରି ବସ୍ତାରୁ ୯୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଗାଡିକୁ ଜବତ କରିଥିଲେ। ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଭାସ୍କର ସାହୁ (୬୦)ଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟ ପଠାଇଥିଲେ। ଉକ୍ତ ମାମଲା ବୌଦ୍ଧ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ କେସ ନଂ ୨ଏ (ସିସି) ୩/୧୯ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲା ଦୌରାଜଜ୍ ପ୍ରଧାନ ଅଭିଯୁକ୍ତ ଭାସ୍କରଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ ।

# ହକରଙ୍କୁ ମିଳିଲା ସ୍ୱତନ୍ତ୍ର କୋଭିଡ୍ ସହାୟତା

ଭବାନୀପାଟଣା,୨୩।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଓସୱାନ କେନ୍ଦ୍ରରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧମରେ ହକରମାନଙ୍କୁ ସତନ୍ତ୍ର କୋଭିଡ୍ ସହାୟତା ରାଶି ଶୁଭାରମ୍ଭ କରିଛନ୍ତି। ଜିଲାପାଳ ଡ଼. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ୨୦ଜଣ ହକର୍ ଯୋଡି ହେଇଥିଲେ। ଭର୍ଚୁଆଲ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକ, ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ମୋଟ ୮୭ଜଣ ହକର ଏହି ୬୦୦୦ଟଙ୍କା ସହାୟତା ରାଶି ସହ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ ସୁବିଧା ପାଇପାରିବେ। ଏହା ବ୍ୟତୀତ ହକରମାନେ ଦୁର୍ଘଟଣାରେ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କା, ପ୍ରାକୃତିକ ମୃତ୍ୟୁରେ ୧ ଲକ୍ଷ, ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଅକ୍ଷମ ହେଲେ ୧.୫ ଲକ୍ଷ ଏଭଳି ଅନେକ ସୁବିଧା ତାଙ୍କ ପରିବାରଙ୍କୁ ଦିଆଯିବ। କାର୍ଯ୍ୟକ୍ରମରେ ଉପସ୍ଥିତ ଖବରକାଗଜ ବିତରକମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ସହାୟତା ରାଶିକୁ ପ୍ରଶଂସା କରିଥିଲେ।


ଭର୍ଚୁଆଲ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ହକରମାନେ।

### ଭର୍ଚୁଆଲରେ ଯୋଡ଼ିହେଲେ ଜିଲାର ୨୦ ହକର୍

# ସ୍କୁଲ ମୁଖ୍ୟ ତୋରଣ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୩।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ସିମେଣ୍ଟନଗର ହାଇସ୍କୁଲ ମୁଖ୍ୟ ପ୍ରବେଶ ଦ୍ୱାରରେ ନବନିର୍ମିତ ତୋରଣ ବୁଧବାର ଉଦଘାଟିତ ହୋଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ଡୋଲାମଣି ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ, ସ୍କୁଲ କମିଟି ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ, ଯୁବନେତା ଉମେଶ ପଣ୍ଡା, ପୂର୍ବତନ ଛାତ୍ର ଚନ୍ଦ୍ରକାନ୍ତ ପଟ୍ଟନାୟକ, ଦୁଃଖିଶ୍ୟାମ ସାହୁ, ସିଆରସିସି ଦିପ୍ତିମାନ ପାଣିଗ୍ରାହୀ, ଜ୍ଞାନ ସାହୁ, ଦେବଜୀବନ କର ଉପସ୍ଥିତ ଥିଲେ। ମୋ ସ୍କୁଲ ଅଭିଯାନରେ ସ୍କୁଲ ଆଲୁମିନି ଏବଂ ସରକାରୀ ଅନୁଦାନରେ ଉକ୍ତ ତୋରଣ ନିର୍ମିତ ହୋଇଛି। ଉକ୍ତ ସ୍କୁଲ ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ ହୋଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଜେସିଆଇର ଶପଥ ଗ୍ରହଣ ସମାରୋହ



ଜେସିଆଇର ଶପଥ ଗ୍ରହଣ ସମାରୋହ।

ବରଗଡ଼ ଅଫିସ୍,୨୩।୧୨

ବରଗଡ଼ର ଏକ ହୋଟେଲରେ ଜୁନିୟର ଚାମ୍ବର ଇଣ୍ଟର ନ୍ୟାଶନାଲ (ଜେସିଆଇ) ବରଗଡ଼ ୟୁନାଇଟେଡ୍ ଜୋନ ଆନୁକୂଲ୍ୟରେ ଗୁରୁବାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଆସନ୍ତା ୨୦୨୨ ବର୍ଷ ପାଇଁ ଅଜୟ ଅଗ୍ରୱାଲ ସଭାପତି, ରୋହିତ ଅଗ୍ରୱାଲ ସମ୍ପାଦକ ପଦ ପାଇଁ ଏଲଜିବି ଟିମ୍ ସହିତ ଶପଥ ଗ୍ରହଣ କରିଥିଲେ। ଏଥିରେ ନ୍ୟାଶନାଲ ଡାଇରେକ୍ଟର (ମ୍ୟାନେଜମେଣ୍ଟ) ଦେବେଶ ମାରୋଡ଼ିଆ ମୁଖ୍ୟଅତିଥି, ଜେସିଆଇ ବରଗଡ଼ ଅଧ୍ୟକ୍ଷ ତଥା ପାଷ୍ଟ ଜୋନ ପ୍ରେସିଡେଣ୍ଟ ଦିନେଶ ଅଗ୍ରୱାଲ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଅମନ ଶୁକ୍ଳା ନୂଆ ଟିମ୍‌କୁ ଶପଥ ଗ୍ରହଣ କରାଇଥିଲେ। ୨୦୨୧ର ଅଧ୍ୟକ୍ଷ ସୁନୀଲ ଗୁପ୍ତା ନୂତନ କାର୍ଯ୍ୟକାରିଣୀ ଟିମ୍‌କୁ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆଶିଷ ଧାନୁକା, ବିନୋଦ ଅଗ୍ରୱାଲ, ରୋଶନ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜେସିଆଇ ବରଗଡ଼ ୟୁନାଇଟେଡର ସମସ୍ତ ପୂର୍ବତନ ଅଧ୍ୟକ୍ଷ, ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ସଚିବ ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁର: ୪ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ

ସୋନପୁର,୨୩।୧୨(ନି.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ସୁବର୍ଣ୍ଣପୁର ଜିଲାରେ ୪ଟି ଅତ୍ୟାଧୁନିକ ବସଷ୍ଟାଣ୍ଡର ଗୁରୁବାର ଶିଳାନ୍ୟାସ କରିଛନ୍ତି। ଜିଲା ସଦର ମହକୁମା ସୋନପୁର ସମେତ ବୀରମହାରାଜପୁର, ଉଲୁଣ୍ଡା ଓ ବିନିକାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଏହି ବସଷ୍ଟାଣ୍ଡ ଜିଲାର ସାମଗ୍ରିକ ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଓସୱାନ ହଲଠାରେ ଏହି ଅବସରରେ ଭିଡିଓ କନଫରେନ୍ସିଂ ଯୋଗେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ସୋନପୁର ତହସିଲଦାର ନବୀନ କୁମାର ପାଢୀ, ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ବୀରମହାରାଜପୁର ତହସିଲଦାର ବିଧୁ ଗଡନାୟକ ଓ ଉଲୁଣ୍ଡା ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ଉପସ୍ଥିତ ଥିଲେ।


ଭିଡିଓ କନଫରେନ୍ସିଂ ଜରିଆରେ ବସଷ୍ଟାଣ୍ଡ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀବୃନ୍ଦ।

# ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

କୋକସରା,୨୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟରେ ବୁଧବାର ଓରମାସ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ମ୍ୟାନେଜମେଣ୍ଟ ୟୁନିଟ ଦ୍ୱାରା ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବିଡିଓ ମନୀଷା ଦାସ, ସମ୍ମାନିତ ଅତିଥି ଜିଲା ସଂଯୋଜକ ଆଦିତ୍ୟ ଆଚାର୍ଯ୍ୟ, ସୌମ ରଞ୍ଜନ ପଣ୍ଡା, ରାଜୀବ ଗୋପାଲ ପ୍ରମୁଖ ଯୋଗଦେଇ ବେରୋଜଗାର ଯୁବକଯୁବତୀ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଶିବିରରେ ୬ଟି କର୍ମନିଯୁକ୍ତି ଓ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୯୩ଜଣ ଯୁବତୀ ଯୁବକ ପଞ୍ଜିକରଣ କରିଥିଲେ। ଶିବିରକୁ ବ୍ଲକ ପ୍ରଗତି ସହାୟକ କ୍ଷମାନିଧି ସାହୁ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ମୁରିବାହାଲ, ୨୩।୧୨(ଡ଼ି.ଏନ.ଏ.)

### ୮୨୩୨ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ୩୬.୪୨କୋଟି

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଗୁରୁବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟରଞ୍ଜନ କୁମାରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ, ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗୁଣନିଧି ନାଏକ ଯୋଗ ଦେଇଥିଲେ। ବ୍ଲକରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସରେ ୮୨୩୨ ଗୋଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୩୬ କୋଟି ୪୨ଲକ୍ଷ ୬୭ହଜାର ଟଙ୍କା ବ୍ୟୟ କରାଯାଇଛି। ୧୧ ଲକ୍ଷ, ୪୨ ହଜାର ୬୨୪ ଗ୍ରାମ ଦିବସ ସୃଷ୍ଟି ହୋଇଛି। ଏପିଓ ସୁଶାନ୍ତ କୁମାର ଦାସ ସୂଚନା ଦେଇ କହିଥିଲେ ଯେ, ବ୍ଲକରେ ୩୭୧୯ ପରିବାର ୧୦୦ ଦିନର କାମ ପାଇଛନ୍ତି। ସେହିଭଳି ୮୯୧ପରିବାର ୨୦୦ ଦିନ ଏବଂ ୧୧ପରିବାର ୩୦୦ଦିନ କାମ ସମ୍ପୂର୍ଣ୍ଣ କରିଛନ୍ତି। ଏହି ଅବସରରେ ୩ଶହ ଦିନ କାମ ସମ୍ପୂର୍ଣ୍ଣ କରିଥିବା ୪ଜବକାର୍ଡଧାରୀ ଶ୍ରମିକ ଡଙ୍ଗରପଡାର ନାରାୟଣ ନାଗ, ଗାଁରେଇର ଗଜୀନ୍ଦ୍ର ଭୋଇ, ମାଲିସିରାର ଭକ୍ତି ଧାରୁଆ ଓ ଠାକୁର ଧାରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯୋଜନାକୁ ସଫଳ କରିଥିବା ଉକ୍ତ ପଞ୍ଚାୟତର ଜିଆରଏସଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଭୁବନ ସିଂ ସାହୁ, ସତ୍ୟନାରାୟଣ ସା, ସମନ୍ୱିତ ଶିଶୁ ଯୋଜନା ଅଧିକାରୀ ସରସି ପଣ୍ଡା, ଆକାଉଣ୍ଟ ଅଧିକାରୀ ଘିନୁରାମ ତାଣ୍ଡି, ବ୍ଲକ ସାମାଜିକ ସମୀକ୍ଷକ ନରେଶ କୁମାର ବେହେରା ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ମିଳିଲା କୋଭିଡ୍ ସହାୟତା ରାଶି

କୋକସରା,୨୩।୧୨(ଡି.ଏନ.ଏ.)

ରାଜ୍ୟ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ କୋଭିଡ୍ ସହାୟତା ରାଶି ୧ ହଜାର ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଡିଓ ମନୀଷା ଦାସ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ, ପିଇଓ ବିରଞ୍ଚି ନାରାୟଣ ଖର୍ସେଲ, ବ୍ଲକ ପ୍ରଗତି ସହାୟକ କ୍ଷମାନିଧି ଶବର ପ୍ରମୁଖ ଉପସ୍ଥିତିରେ ହିତାଧିକାରୀଙ୍କୁ କୋଭିଡ୍ ସହାୟତା ରାଶି ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି। ବ୍ଲକର ୨୨ଟି ପଞ୍ଚାୟତରୁ ୩୨ ହଜାର ୪୯୬ଜଣ ହିତାଧିକାରୀ ଏହି ସହାୟତା ରାଶି ପାଇବେ ବୋଲି ସୂଚନା ମିଳିଛି।

# ଇନ୍‌ଡୋର ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

କେସିଙ୍ଗା,୨୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହର ସ୍ଥିତ ବିଦ୍ୟାପୀଠ ସ୍କୁଲ ପରିସରରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଗୁରୁବାର ସନ୍ଧ୍ୟାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପିଡବ୍ଲୁଡିର ଏସଡିଓ ଭଗବାନ ସାହୁ, କେସିଙ୍ଗା ଏନ୍‌ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସ୍ଥାନୀୟ ଖେଳପ୍ରେମୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସୂଚନା ଯେ,୬.୮୮କୋଟିବ୍ୟୟ ଅଟକଳରେ ଏହି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି। ଆସନ୍ତା ନୂତନ ବର୍ଷଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଇନଡୋର ଷ୍ଟାଡିୟମ ନିର୍ମାଣ ହେଲେ କେସିଙ୍ଗା ଅଞ୍ଚଳର କ୍ରୀଡା ପ୍ରେମୀମାନେ ବହୁ ସୁବିଧା ସୁଯୋଗ ପାଇବେ।

# ଜାତୀୟ କୃଷକ ଦିବସ ପାଳିତ

କର୍ଲାମୁଣ୍ଡା,୨୩।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଶାଖାଲ କେନ୍ଦୁପଡାଠାରେ ସିଶାଖାଲ ଗ୍ରାମ ଉନ୍ନୟନ ସମିତି ପକ୍ଷରୁ ଗୁରୁବାର ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରସରେ ସାମାଜିକ କର୍ମୀ ଅମ୍ବରିଷ ମିଶ୍ର, ପ୍ରଦୀପ କୁମାର ସାହୁ, ବ୍ଲକ ଭିଡିସି ଫେଡରେଶନ ସଭ୍ୟ ଜୀବରଧନ ସାହୁ, ହେମନ୍ତ ସାହୁ, ଚନ୍ଦ୍ରମଣି ମାଝି ଯୋଗଦେଇ ବିଷମୁକ୍ତ ଚାଷ କରିବା ସହ ବିଷମୁକ୍ତ ଖାଦ୍ୟ ଖାଇବା ଉପରେ ଆଲୋଚନା କରିଥିଲେ।

# ଫିଡେ ଷ୍ଟେଟ୍ ରେଟିଂ ଓପନ୍ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୨୩।୧୨

ବଲାଙ୍ଗୀର ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ବଲାଙ୍ଗୀର ଫିଡେ ଷ୍ଟେଟ ରେଟିଂ ଓପନ୍ ଚେସ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସୁଦପଡା କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଓଡିଶାର ୨୪ଟି ଜିଲାରୁ ୧୬୪ ପ୍ରତିଯୋଗୀ ଭାଗ ନେଇଛନ୍ତି। ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଜିଲାପାଳ ରାଣା ଚେସ୍ ଆସୋସିଏଶନ ସମ୍ପାଦକ ପ୍ରିୟବ୍ରତ ପଣ୍ଡାଙ୍କ ସହ ପ୍ରଥମ ମ୍ୟାଚ୍ ଖେଳି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଫିଡେ ରେଟିଂଭୁକ୍ତ ଏହି ଟୁର୍ନାମେଣ୍ଟର ଆୟୋଜନ ପାଇଁ ଆୟୋଜକ ଜିଲା ଚେକ୍ ଆସୋସିଏଶନ୍‌କୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ସଭାରେ ବୌଦ୍ଧ, ସୋନପୁର, ଝାରସୁଗୁଡା, ସମ୍ବଲପୁର, କେନ୍ଦ୍ରାପଡା, ସୁନ୍ଦରଗଡ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ, ଚିପ୍ ଆର୍ବିଟର ଭବେଶ ମହାନ୍ତି, କୈଳାସ ମିଶ୍ର, ଶୁକଦେବ ଗୁରୁ ମଞ୍ଚାସୀନ ଥିଲେ। ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢ଼େଇ ସଭାରେ ପୌରୋହିତ୍ୟ କରିଥିଲେ। ୨୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ୨୬ରେ ରେଟିଂ ତାଲିକା ସହ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରାଯିବ।


ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଚେସ୍ ଖେଳି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।